
# ଦୂରଦୃଷ୍ଟି

diSA
ଓଡ଼ିଆ ସମାଜ
one team one dream

ଓଡ଼ିଆ ସମାଜର ମୁଖପତ୍ର

ତୃତୀୟ ଅଙ୍କ, ଶକାବ୍ଦ ୧୯୨୬, ଶ୍ରାବଣ ମାସ



Journal of Odia Samaja, Volume 3, August 2004

## Contents


| Title | Author | Page |
|---|---|---|
| ସଂପାଦକୀୟ | Satya Dash | 3 |
| ମୁଖ୍ୟ ନିର୍ବାହୀଙ୍କ କଲ ମରୁ ପଦେ | Shuvendu Dang | 6 |
| ଓଡିଶାର ଲୋକ ସଂସ୍କୃତି | Mahendra Kumar Mishra | 8 |
| କେଳୁ ବାବୁ, ମୋର ଗୁରୁବର୍ଗ, ଓ ମୁଁ | Chitralekha Patnaik | 14 |
| Pioneer Educationist of Orissa Pandit Harihar Dash Sharma | Bikram Dash | 17 |
| ଆଶା କୁହୁକିନୀ | Soudamini Dei | 20 |
| Preventable Diseases in Orissa | Markandeswara Panda | 21 |
| ମାୟା | Soudamini Dei | 27 |
| Orissa Bikash Initiative (OBI) Progress Report | Suryakanta Mishra | 28 |
| Pandabhaina's *What Not Store* and other Anecdotes | Dhanada Mishra | 30 |
| ଈଶ୍ୱରାନୁଭୂତି -୧ | Jagabandhu Behera | 33 |
| ସଂବିତ | Niranajan Mohanty | 34 |
| Riddles | Smita Patanaik | 34 |
| ସପ୍ତଆମ୍ର | Anil Panigrahi | 35 |
| ଈଶ୍ୱରାନୁଭୂତି- ୨ | Jagabandhu Behera | 37 |
| Why Paradigm Shift for an Oriya is so Difficult? | Biswa Ranjana Jena | 38 |
| ଜୀବନ ପାତ୍ର | Swapnalata Ratha | 39 |
| ମହାଯାତ୍ରା | Parashara Mishra | 43 |


## Contents


| Title | Author | Page |
|---|---|---|
| Preaching is Easy | Sruti Mohapatra | 44 |
| ଅଜଣା ଜଞ୍ଜାଳ | Shikhanda Satapathy | 45 |
| ଟରୋଣ୍ଟୋରେ ଓଡିଆ ସମାଜ ବଣଭୋଜି | Satya Dash | 46 |
| An Incident from Memory Lane | Chandra Mishra | 47 |
| ଗୁରୁ କେଳୁଚରଣ ମହାପାତ୍ର — ସଂକ୍ଷିପ୍ତ ଜୀବନୀ ଓ କାର୍ଯ୍ୟ | Satya Dash | 48 |
| Memoirs of a Legendary Guru of Odissi Dance | Jhelum Paranjape | 51 |
| Answers to Riddles | Smita Patanaik | 54 |
| କେଳୁବାବୁ ଓ ଅକ୍ଷୟ ମହାନ୍ତି — କାହାର କେତେ କୃତିତ୍ୱ | Satya Dash and Debasmita Mishra | 55 |
| ମୁର୍ଗା ମହାଦେବ | Purnendu Shatapathy | 56 |
| ସମୟ ଦାନ (Time donations) | Sujeet Jena | 57 |
| ସ୍ମୃତି | Akhila Padhi | 60 |
| ନିଜସହ କଥାବାର୍ତା | Pravakar Satpathy | 60 |
| An Ode to Guru Kelucharana Mohapatra | Ellora Patnaik | 61 |
| ଭୂମି ଓ ଜୀବନ | Bijoy Mishra | 62 |
| ମାଣ ମୋ ପୁରିଲା ସେର ମୋ ପୁରିଲା | Manoranjan Satapathy | 63 |
| Homage to the Father of Odissi | Devaraj Patnaik | 64 |

# ଦୂରଦୃଷ୍ଟି

ଓଡ଼ିଆ ସମାଜର ମୁଖପତ୍ର

diSA ଓଡିଆ ସମାଜ one team one dream



**Editors:** Satya Ranjan Dash and Anil Panigrahi

**Editorial Board:** Ahimanikya Satpathy, Anil Panigrahi, Biswa R. Patnaik, Debasmita Misra, Markandeswar Panda, Satya Ranjan Dash, Sanjeet Mishra, and Shuvendu Dang.

**Cover and Layout:**
Bikash Panda

**Contact E-mail:** duradrusti@odiya.org
**Website:** http://www.odiya.org/duradrusti


ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କ ଚିନ୍ତାଧାରା ଓ ବାର୍ତ୍ତାଳାପରେ ଅନ୍ତର୍ନିହିତ ଦୂରଦର୍ଶିତାକୁ ଏକ ଲିଖିତ ରୂପାୟନ ଦେବାର ଅଭୀପ୍ସା ନେଇ "ଦୂରଦୃଷ୍ଟି"ର ଜନ୍ମ । ଓଡ଼ିଶା ପ୍ରଦେଶ ଓ ଓଡ଼ିଆ ଜାତି ପାଇଁ ସେ' ସମସ୍ତ ସଦିଚ୍ଛା ଓ ଶୁଭାକାଙ୍କ୍ଷାକୁ କର୍ମକ୍ଷେତ୍ରରେ ପ୍ରତିପାଦନ ପ୍ରଚେଷ୍ଟାରେ ସବୁ ଓଡ଼ିଶାପ୍ରେମୀ ଓ କର୍ମୋଦ୍ୟୋଗୀ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ଏ' ମୁଖପତ୍ରର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

"dUradRuSTi" feeds on the flames of farsightedness flickering in the hearts and minds of Oriyas all over the world. As the mouthpiece of oDiA samAja (OdiSA), the newsletter aspires to inspire all Orissa lovers in the service of our motherland, Orissa.

## ସଂପାଦକଙ୍କ ଲେଖନୀରୁ ... ...

ପ୍ରିୟ ପାଠକ ଓ ପାଠିକା ଗଣ,

ଦୂରଦୃଷ୍ଟିର ତୃତୀୟ ସଂସ୍କରଣର ଶୁଭ ଉନ୍ମୋଚନ ଅବସରରେ ଆପଣଙ୍କୁ ଅଭିନନ୍ଦନ ଜଣାଉଛୁ । ଯେ କୌଣସି ପତିକାର ସର୍ବପ୍ରଥମ କାର୍ଯ୍ୟକର୍ତ୍ତାଙ୍କ ସ୍ଥାନ ଅନନ୍ୟ । ନା କେବେ ତା'ର ସ୍ଥାନୀୟକରଣ ସମ୍ଭବ, ନା କେବେ ଅନ୍ୟ କୌଣସି ପରବର୍ତ୍ତୀ ବ୍ୟକ୍ତି ସେ ପରିକଳ୍ପନା ପୁନର୍ବାର ପାରମ୍ଭ କରିପାରିବ । ଏହି ଅତିଉଚ୍ଚ ପାହାଚ ପୃଷ୍ଠଭୂମିରେ ରଖି, ଯଦି କୌଣସି ତ୍ରୁଟି ରହିଯାଇଥିବ ସେଥିପାଇଁ କ୍ଷମାପାର୍ଥନା କରୁଅଛୁ । ଏହି ଅବସରରେ ଆମର ପଥମ ସଂପାଦକ ଦ୍ୱୟ ଶ୍ରୀ ମାର୍କଣ୍ଡେଶ୍ୱର ପଣ୍ଡା ଓ ଶ୍ରୀ ବିଶ୍ୱ ରଞ୍ଜନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଓ ସମ୍ମାନ ଜ୍ଞାପନ କରୁଅଛୁ ।

ଯେ କୌଣସି ଜାତିର ଗର୍ବ ଓ ଆତ୍ମପ୍ରତ୍ୟୟର ଉତ୍ସ ସେ ଜାତିର ସୁସଫଳ ଓ ଉଦ୍ୟୋଗୀ ଜନତା । ସେ ଜନତାର ଅନେକାଂଶ ପୁରୁଷାକାରରେ ନହେଲେ ବି ଖଦ୍ୟୋତ ପରି ଅର୍ଦ୍ଧ-ଅଦୃଶ୍ୟ ରହି ଜାତିକୁ ଜ୍ୟୋତ୍ସ୍ନା ଆଲୋକିତ କରନ୍ତି । ତନ୍ମଧ୍ୟରୁ କତିପୟଙ୍କ ପ୍ରତିଭା ଓ ସଫଳତା ଏତେ ସୁଦୂରପ୍ରସାରୀ ହୋଇଥାଏ ଯେ ତାହା ଜାତିକୁ ଦୀର୍ଘକାଳ ଧରି ଅନୁପ୍ରେରିତ କରେ, ସମ୍ମୋହିତ କରି ରଖେ । ଏଭଳି ପ୍ରତିଭାଧରଙ୍କ ଜୀବଦ୍ଦଶାରେ ସମାଜ ଓ ଜାତି କ୍ୱଚିତ୍ କେବେ କିଛି ପ୍ରତିଦାନ ଦେଇପାରେ । ବୈସାଦୃଶ୍ୟରେ ଜାତି ଓ ସମାଜ ତାଙ୍କ ଚାଲିଯିବାପରେ ତାଙ୍କର ଅଭାବ ଉପଲବ୍ଧି କରେ । ନୃତ୍ୟଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କ କ୍ଷେତ୍ରରେ ତାଙ୍କର ପେଶାଗତ ଓ କାଳାନୁକ୍ରମିକ ଜୀବନର ଶେଷ ସମୟରେ 'ଓଡିଆ ସମାଜ' ଜାତିପ୍ରତି ତାଙ୍କର ଏ ପରମ ଅବଦାନ ଉପଲବ୍ଧି କରିଥିଲା ।

ଶ୍ରୀ କେଳୁଚରଣ ମହାପାତ୍ରଙ୍କ ଅବଦାନକୁ ଅତୁଳନୀୟ କହିବା ଏକ ଅବିକଶିତ ପ୍ରଶସ୍ତି ହେବ । କେଳୁ ବାବୁ ଓ ତାଙ୍କର କତିପୟ ସମସାମୟିକଙ୍କ ଆବିର୍ଭାବ ପୂର୍ବରୁ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ ଭାବରେ ଗୃହିତ ହେଉ ନ ଥିଲା । ଓଡିଶୀ ନୃତ୍ୟର ପୁନରାବିର୍ଭାବ ଓ ବିକାଶ, ଏବଂ ଓଡିଶୀ ନୃତ୍ୟକୁ ଏକ ଶାସ୍ତ୍ରୀୟ ନୃତ୍ୟ ଭାବରେ ପତିଷ୍ଠିତ କରିବାରେ କେଳୁ ବାବୁଙ୍କ ଭୂମିକା ଅନନ୍ୟ । ଓଡିଆ ଜାତି ସଦା-ସର୍ବଦା ତାଙ୍କ ପାଖରେ କୃତକୃତ୍ୟ ହୋଇ ରହିବ । ଏଣୁକରି ଦୂରଦୃଷ୍ଟିର ଏହି ସଂସ୍କରଣ କେଳୁ ବାବୁଙ୍କପ୍ରତି ଉତ୍ସର୍ଗିକୃତ ।

ଏହି ଅଙ୍କରେ ଶ୍ରୀମତୀ ଚିତ୍ରଲେଖା ପଟ୍ଟନାୟକ, ଯେ କି ତାଙ୍କ ବାଲ୍ୟକାଳରୁ କେଳୁବାବୁଙ୍କ ସହ ସଂଶ୍ଳିଷ୍ଟ ଥିଲେ, ତାଙ୍କ ଅଭୁଲା ସ୍ମୃତିର ପୁନଃସ୍ମରଣ କରିଛନ୍ତି । ଉପର୍ଯ୍ୟୁପରି, କେଳୁବାବୁଙ୍କ ଶିଷ୍ୟା ତଥା ଜଣେ ପ୍ରତିଷ୍ଠିତା ନୃତ୍ୟଶିକ୍ଷୀ ଶ୍ରୀମତୀ ଝେଲମ୍ ପାରାଞ୍ଜପେ ମଧ୍ୟ ସ୍ମୃତିଚାରଣ କରିଛନ୍ତି ।

ଶାସ୍ତ୍ରୀୟ କଳା ଓ ଲୋକ କଳା ଭିତରେ ଗଭୀର ସଂପର୍କ । ଲୋକ କଳା ବିନା ଶାସ୍ତ୍ରୀୟ କଳାର ଆବିର୍ଭାବ ଅସମ୍ଭବ, ବିକାଶ ଅଚିନ୍ତନୀୟ । ଶ୍ରୀ ମହେନ୍ଦ୍ର ମିଶ୍ରଙ୍କ ଓଡିଆ ଲୋକସଂସ୍କୃତି ପ୍ରବନ୍ଧ ଏହି ଭାବ ଉନ୍ମୋଚନ କରେ । ପ୍ରଶ୍ନ ଉଠେ, ଲୋକ କଳା କଣ?

ଆଜିକାର ଲୋକକଳା ଗତ କାଲିକାର ଜନସଂସ୍କୃତି । ହୁଏତ ଆଜିକାର ଲୋକକଳା ଆସନ୍ତା କାଲିର ଶାସ୍ତ୍ରୀୟ କଳାର ଉତ୍ସ । କହିବାକୁ ଗଲେ ଲୋକକଳା ଓ ଜନସଂସ୍କୃତି ଏବଂ ଶାସ୍ତ୍ରୀୟ କଳାଙ୍କର ଗଭୀର ସମ୍ପର୍କ ହୁଏତ ଥାଇପାରେ । ତା'ହେଲେ କେଉଁ କଳାକାରର ଅବଦାନ ଅଧିକ ଗୁରୁତ୍ୱପୂର୍ଣ ଅଟେ? ଶ୍ରୀ ସତ୍ୟରଞ୍ଜନ ଦାଶଙ୍କ ଓ ଶ୍ରୀ ଦେବସ୍ମିତ ମିଶ୍ରଙ୍କ ଗତିଶୀଳ କଥୋପକଥନଧର୍ମୀ ପ୍ରବନ୍ଧଟି ଏହା ଉପରେ ଆଲୋକପାତ କରେ ।

ପ୍ରବାସୀ ଓଡିଆ ଯେବେ ଭିନ୍ନ ଦେଶ ଦେଖେ, ସେ ନିଜ ଦେଶ-ମାଟି କଥା ଭାବେ; ଭାବେ ତା' ନିଜ ଦେଶ-ମାଟିର ସାମଗ୍ରିକ ଉନ୍ନୟନ ହେଉନାହିଁ କାହିଁକି, ଓ ହେବ କେବେ । ଭାବେ, ଏ ଦିଗରେ ତା' ନିଜ କର୍ତ୍ତବ୍ୟ କଣ? ଶ୍ରୀ ସୁଜିତ ଜେନା ଓ ଶ୍ରୀ ବିଶ୍ୱରଞ୍ଜନ ଜେନା ଏ ପରିପ୍ରେକ୍ଷୀରେ ନିଜ ନିଜ ମତ ବ୍ୟକ୍ତ କରିଛନ୍ତି । ଏକହିଁ ବ୍ୟାକୁଳତାରୁ 'ଓଡିଆ ସମାଜ'ର **Orissa Bikash Initiative, OBI**ର ଜନ୍ମ । ଶ୍ରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ଶ୍ରୀ ଶରତ ପଟ୍ଟନାୟକ **OBI**ର ସାମ୍ପ୍ରତିକ କାର୍ଯ୍ୟକାରିତା ଓ ଉପଲବ୍ଧି ସମ୍ୟକ ଆଲୋଚନା କରିଛନ୍ତି ।

ପ୍ରଖ୍ୟାତ କବି ଶ୍ରୀ ପ୍ରଭାକର ଶତପଥୀ, ତଥା ସ୍ୱର୍ଗତା ସୌଦାମିନୀ ଦେଇଙ୍କ ଜୀବନଧର୍ମୀ କବିତା ତଥା ଯୁଗଜନ୍ମା ପଣ୍ଡିତ ହରିହରଙ୍କ ଜୀବନୀ ଏ ସଂଖ୍ୟାକୁ ରୁଦ୍ଧିମନ୍ତ କରିଛି । ଏବଂ, ଏତଦ୍‌ଭିନ୍ନ ବହୁ ଅନେକ ରୁଚିପୂର୍ଣ ଲେଖାରେ ପୁଷ୍ଟ ଏ ସଂଖ୍ୟାର ଦୂରଦୃଷ୍ଟି ଆଶା ଆପଣଙ୍କୁ ଏହା କିଛିଟା ଆନନ୍ଦ ଦେବ, ଚିନ୍ତନ ପାଇଁ କିଛି ଖୋରାକ ଦେବ ।

କଥାରେ ଅଛି "ଗାଁ ସୁନ୍ଦରୀ ସିଂଘାଣୀ ନାକୀ" । ଏହି ନିୟମାଅନୁଯାୟୀ କୌଣସି ଜିନିସର ଅଭାବ ଉପଲବ୍ଧି କରିହୁଏ କେବଳ ସେ ଜିନିଷ ଗୁଡିକର ସୁଲଭତା ଯେସମୟରେ ହ୍ରାସ ପାଇଥାଏ । ସ୍ୱଦେଶ ତଥା ବିଦେଶରେ ନିଜ ମାତୃଭାଷା ଓ ମାତୃଭୂମୀ ପ୍ରେମର ଅଭାବବୋଧ, ସେହି ବେଦନା, ସଂପାଦକ ଦ୍ୱୟଙ୍କ ଭିତରୁ ଜଣକୁ(ସତ୍ୟ ଦାଶ) ଉତ୍ସାହିତ କରିଛି ତା'ଙ୍କର ପ୍ରଥମ ଓଡିଆ ପ୍ରବନ୍ଧ ଲେଖା ସୃଷ୍ଟି କରିବା ପାଇଁ । ଏହି ଅଙ୍କରେ ଅନେକ ପରିବେଷିତ ଲେଖା ଏତେ ଉଚ୍ଚକୋଟୀର ଯେ ସଂପାଦକ ପକ୍ଷରେ ଏହା ସଂଶୋଧନ କରିବା ବହୁତ କଠିନ, ଏପରିକି ଅସମ୍ଭବ କହିଲେ ଚଳେ । ଆମେ ସଂପାଦନା ପରିବର୍ତ୍ତେ କେବଳମାତ୍ର ସଂକଳନ କରିଛୁ -- ଏହି ପଟ୍ଟଭୂମିକୁ ଆଖିଆଗରେ ରଖି ଆମ ଓଡିଆ ଲେଖାରେ ଯତ୍‌କିଞ୍ଚିତ୍ ତ୍ରୁଟି ପାଠକ ମାର୍ଜନା କଲେ କୃତଜ୍ଞ ହେବୁ ।

ଏହି ଅଙ୍କରେ ରହିଯାଇଥିବା ସମସ୍ତ ତ୍ରୁଟି ସଂପାଦକଙ୍କର । ସମସ୍ତ ଉଚିତ୍ ଓ ମନୋରଞ୍ଜକ ତଥ୍ୟ ଲେଖକ-ଲେଖିକାଙ୍କର । ତ୍ରୁଟି ଓ ସମାଲୋଚନା ସଦା-ସର୍ବଦା ଦୂରଦୃଷ୍ଟି ଆମନ୍ତ୍ରଣ କରୁଛି । ଆପଣଙ୍କ ଆଲେଚନା-ସମାଲୋଚନା ହିଁ ଆମକୁ ଏକ ତ୍ରୁଟିହୀନ ଭବିଷ୍ୟତ ଦିଗରେ ଆଗେଇନେବ । ଆପଣଙ୍କ ସମାଲୋଚନା ଓ ଉତ୍ସାହ ପାଇଲେ ଆମେ କୃତଜ୍ଞ ହେବୁ ।

ଶ୍ରୀ ସତ୍ୟରଞ୍ଜନ ଦାଶ
ଟରୋଣ୍ଟୋ, କାନାଡା

ଶ୍ରୀ ଅନୀଲ କୁମାର ପାଣିଗ୍ରାହୀ
ସଲ୍‌ଟ୍ ଲେକ୍ ସିଟି, ଯୁକ୍ତରାଷ୍ଟ୍ର ଆମେରିକା

ଠିକଣା: **duradrusti@odiya.org**



ସାପକୁ କେବେ ଗାତ ଭିତରକୁ ପୂରାଇ ଦେବ ନାହିଁ । ଦେଖିଲା ସାପ ଗାତରେ ପଶିଲେ ଆଉ ବାହାରିବା ସମ୍ଭବ ନୁହେଁ ।

*ଆମ ପ୍ରଚ୍ଛଦପଟ*

ଏହି ଅଙ୍କଟି କେଳୁ ବାବୁଙ୍କ ସ୍ମରଣାଙ୍କ। କେଳୁ ବାବୁ ଇହ ଜଗତରୁ ବିଦାୟ ନେଇଥିଲେ ଅପ୍ରେଲ୍ ୭, ୨୦୦୪ ରେ। ଓଡିଶୀ ନୃତ୍ୟର ଉଦୀୟମାନା ଛାତ୍ରୀ ଓ ପ୍ରଦର୍ଶିକା କୁମାରୀ ମାଳିନୀ ଗୁହ। ଓ କେଳୁବାବୁଙ୍କୁ ପଞ୍ଚାଭୀରୂପ ଦେଇଛନ୍ତି ଶ୍ରୀ ବିକାଶ ପଣ୍ଡା। କୁମାରୀ ମାଳିନୀ ଗୁହ। ଟରୋଣ୍ଟୋରେ ଅବସ୍ଥାନ କରନ୍ତି। ସେ ଚିତ୍ରଲେଖା ଡ୍ୟାନ୍ସ୍ ଅକାଡେମୀର ଦ୍ୱିତୀୟ ଛାତ୍ରୀ ଯେ ମଞ୍ଚପ୍ରବେଶ ସଂପୂର୍ଣ୍ଣ କରିଛନ୍ତି। କୁମାରୀ ମାଳିନୀ ଉତ୍ତର ଆମେରୀକାରେ ବିଭିନ୍ନ ନୃତ୍ୟାନୁଷ୍ଠାନରେ ତାଙ୍କ କଳା ପ୍ରଦର୍ଶନ କରିଛନ୍ତି।

*Our Cover Page*

This issue is dedicated to Kelu Babu, the legendary Odishi exponent Guru Shree Kelucharan Mohapatra, who passed away on April 7, 2004. The cover page presents the guru in one of his many divine moments. The accompanying lady is Malini Guha of Toronto. Malini Guha is an exponent of Odishi dance. She is the student of Smt. Chitralekha Patnaik through the Chitralekha dance academy. Mailini recently completed her *manchaprabesha* and is a famous dancer in Canada, having exhibited her talents at many shows. Kelu Babu and Malini have been brought to life by Shree Bikash Panda.

*Our Sponsors*

Matri Zone
Free Indian Matrimonial online
www.MatriZone.com



www.seeodissi.com

mahanadi .com
echoes from Orissa
www.Mahanadi.com

*Acknowledgments*

We would like to express our sincere gratitude and appreciation to all without whose efforts the current edition of our electronic journal, "ଦୂରଦୃଷ୍ଟି" would not have been possible: notable among them are our esteemed authors for their contributed articles,

*Disclaimer*

Although the articles are edited by the Editor, and the members of the Editorial Board, with the best of their abilities, the contents and views are those of the individual authors or contributors. We express our regrets for any errors that has escaped our notice at the time of its release.



ଭଲା ରାମଚଣ୍ଡୀ ଭଲାରେ,
କଳାପାହାଡକୁ ଦୁଆରେ ବସାଇ
ଭଲା ପାଣି ଆଣି ଗଲାରେ
-- ଢଗ

## ଓଡ଼ିଆ ସମାଜର ମୁଖ୍ୟ ନିର୍ବାହୀଙ୍କ କଲମରୁ ପଦେ

It is a great pleasure to see the release of the third great issue of ଦୂରଦୃଷ୍ଟି. On behalf of ଓଡ଼ିଆ ସମାଜ, I would like to thank both the editors Satya Ranjan Dash and Anil Panigrahi for the great effort they have put together in bringing out this issue. This issue like the previous two issues has got an exciting collection of beautiful poems, informative articles and interesting stories, which I'm sure the readers will love. It is also important to thank the editors who played a wonderful role in bringing out the innagural two issues.

One thing that one may notice in this issue, as well as the previous issues, is the theme of the articles, stories and poems. Most of the articles indicate a deep desire among the writers for doing something for their ମାତୃଭୂମୀ.

It shows that we are not happy with the current state of affairs in ଓଡ଼ିଶା, and we definitely want to do something to improve it. If one goes through the different issues of ଦୂରଦୃଷ୍ଟି, one can very well get an idea about the ideas the authors have to solve the different issues in ଓଡ଼ିଶା. But in many cases it is not possible to do it individually. This is where ଓଡ଼ିଆ ସମାଜ comes in. We are a worldwide organization where people can share their ideas and implement them.

The beauty about ଓଡ଼ିଆ ସମାଜ is that its an organization where the belief is that together we can make any dream come true, no matter where we are. The aim is, to make the common vision of about ଓଡ଼ିଶା come true. A vision about a ଓଡ଼ିଶା, developed not just in monetary terms, but also in terms of arts, culture, literature, technology, sports, politics and every other field. A vision about ଓଡ଼ିଆs excelling in business, technology, arts, culture, literature, politics, sports and every other field we should and we can. A vision about proud ଓଡ଼ିଆs. A vision about a time when ଓଡ଼ିଶା is the model state for others to follow.

That is the reason why we in ଓଡ଼ିଆ ସମାଜ have an all round approach. It's a committee oriented organization with definite goals for every time period. Each member of ଓଡ଼ିଆ ସମାଜ is not just a member, but a volunteer, contributing to the various projects in the individual committees. One of the best examples of such projects is ଦୂରଦୃଷ୍ଟି itself. One would really be impressed by the dedication of the people involved in the production of ଦୂରଦୃଷ୍ଟି, which has made ଦୂରଦୃଷ୍ଟି such a great success.

ଓଡ଼ିଆ ସମାଜ is already incorporated in USA, and would soon be registered in India and in other parts of the world. We already have a decent membership base in different parts of the world including India, North America and Australia. And we have already started working on some projects under different committees. I would like to invite exciting people having a optimistic vision for ଓଡ଼ିଶା to enrich ଓଡ଼ିଆ ସମାଜ with their ideas. We also have affiliation programs which other organizations willing to work with ଓଡ଼ିଆ ସମାଜ can take advantage of. To know more about the ଓଡ଼ିଆ ସମାଜ please visit






www.oDiAsamAja.org and talk to existing ଓଡ଼ିଆ ସମାଜ members. We would be happy to talk to you about our organization structures, existing projects and how you can contribute to the projects or may be even start a new project. I am sure you would like to join this exciting and progressive organization where everybody has the opportunity to make his or her ideas and dreams come true.

We have an affiliated discussion group at groups.yahoo.com/myodisa, where a variety of discussion takes place. It is a meeting forum of more than 500 odiya, who discuss on many subjects related to Orissa, Oriya, and beyond. The volume of activity is enough to follow and participate, but not so much as to be tiresome (200-300 mails per month). Various options such as full e-mail receipt, daily digest mode, or web only mode are available to control the level of activity received from the discussion mails.

I would like to wish you a very happy Independence Day. And do not forget to enjoy this issue of ଦୂରଦୃଷ୍ଟି.

ଶୁଭେଚ୍ଛା ସହିତ,




ଶୁଭେନ୍ଦୁ ଡାଙ୍ଗ୍
ମୁଖ୍ୟ ନିର୍ବାହୀ, ଓଡ଼ିଆ ସମାଜ





# ଓଡିଶାର ଲୋକ ସଂସ୍କୃତି

ମହେନ୍ଦ୍ର କୁମାର ମିଶ୍ର, ବଲାଙ୍ଗିର, ଓଡିଶା

*Mahendra Kumar Mishra is a noted researcher of Oriya folk culture. Residing in Kalahandi, he is geographically close to the people who form the subject area of his research. He is a prolific writer. His research has been published in many journals, and available widely on the world wide web.*

ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳର ନାରିକେଳ ତାଳତମାଳ ଘେରା ଚିର ସବୁଜ ଦୃଶ୍ୟପଟରେ ସମତଳବାସୀ କୃଷିଜୀବୀ, ମତ୍ସ୍ୟଜୀବୀ ଓ ନାବିକମାନଙ୍କ ଜୀବନଧାରା ଓ ସଂସ୍କୃତିର କମନୀୟ ପରିପ୍ରକାଶ ସହିତ ଦକ୍ଷିଣ ପଶ୍ଚିମ ଓ ଉତ୍ତର ଓଡିଶାର ଦ୍ରାବିଡ ଓ ମୁଣ୍ଡାରୀ ଗୋଷ୍ଠୀର ଅସଂଖ୍ୟ ଅଧିବାସୀମାନଙ୍କର କୃଷିଭିତ୍ତିକ ସଭ୍ୟତା ତଥା ସଂଲଗ୍ନ ଅରଣ୍ୟଜିବୀ ସଭ୍ୟତାର ସମଷ୍ଟିକୁ ନେଇ ଓଡିଶାର ଲୋକସଂସ୍କୃତିପରିପୁଷ୍ଟ ଓ ପରିବର୍ଦ୍ଧମାନ ।

ଓଡିଶାର ଲୋକସମାଜ କହିଲେ ଅତୀତରୁ ବର୍ତ୍ତମାନଯାଏ ଶବର, ଦ୍ରାବିଡ, ଓ ଆର୍ଯ୍ୟମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଆନ୍ତଃକ୍ରିୟାକୁ ହିଁ ବୁଝାଏ । ଓଡିଶାର ସଂସ୍କୃତି ଅଧ୍ୟୟନରେ ପଣ୍ଡିତ ନୀଳକଣ୍ଠଠାରୁ ଆରମ୍ଭକରି ସଂପ୍ରତି ଓଡିଆବିଦ୍ୟା ଅଧ୍ୟୟନରତ ଜର୍ମାନ ପଣ୍ଡିତ ହୁର୍‌ମାନ୍ କୁଲକେ ପର୍ଯ୍ୟନ୍ତ ମତ ଦିଅନ୍ତି ଯେ, ଓଡିଶାର ସଂସ୍କୃତି ଆଦିବାସୀ ସଂସ୍କୃତିପ୍ରଭାବିତ । ନୀଳକଣ୍ଠ ତେଣୁ କହିଥିଲେ ଭାଷାରେ ଓଡିଶା ଆର୍ଯ୍ୟ ହେଲେବି ସଂସ୍କୃତିରେ ଦ୍ରାବିଡ ।

ଓଡିଶାରେ ପ୍ରଥମେ ଥିଲେ ଶବର, ତା'ପରେ ଆସିଲେ ଦକ୍ଷୀଣରୁ ଦ୍ରାବିଡ । ଶବର ଓ ଦ୍ରାବିଡମାନଙ୍କ ସାଂସ୍କୃତିକ ସମନ୍ୱୟରୁ ଉଦ୍ଭୁତ ବୈଶିଷ୍ଟ୍ୟକୁ ପରବର୍ତ୍ତି କାଳରେ ଆର୍ଯ୍ୟମାନେ ଓଡିଶାକୁ ଆସି ଆତ୍ମୀକରଣ କଲେ । ତେଣୁ ଓଡିଆ ସଂସ୍କୃତିର ସଙ୍କେତ ଖୋଜିବସିଲେ ସେଇ ଶବର ଓ ଦ୍ରାବିଡ ସମନ୍ୱୟ ଚେତନାର ଅନୁଶୀଳନ କରିବାକୁ ହେବ ।

ଅବସ୍ଥିତି ଦୃଷ୍ଟିରୁ ଓଡିଶାର ଲୋକସମାଜକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା -- ଆଦିମ ସମାଜ, କୃଷିଭିତ୍ତିକ ସମାଜ ଓ ପୌରସମାଜ । ଆର୍ଥିକ-ସାମାଜିକ ଦିଗରୁ ସମାଜକୁ ଏହିପରି ବିଭାଜନ କରାଯାଏ ସିନା, ସଂସ୍କୃତି କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । କାରଣ ପୌରସମାଜ ସହିତ ଆର୍ଥିକ ଦୃଷ୍ଟିରୁ ସଂପୃକ୍ତ କୃଷିଭିତ୍ତିକ ସମାଜର ସାଂସ୍କୃତିକ ଆଦାନ ପ୍ରଦାନ ହୋଇଥାଏ । ଏହି କ୍ଷେତ୍ରରେ ପୌର ସମାଜର ପରିନିଷ୍ଠିତ ସାହିତ୍ୟ, କଳା, ଶିଳ୍ପ ଓ ଆଦର୍ଶ କୃଷିଭିତ୍ତିକ ସମାଜର ଅନୁକରଣୀୟ ହୁଏ । ପୁଣି କୃଷିଭିତ୍ତିକ ସମାଜର କମନୀୟ କଳା, ଶିଳ୍ପ ଓ ସ୍ଥାପତ୍ୟର ପୌରସମାଜରେ ଆଦର ରହିଥାଏ । ସାହିତ୍ୟ ଓ କଳାର ଆଦୃତି ପଛରେ ରହିଛି ଆର୍ଥିକ, ସାମାଜିକ ଓ ଧର୍ମୀୟ ସହାବସ୍ଥାନ । ତେଣୁ ପୌରସମାଜ ତଥା କୃଷିଭିତ୍ତିକ ସମାଜର ଆଦାନ ପ୍ରଦାନ ସମନ୍ୱିତ ସଂସ୍କୃତି ଓଡିଆ ଲୋକସଂସ୍କୃତିର ବହୁ ଆଶୟ ବିଷୟକୁ ନିୟନ୍ତ୍ରିତ କରି ରଖିଛି ବୋଲି କୁହାଯାଇପାରେ । କାରଣ ଓଡିଶାର ସାଂପ୍ରତିକ ପୌରସମାଜର ବର୍ଦ୍ଧିଷ୍ଣୁରୂପ ମଧ୍ୟରୁ ଅନେକାଂଶ କୃଷିଭିତ୍ତିକ ସମାଜରୁ ସ୍ଥାନାନ୍ତରିତ ହୋଇଥିବାର ଦୃଷ୍ଟାନ୍ତ ରହିଛି । ପୌରସମାଜର ଦ୍ରୁତ ପାଶ୍ଚାତ୍ୟକରଣ କିମ୍ବା ଆଧୁନିକିକରଣ କ୍ରମଶଃ କୃଷିଭିତ୍ତିକ ସମାଜ ଉପରେ ବି ପ୍ରଭାବ ପକାଇଥାଏ ।

କିନ୍ତୁ ଆଦିବାସୀ ସମାଜ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ଆଦିବାସୀ ସମାଜର ମୁଖ୍ୟ ବୃତ୍ତି ଜଙ୍ଗଲରୁ ଖାଦ୍ୟ ସଙ୍ଗ୍ରହ ଓ ଖାଦ୍ୟ ଉତ୍ପାଦନ । ଏମାନଙ୍କ ଜଙ୍ଗଲଜାତ ଦ୍ରବ୍ୟ କୃଷିଭିତ୍ତିକ ସମାଜର ଦରକାରରେ ଆସେ ତଥା ଆଦିବାସୀ ସମାଜ ଏହି କୃଷିଭିତ୍ତିକସମାଜ ଉପରେ ବହୁ ବିଷୟରେ ନିର୍ଭର କରନ୍ତି ।

ସାମାଜିକ ନିୟମ ଶୃଙ୍ଖଳାରକ୍ଷା ତଥା ନିଜ ଜାତିର ସ୍ୱାତନ୍ତ୍ର୍ୟ ରଖିବାରେ ଏମାନେ ରକ୍ଷଣଶୀଳ ହେଲେ ବି ସାଂସ୍କୃତିକ ଆଦାନ ପ୍ରଦାନ କ୍ଷେତ୍ରରେ ନମନୀୟ । ତେଣୁ କୃଷିଭିତ୍ତିକ ସମାଜର ସହଭାଗିତା ମଧ୍ୟରେ ଆଦିବାସୀ ସମାଜ କିମ୍ବା ସଂସ୍କୃତି ଏହି ଦୃଷ୍ଟିରୁଓଡିଶାର ଲୋକସଂସ୍କୃତି ସହ ନିରବିଚ୍ଛିନ୍ନ ସଂପର୍କ ରକ୍ଷାକରେ ।

ଏଣୁ ସାମଗ୍ରିକଭାବେ ଓଡିଶାର ଲୋକସଂସ୍କୃତି ଲୋକ ପୌର ନିର୍ବିଶେଷରେ ପରିବ୍ୟାପ୍ତ ।

ଓଡିଶାର ଲୋକସଂସ୍କୃତିର ସଂରଚନାକୁ ତା'ର କ୍ଷେତ୍ର ମଧ୍ୟରୁ ଜାଣିବାପାଇଁ ଏହାର ପରିସଙ୍ଖ୍ୟାନ ଆମକୁ ବହୁତ ସାହାଯ୍ୟ କରିବ । ଓଡିଶାର ମୋଟ ଜନସଙ୍ଖ୍ୟାର ଶତକଡା ୧୧.୭୨ ସହରବାସୀ । ଶତକଡା ୮୭.୧୮ ଗ୍ରାମାଞ୍ଚଳରେ ରହନ୍ତି । ଓଡିଶାରେ ୬ଟି ନଗର ଓ ୧୦୮ଟି ଛୋଟ ବଡ ସହର । ଓଡିଶାର ଗାଁ ସଂଖ୍ୟା ୫୧,୬୩୯ । ଓଡିଶାର ୬୨ଟି ଆଦିବାସୀ ଗୋଷ୍ଠୀ ଓଡିଶାର ସମଗ୍ର ଲୋକ ସଙ୍ଖ୍ୟାର ଶତକଡା ୨୪ ତଥା ଏମାନଙ୍କ ୩୬ଟି ସ୍ୱତନ୍ତ୍ର ଉପଭାଷା ରହିଛି ।

ତେଣୁ ଭାଷା ଦୃଷ୍ଟିରୁ ଓଡିଶାରେ ଓଡିଆଭାଷା କହୁଥିବା ଲୋକ ଶତକଡା ୮୫ରୁ ଅଧିକ । ଆଦିବାସୀମାନେ ନିଜ ଭାଷା ଖୁଥିଲେ







ଡର କାହାକୁ ଭୟ କାହାକୁ,
ଠାକୁରେ ଅଛନ୍ତି ଚଉବାହାକୁ
-- ଛଗ

ମଧ୍ୟ ତାଙ୍କ ସମାଜରେ ଓଡିଆଭାଷା ପ୍ରଭାବିତ ଦେଶିଆ (କୋରାପୁଟ), ସାଦ୍ରି (ସୁନ୍ଦରଗଡ) ଓ ସାନ୍ତାଳୀ (ମୟୁରଭଞ୍ଜ) lingua franca ରୂପେ ପ୍ରଚଳିତ । ଭାଷାର ଏହି ସାର୍ବଜନୀନତା ସହିତ ମାନସିକତା, ଚଳଣି, ପରଂପରାର ପାରସ୍ପରିକତାକୁ ଉପଜୀବ୍ୟ କରି ଓଡିଆ ଲୋକସଂସ୍କୃତିର କ୍ଷେତ୍ର ସୁପ୍ରଶସ୍ତ । ତେଣୁ ମୁଖ୍ୟତଃ ଏହି ପଟ୍ଟଭୂମିରୁ ଓଡିଆ ଲୋକସଂସ୍କୃତିର ବିଧିବଦ୍ଧ ଅଧ୍ୟୟନ କରାଯାଇପାରେ ।

ସଂପ୍ରତି ଲୋକସଂସ୍କୃତି ଏକ ସ୍ୱତନ୍ତ୍ର ବିଷୟ ଶୃଙ୍ଖଳା ରୂପେ ବିଶ୍ୱର ମାନବିକ ବିଦ୍ୟା ଅନୁଶୀଳନର ପରିସରଭୁକ୍ତ । ଆମେରିକାର ଇତିହାସ ପ୍ରଫେସର୍ R.M. Dorson ଲୋକସଂସ୍କୃତିକୁ ମାନବିକ ଶୃଙ୍ଖଳାର ଏକ ମହତ୍ତ୍ୱପୂର୍ଣ୍ଣ ବିଭବ ରୂପେ ୫୦ ବର୍ଷତଳୁ ମାନ୍ୟତା ଦେଇଥିଲେ । ତାଙ୍କ ସଙ୍ଗଠିତ ପ୍ରଚେଷ୍ଟାରେ ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ଲୋକସଂସ୍କୃତିକୁ ସାହିତ୍ୟ, ଇତିହାସ, ରାଜନୀତି ବିଜ୍ଞାନ, ମାନବବିଜ୍ଞାନ, ସମାଜବିଜ୍ଞାନ, ଦର୍ଶନ, ମନସ୍ତତ୍ତ୍ୱର ଏକ ପରିପୂରକ ବିଷୟ ରୂପେ ମାନ୍ୟତା ଦିଆଯାଇଛି । ଭାରତରେ ଏବେ ଅନ୍ୟୂନ ୨୫ଟି ବିଶ୍ୱବିଦ୍ୟାଳୟରେ ଏହା ସ୍ୱତନ୍ତ୍ର ବିଭାଗ ରୂପେ କାର୍ଯ୍ୟ କରୁଛି ।

Dorson ଲୋକସଂସ୍କୃତିକୁ ଅଧ୍ୟୟନ କରିବା ମୂଳରେ ନିହିତ ଥିଲା ଲୋକଙ୍କର ମୌଖିକ ଇତିହାସ, ମୌଖିକ ପରଂପରା, ଜନଶ୍ରୁତି ଓ ପୁରାଣାଦିରୁ ମଣିଷ ସମାଜର କିମ୍ବା ନିର୍ଦ୍ଦିଷ୍ଟ ଦେଶର ପ୍ରକୃତ ଇତିହାସ ନିରୂପଣ କରିବା । କାରଣ ମାନବ ସଭ୍ୟତାରେ ସଚରାଚର କେତେକ ରାଜବଂଶର ଇତିହାସକୁ ହିଁ ମଣିଷ ଜାତିର ଇତିହାସ ବୋଲି ଆମେ ଭ୍ରମ କରିଆସୁଛୁ । ସଂପ୍ରତି ମଣିଷର ମୁକ୍ତି ତଥା ସାମ୍ୟର ଜୟଗାନ କରିବାକୁ ହେଲେ ସମଗ୍ର ମଣିଷ ଜାତିର ଇତିହାସ, ଐତିହ୍ୟ ଓ ପରଂପରା ସହିତ ସାଂପ୍ରତିକ ଜୀବନଧାରାର ସମନ୍ୱୟ ଓ ସଂସ୍କୃତିର ଗତିଶୀଳତାକୁ ଜାଣିବାକୁହେବ । ଏଣୁ ଲୋକସଂସ୍କୃତି ଅଧ୍ୟୟନର ଆବଶ୍ୟକତାକୁ ଆଲୋଚକ ଡର୍‌ସନ୍ ଉପଲବ୍ଧି କରିଥିଲେ । ସେ ମଧ୍ୟ କହିଥିଲେ ଯେ, ମଣିଷ ସମାଜର କିୟା ଓ ଚିନ୍ତନର କଳାତ୍ମକ ପ୍ରକାଶ ଯେତେଦିନ ରହିଥିବ, ଲୋକସଂସ୍କୃତିବି ସେତେ ଦିନ ରହିବ । ଏହା ଫସିଲ୍ ନୁହେଁ ବରଂ ମଣିଷ ଜୀବନର ଚଳମାନ କାହାଣୀ ।

ଡର୍‌ସନ୍ ଲୋକସଂସ୍କୃତିକୁ ମୁଖ୍ୟତଃ ଚାରୋଟି ବିଭାଗରେ ବିଭକ୍ତ କରିଛନ୍ତି । ଯଥା- ଲୋକସାହିତ୍ୟ [Folk Literature], ଲୋକଙ୍କର ଭୌତିକ ଜୀବନ [Physical Folk Life], ଲୋକଙ୍କର ସାମଜିକ ଚଳଣି [Social Folk Customs], ତଥା ପ୍ରଦର୍ଶନଶୀଳ ଲୋକ କଳା [Performing Folk Arts] । ସଂସ୍କୃତିବିତ୍ ବାସକମ୍ ଏହି ବିଭାବମାନଙ୍କୁ Verbal art ତଥା Non-Verbal Art ରୂପେ ବିଭାଜନ କରିଛନ୍ତି । Dan Ben Anos ଲୋକସଂସ୍କୃତିକୁ ୪ଟି genreରେ ବିଭାଜନ କରିଛନ୍ତି । ଏହାକୁ Conversational genre, play genre, fictive genre ତଥା static genre ରୂପେ ଅଭିହିତ କରିଛନ୍ତି । ଏ ସବୁ ଭିତରେ ପରସ୍ପରଙ୍କ ଆନ୍ତଃ ସମ୍ପର୍କ ଥିବାର ଦର୍ଶାଇ ସେ ଲୋକସଂସ୍କୃତିର ପରିପୂର୍ଣ୍ଣ ଚିତ୍ର ଦେଖିବାକୁ ଚାହିଁଛନ୍ତି ।

ମୌଖିକ ପରଂପରା ସହିତ ନୃତ୍ୟ, ନାଟ୍ୟ, କ୍ରୀଡା, ପର୍ବପର୍ବାଣୀ, ଧର୍ମାଚାରର ସଂପର୍କ ନିବିଡ । ଲୋକନୃତ୍ୟ ଓ ନାଟ୍ୟ ସହିତ ପ୍ରସାଧନ, ବେଶପୋଷାକ ଓ ଅଳଙ୍କାର ନିର୍ମାଣର ସଂପର୍କ ରହିଛି । ଭୌତିକ ବସ୍ତୁର ଉଦ୍ଭାବନ ସହିତ ଲୋକବାଦ୍ୟ ତଥା ଯନ୍ତ୍ର, ଶିଳ୍ପର ଉପକରଣ ଉତ୍ପାଦାନର ସଂପର୍କ ରହିଛି । ଧର୍ମାନୁଷ୍ଠାନ ସହିତ ଯାତ୍ରା, ଅଭିନୟ ଓ ନାଟ୍ୟର ଅଙ୍ଗାଙ୍ଗୀ ଭାବ ରହିଛି । ଓଡିଆ ଲୋକସଂସ୍କୃତିର ବିଶ୍ଳେଷଣ କାଳରେ ଆମେ ଏହି ବିଭାବମାନଙ୍କ ପ୍ରତି ସଚେତନ ହେବାର ନିତାନ୍ତ ଆବଶ୍ୟକତା ରହିଛି ।

ଓଡିଆ ଲୋକସଂସ୍କୃତିଚର୍ଚ୍ଚାରେ ଓଡିଶାର ସାହିତ୍ୟିକ, ମାନବବିଜ୍ଞାନୀ, ଭାଷାତତ୍ତ୍ୱବିତ୍, ଇତିହାସବେତ୍ତା, ରାଜନୀତିବିଜ୍ଞାନୀ, ଅର୍ଥନୀତି ବିଶାରଦ, ମନସ୍ତତ୍ତ୍ୱବିତ୍, ସମାଜଶାସ୍ତ୍ରୀ, ଦର୍ଶନବିଜ୍ଞାନୀ ତଥା ଗବେଷଣ ଅଧ୍ୟୟନ କରୁଥିବା ଶୃଙ୍ଖଳାର ସମସ୍ତେ ଗୋଟିଏ ମଞ୍ଚରେ ବିଚାର ବିନିମୟ କରିବା ଆବଶ୍ୟକ । ତା'ନହେଲେ ସଂସ୍କୃତି ଚର୍ଚ୍ଚା ଏକଦେଶଦର୍ଶୀ ହୋଇଯିବାର ଆଶଙ୍କା ରହିଛି । ଏବେ ସ୍ୱତନ୍ତ୍ର ଭାବେ ଲୋକସଂସ୍କୃତିର ବିଭିନ୍ନ ବିଭାବମାନଙ୍କର ଅଧ୍ୟୟନ କରାଯାଉ । ଏଥିପାଇଁ ଡର୍‌ସନ୍‌ଙ୍କ ବିଭାଗୀକରଣ ପ୍ରକ୍ରିୟାକୁ ଏହି ପ୍ରବନ୍ଧରେ ଅବଲମ୍ବନ କରାଯାଇଛି ।

## ଓଡିଆ ଲୋକସାହିତ୍ୟ:

ଓଡିଆ ଲୋକମୁଖରେ ଗୀତ, କାହାଣୀ, ଗାଥା, ଲୋକୋକ୍ତି, ଲୋକ କାବ୍ୟ, କିମ୍ବଦନ୍ତୀ, ମିଥ୍ ପ୍ରଭୃତି ବିଭାବ ଆବହମାନ କାଳରୁ ବଞ୍ଚିରହିଛି । ଲିଖିତ ସାହିତ୍ୟ ସୃଷ୍ଟି ହେବାର ପାଞ୍ଚ-ଛଅ ଶହ ବର୍ଷ ପରେ ବି ଲୋକସାହିତ୍ୟ ମୌଖିକ ପରଂପରା ରୂପେ ଜୀବନ୍ତ । ବରଂ ଜ୍ଞାନ ଓ ଅଭିଜ୍ଞତାର ମାଧ୍ୟମ ରୂପେ ଲିଖିତ ସାହିତ୍ୟର ବିଷୟ ଲୋକମୁଖରେ ଜୀବନ୍ତ ରହିଛି । ଏହିପରି ମୌଖିକ, ଲିଖିତ-ମୌଖିକ ରୂପେ ସାହିତ୍ୟର ଆଦାନ-ପ୍ରଦାନ ଚକ୍ର କେବଳ ଓଡିଶା କାହିଁକି ସମଗ୍ର ଭାରତୀୟ ସାହିତ୍ୟର ଇତିହାସରେ ଲକ୍ଷଣୀୟ । ଓଡିଶାରେ ପ୍ରାଚୀନ





କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଉତ୍କୃଷ୍ଟ ସାହିତ୍ୟ ମଧ୍ୟରେ ମୌଖିକ ସାହିତ୍ୟର ପ୍ରଭାବ ଓ ଲିଖିତ ସାହିତ୍ୟର ଚିରନ୍ତନ ମାଧୁରୀଦ୍ୱାରା ଲୋକସାହିତ୍ୟ ନିତ୍ୟ ପ୍ରଭାବିତ ହେବା ପ୍ରକ୍ରିୟା ଲୋକ-ପୌରର ଆଦାନ-ପ୍ରଦାନ ସୂତ୍ରକୁ ଓ ସଂପର୍କକୁ ସୂଚିତକରେ । ତେଣୁ ଓଡିଆ ସାହିତ୍ୟ ମୌଖିକରୁ ଲିଖିତ ଓ ଲିଖିତରୁ ମୌଖିକ ପରଂପରା ରୂପେ ପରିବର୍ତ୍ତନଶୀଳ । ନିରକ୍ଷର ଲୋକ ଭଞ୍ଚା ସାହିତ୍ୟ ବୋଲିବା ତଥା ଶିଷ୍ଟ କବିର କଲମରେ ଅଦିବ୍ୟ ଭାଷାରେ ପଦସିଦ୍ଧ ହେବା ଉଭୟ ଓଡିଆ ସାହିତ୍ୟର ଲକ୍ଷଣ ।

ସାରଳା ଦାସଙ୍କ ମହାଭାରତକୁ ଓଡିଆ ଲୋକସଂସ୍କୃତିର କାବ୍ୟମୟ ଅଭିବ୍ୟକ୍ତି ବୋଲି କୁହାଯାଇପାରେ । ଓଡିଶାର ସଂସ୍କୃତିର କୌଣସିଟି ଆଶୟ (trait) ତାଙ୍କ ରଚନାରୁ ବାଦ୍‌ଯାଇନାହିଁ । ଲୋକଧର୍ମ, ଦର୍ଶନ, ଲୋକଚରିତଠାରୁ ରାନ୍ଧଣା ରୀତି ପର୍ଯ୍ୟନ୍ତ ତାଙ୍କ ରଚନାରେ ଓଡିଆ ସଂସ୍କୃତିର ବିପୁଳ ସମ୍ଭାର, ମାନବ, ପ୍ରକୃତି ଓ ଈଶ୍ୱରଙ୍କ ସତ୍ତାରେ ତାଙ୍କ ରଚନା ଗ୍ରଥିତ । ଓଡିଆ ଜୀବନର ପ୍ରାଣ ସ୍ପନ୍ଦନକୁ ସେ ଗଭୀରତର କରି ଅନୁଭବ କରିପାରିଥିଲେ ।

ତାଙ୍କ ଅଭିବ୍ୟକ୍ତ ରଚନା ପରବର୍ତ୍ତୀ କାଳର କବିମାନଙ୍କୁ ଏତେ ଅନୁପ୍ରେରିତ କରିଛି ଯେ ଷୋଡଶ ସପ୍ତଦଶ ଶତାବ୍ଦୀର ଶୂନ୍ୟ ସାଧନାରେ ହେଉ କିମ୍ବା ଆଖ୍ୟାୟିକା ଭାବରେ ହେଉ, ସାରଳା ଦର୍ଶନର ପ୍ରଭାବ ସେ ସବୁରେ ପ୍ରଚ୍ଛନ୍ନ । ସାରଳା ଦାସଙ୍କ ମରଣ ଓ ବିବାହ ଉପାଖ୍ୟାନମାନ ସପ୍ତଦଶ ଶତାବ୍ଦୀର ଆଖ୍ୟାୟିକା କାବ୍ୟ ରୂପେ ନିରୁତା ଓଡିଆ ଲୋକ ମୁଖର ଏକ ଏକ ରୋମାନ୍ସ କାହାଣୀ/ଗାଥା/ଲୋକକାବ୍ୟର ଲିଖିତ ରୂପ ବ୍ୟତୀତ ଅନ୍ୟ କିଛି ନୁହେଁ । ଆଖ୍ୟାୟିକା କାବ୍ୟର ରୂପବିଭବକୁ ନେଇ ଓଡିଆ ଲୋକକାହାଣୀଗୁଡିକର ତୁଳନାତ୍ମକ ଅଧ୍ୟୟନ କରାଗଲେ ଏହା ସମ୍ୟକ୍ ଭାବେ ଉପଲବ୍ଧି କରିହେବ । ଏହି ଦୃଷ୍ଟିରୁ କଳ୍ପଲତା, ଶଶୀ ସେଣାଙ୍କ ପ୍ରେମାଲୋଚନା, ଚାଟ ଇଚ୍ଛାବତୀ, ଅନଙ୍ଗରେଖାଠାରୁ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ପ୍ରଭୃତି କାଳ୍ପନିକ କାବ୍ୟର ପଟ୍ଟଭୂମିରେ ତତ୍କାଳୀନ ଓଡିଆ ଲୋକସଂସ୍କୃତିର ସ୍ୱାକ୍ଷର ସୁପ୍ରତୁଳ ।

ସେ କାଳର ସମାଜର ମାନବ-ପ୍ରକୃତି-ଈଶ୍ୱରଙ୍କ ମଧ୍ୟରେ ଏକ ଯୋଗସୂତ୍ର ରହିଥିଲା । ଲୋକସମାଜର ଧର୍ମବିଶ୍ୱାସ ମଣିଷ, ପଶୁପକ୍ଷୀ ଓ ଜଙ୍ଗଲ ଭିତରେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରିବାଠାରୁ ଅପାଣୀବାଚକ ବସ୍ତୁରେ ବି ଈଶ୍ୱରଙ୍କ କଳ୍ପନା କରିଥିଲା । ମଣିଷର ଅତିପ୍ରାକୃତ ସତ୍ତାରେ ଗଭୀର ବିଶ୍ୱାସ, ତେଣୁ ପ୍ରାକ୍ ଭଞ୍ଜୀୟ ଓ ଭଞ୍ଜୋତ୍ତର କବିମାନଙ୍କ ନାୟକ ନାୟିକାମାନଙ୍କୁ କେବେ ସ୍ୱର୍ଗରେ ତ କେତେବେଳେ ମର୍ତ୍ତ୍ୟରେ ଆଣି ଦେଉଥିଲା । ସେମାନେ ପୁର୍ନଜନ୍ମ ଭୋଗୁଥିଲେ । ପୂର୍ବଜନ୍ମର କୃତକର୍ମର ଫଳ ମଣିଷ ହୋଇ ଭୋଗକରି ପୁଣି ଦେବଲୋକକୁ ଚାଲିଯାଉଥିଲେ । ପଶୁପକ୍ଷୀଠାରୁ ଜଙ୍ଗଲ, ନଦୀ ପର୍ଯ୍ୟନ୍ତ ସେମାନଙ୍କର ପ୍ରେମମୟ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତନ୍ତ୍ର ଓ ଯାଦୁବିଦ୍ୟାର ପ୍ରଭାବରେ ନାୟକ ଯୋଜନ ଯୋଜନ ଦୂରରୁ ନାୟିକାର ଅନ୍ତଃପୁରରେ ପ୍ରବେଶ କରି ପାରୁଥିଲା । ମଣିଷ ମେଣ୍ଢା ହେଉଥିଲା ଦିନରେ, ଭେଣ୍ଢା ହେଉଥିଲା ରାତିରେ । ଏହି ଆଖ୍ୟାୟିକାର ମୋଟିଫ୍‌ଗୁଡିକ ଆଜିର ପ୍ରଚଳିତ ଗ୍ରାମୀଣ ଲୋକକାହାଣୀଠାରୁ ଭିନ୍ନନୁହେଁ ।

ଓଡିଆ ଲୋକକଥାର ଆତ୍ମିକରେ ଶବର ସଂସ୍କୃତିର ପ୍ରଭାବ ଏବେସୁଦ୍ଧା ଅପ୍ରତିହତ ଥିବାର ଦେଖାଯାଏ । ତନ୍ତ୍ରବିଦ୍ୟା, ପରକାୟା ପ୍ରବେଶ, ମଣିଷରୁ ଗଛ -- ଗଛରୁ ମଣିଷ, ପଶୁପକ୍ଷୀରେ ପରିଣତ ହେବା, ଷ୍ତମ୍ଭନ, ମୋହନ, ବଶୀକରଣ, ବୁଢୀ ଅସୁରୁଣୀର ଜୀବନନାଟି ପ୍ରଭୃତି ଶାବରୀ ବିଦ୍ୟାର ପ୍ରଭାବ ଲୋକକଥା, ଗାଥା ଓ ଲୋକକାବ୍ୟରେ ପ୍ରଭାବ ପକାଇଛି ।

ଓଡିଆ ମିଥ୍ ତଥା କିମ୍ବଦନ୍ତୀରେ ଓଡିଶାର ଧର୍ମୀୟ ବିଶ୍ୱାସ ଓ ବିଶ୍ୱ ଦୃଷ୍ଟିର ଚିତ୍ର ସୁଲଭ । ଏକ ଧର୍ମ ପ୍ରଧାନ ଦେଶ ରୂପେ ଓଡିଶା ମାଟିଗୋଡି ତଥା ଜୀବନ ଜଳବାୟୁରେ ଧର୍ମବିଶ୍ୱାସର ସ୍ୱାକ୍ଷର ବହୁକାଳରୁ ସ୍ୱୀକୃତ । ଏହା ବି ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ କେବଳ ଯେ ପାରଂପରିକ ତାହା ନୁହେଁ ବରଂ ବେଶପୋଷାକରେ ଆମେ ଆଧୁନିକ ହେଲେବି ସଂସ୍କାରରେ ଆମେ ରକ୍ଷଣଶୀଳ ।

ଓଡିଶାର କିମ୍ବଦନ୍ତୀରେ ରାମାୟଣ ମହାଭାରତୀୟ ଚରିତ୍ର ଓ ଘଟଣାର ଆରୋପଣ, ନଦୀ, ପର୍ବତ, ଜଙ୍ଗଲ, ମନ୍ଦିର ଐତିହାସିକ ସ୍ଥାନମାନଙ୍କରେ ଦେବଦେବୀ ଓ ମହାକାବ୍ୟର ନାୟକ ନାୟିକାମାନଙ୍କର ବିଚରଣ ଏହି ଆଞ୍ଚଳିକ ଭୂମିର ମହାଭାରତୀୟତାକୁ ସୂଚିତ୍ରକରେ । ସୁଦୂର ପ୍ରାଚୀନ ହେଉ ବା ନିକଟ ଅତୀତର ହେଉ, ଓଡିଆ କିମ୍ବଦନ୍ତୀର ମହାନ୍ ପରଂପରା ଭାରତୀୟତାର ମହାଭାବରେ ଉଦ୍‌ବୁଦ୍ଧ । ଶ୍ରୀଜଗନ୍ନାଥଙ୍କୁ ଭିତ୍ତିକରି ଓଡିଶାର ଅନେକ ଅଞ୍ଚଳର କିମ୍ବଦନ୍ତୀ ଲୋକସ୍ମୃତିରେ ସଜୀବ । କିମ୍ବଦନ୍ତୀ ହୋଇପାରେ ଅର୍ଦ୍ଧସତ୍ୟ, କିନ୍ତୁ ଜନମାନସରେ ସଞ୍ଚିତ ତଥା ନିଜକୁ ମହାଭାରତୀୟ ଚେତନାର ଅଂଶବିଶେଷ ରୂପେ ପରିଚିତ କରିବା ଆମ ଦେଶର ସଂହତି ସ୍ଥାପନରେ ବହୁକାଳରେ କିୟାନ୍ୱିତ ।

ମିଥ୍ ବା ପୁରାଣକଳ୍ପକୁ ସଂସ୍କୃତିର ସ୍ୱପ୍ନ ବୋଲି କୁହାଯାଏ । ଏହା ମଣିଷର ଆଦିମ ମୌଳ ଅଭିଜ୍ଞତାର ସମଷ୍ଟି । ସାଂପ୍ରତିକ ଚେତନା ପର୍ଯ୍ୟନ୍ତ ଏହାର ନିରବିଚ୍ଛିନତା ରହିଥାଏ । ଓଡିଆ ସଂସ୍କୃତିରେ ଶବର, ଦ୍ରାବିଡମାନଙ୍କର ମାନବ ସୃଷ୍ଟି, ପୃଥିବୀର ଉତ୍ପତ୍ତି, ଜଳ, ପଶୁପକ୍ଷୀ,





ଗଛଲତା, ଚନ୍ଦ୍ର, ସୂର୍ଯ୍ୟର ଉତ୍ପତ୍ତି ସଂପର୍କୀୟ ବର୍ଣ୍ଣନାମୂଳକ ପରଂପରା ରହିଛି ।

ଓଡିଶାର ଆଦିବାସୀମାନଙ୍କର ଭାଇ-ଭଉଣୀ ମିଳନରୁମଣିଷର ସୃଷ୍ଟି, ମଣିଷର ଜାତି, ବର୍ଗ ବିଭାଜନ, ଦେବଦେବୀଙ୍କ ବିଭାଜନ, ରାଜ୍ୟପ୍ରାପ୍ତି ମିଥ୍ ଓ ସଂସ୍କୃତି ନାୟକ ମିଥ୍ ଅଧ୍ୟୟନ କଲେ ଓଡିଆ ସାହିତ୍ୟରେ ଏହି ପୁରାଣକଳ୍ପର ପ୍ରାଚୀନତା ଓ ବୈଧତା ସଂପର୍କରେ ଜାଣିହେବ । ଭାଇ-ଭଉଣୀଙ୍କ ମିଳନରୁ ପୃଥିବୀର ମଣିଷଜାତିର ଉଦ୍ଭବ କଳ୍ପନା ମଧ୍ୟ ଭାରତର ଆଦିବାସୀମାନଙ୍କ ମିଥ୍‌ରେ ସୁପ୍ରତୁଳ । ପୁନଶ୍ଚ ୧୨ ବର୍ଷରେ ଶ୍ରୀଜଗନ୍ନାଥଙ୍କ ନବ କଳେବର ହେବା ସଂସ୍କାର କ୍ରିୟା ସହିତ ଆଦିବାସୀମାନଙ୍କ ସହିତ ଧାର୍ମିକ ସାମାଜିକ ସ୍ତରରେ ୧୨ ସଙ୍ଖ୍ୟାର ମହତ୍ତ୍ୱ ଖୋଜିବସିଲେ ଜଗନ୍ନାଥ ଧର୍ମର ସଂରଚନାରେ ଆଦିବାସୀଙ୍କ ଭୂମିକା ଲକ୍ଷ୍ୟକରିହେବ । ଓଡିଆ ଲୋକମିଥ୍‌ରେ ଓଡିଆ ସଂସ୍କୃତିର ସମୂହ ମାନସିକତାର ଚିତ୍ର ସଂଗୁପ୍ତ । ଏହା ସ୍ୱପ୍ନ ଓ ସ୍ମୃତି ରୂପେ ଆମ ଐତିହ୍ୟ ସହିତ ଜଡିତ । ପଣ୍ଡିତ ନୀଳକଣ୍ଠ ସାରା ବିଶ୍ୱରେ କେବଳ ଓଡିଶା ଭାଇ-ଭଉଣୀଙ୍କୁ ବିଶ୍ୱ ଦେବତା ଓ ଦେବୀ ରୂପେ କଳ୍ପନା କରିବାର ମୌଳିକତା ପଛରେ ଆଦିବାସୀ ବିଶ୍ୱଦୃଷ୍ଟିର ସଙ୍କେତ ରହିଛି ବୋଲି କହନ୍ତି । ତାଙ୍କ ଭାଷାରେ ସୃଷ୍ଟିରେ ଆଦ୍ୟ ନରନାରୀ ହେଉଛନ୍ତି ଭାଇ ଭଉଣୀ । ସେଇପରି ନିରାକାର ବା ମହାଶୂନ୍ୟଙ୍କ ବିକାଶରେ ତାଙ୍କ ସ୍ୱରୂପରୁ ଯେଉଁ ଆଦିପୁରୁଷ ଓ ନାରୀ ପ୍ରକାଶପାଇଲେ ସେ ମଧ୍ୟ ଭାଇ ଭଉଣୀ । ଜଗନ୍ନାଥ ଅଣାକାର ଓ ସୁଭଦ୍ରା ଯୋଗମାୟା ।

ଓଡିଆ ପୁରାଣ ସାହିତ୍ୟର ପ୍ରଭାବ ଆଧୁନିକ ସାହିତ୍ୟକୁ ପ୍ରଭାବିତ କରିରଖିବା ପଛରେ ଏହି ଆଦିମ ମୌଳ ଅଭିଜ୍ଞତାର ସ୍ୱାକ୍ଷର ରହିଛି । ପ୍ରାଚୀନ ଘଟଣା ସହିତ ସମମାନସିକତା ରହିଥିବା ବର୍ତ୍ତମାନର ଯୁଗଯନ୍ତ୍ରଣା କିମ୍ବା ଘଟଣା ଆମକୁ ମିଥ୍ ଦ୍ୱାରାହିଁ ଭଲଭାବରେ ବୁଝାପଡେ । କାରଣ ଜାଗତିକ ସଂସାରରେ ବିସ୍ମୃତ ହେଲେ ହେଁ ଆମ ସ୍ମୃତିରେ ମଣିଷର ସୃଷ୍ଟିଠାରୁ ସଦ୍ୟତମ ବିକାଶ ପର୍ଯ୍ୟନ୍ତ ଐତିହ୍ୟବୋଧ ଓ ପରଂପରା କ୍ରିୟାନ୍ୱିତ ।

ପ୍ରବାଦ, ପ୍ରବଚନ ଓ ନାମକରଣ ପ୍ରଭୃତି ସାମାଜିକ ନୈତିକତା ଓ ସାମାଜିକ ମୂଲ୍ୟବୋଧର ନିତ୍ୟନିୟାମୂକ । ବ୍ୟକ୍ତିର ସାମାଜିକରଣ ପାଇଁ ଏହା ଉଦ୍ଦିଷ୍ଟ । ସମାଜଦ୍ୱାରା ବ୍ୟକ୍ତିର ବ୍ୟବହାର ଓ ଚରିତ୍ରରେ ପରିଶୋଧନ କରିବାରେ ଓ ସାମାଜିକ ସମସ୍ୟାର ସମାଧାନ କରିବାରେ ଏହା ଉଦ୍ଦିଷ୍ଟ । ପ୍ରାଚୀନ ଓଡିଆସାହିତ୍ୟରେ ନାଁ ଦିଆ ପ୍ରବାଦପ୍ରବଚନର ଭୂରି ଭୂରି ଦୃଷ୍ଟାନ୍ତ ରହିଛି ।

## ବସ୍ତୁବାଦୀ ସଂସ୍କୃତି, Physical Folk Life

ବସ୍ତୁବାଦୀ ସଂସ୍କୃତିବା ଲୋକଙ୍କର ଭୌତିକ ଜୀବନ ଲୋକସାହିତ୍ୟ ପରି ପୁରୁଷାନୁକ୍ରମେ ଆହରିତ । ଏଥିରେ କାରିଗରୀକୌଶଳ, ଦକ୍ଷତା ଓ ନିର୍ମାଣ ପଣାଳୀ ପରଂପରା ରୂପେ କ୍ରମେ ରୂପାନ୍ତରିତ ହୋଇଆସେ । କିନ୍ତୁ ବ୍ୟକ୍ତିର ସ୍ୱତନ୍ତ୍ର ନିର୍ମାଣ ଶୈଳୀ ଏଥିରେ ରଞ୍ଜିତ ହୋଇଥାଏ । ଗୃହନିର୍ମାଣ ଶୈଳୀ, ବସ୍ତ୍ର ବୟନର ଜଟିଳ ପଦ୍ଧତି, ଖାଦ୍ୟ ପ୍ରସ୍ତୁତି ତଥା ପ୍ରସାଧନ କ୍ଷେତ୍ରରେ, କାଷ୍ଠୋପକରଣ ନିର୍ମାଣ, ବାସନକୁଶନ, ଆଳଙ୍କାର ନିର୍ମାଣ କ୍ଷେତ୍ରରେ ପାରଂପରିକ କଳାର ଉତ୍କର୍ଷ ଲକ୍ଷ୍ୟ କରାଯାଇଥାଏ ।

ପାଶ୍ଚାତ୍ୟ ସଭ୍ୟତାର ପ୍ରବେଶ ପୂର୍ବରୁ ଲୋକକଳା, ସ୍ଥାପତ୍ୟ ଓ ଶିଳ୍ପର ସମାଦୃତି ଲୋକଙ୍କ ପାଖରେ ଥିଲା । କିନ୍ତୁ ଆଧୁନିକ ସଭ୍ୟତାର ପ୍ରବେଶ ହେଲା ପରେ ଏହି କଳା ସାମାଜିକ ପୃଷ୍ଠପୋଷକତାର ଅଭାବରେ ଲୁପ୍ତପ୍ରାୟ ହୋଇଆସିଲା । କେତେକ ଲୋପପାଇଗଲା ମଧ୍ୟ । କିନ୍ତୁ କେତେକ କଳା ଓ ଶିଳ୍ପ ପଲ୍ଲୀଗ୍ରାମରୁ କ୍ରମେ ସୃଷ୍ଟିହୋଇ ସର୍ବଭାରତୀୟ ସ୍ତରରେ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତିଲାଭ କରିଛି । ତେଣୁ ଲୋକକଳାର ପାରଂପରିକ ଉତ୍ପାଦନକୁ ଗୁରୁତ୍ୱ ଦେବା ଫଳରେ ଲେଖିପଢିଜାଣିନଥିବା ଗ୍ରାମୀଣ ଶିଳ୍ପୀର ସୃଷ୍ଟ ବାଉଁଶନିର୍ମିତ ଶିଳ୍ପ, ପୁରୀ-କଟକର ତାଳପତ୍ର ପଟ୍ଟଚିତ୍ର, କଟକର ତାରକସୀ, ବହ୍ମପୁରୀ ପାଟ, ସମ୍ବଲପୁରୀ ବସ୍ତ୍ର, ପାରଳାଖେମୁଣ୍ଡିର ଶିଙ୍ଗ ନିର୍ମିତ ଶିଳ୍ପ କଳାର ଆଦୃତି ବଢିଲା । ଭୁବନେଶ୍ୱର ଆଦିବାସୀ ମେଳାର କଳା ଓ ଶିଳ୍ପ ତଥା ଲଳିତକଳା ଏକାଡେମୀର କଳାକୃତି ସଂପର୍କରେ ଏହା ପ୍ରଯୁଜ୍ୟ ।

ଲୋକକଳା ଓ ଶିଳ୍ପ ସ୍ୱତନ୍ତ୍ର ବିଭାଗ ହେଲେହେଁ ଏଥିସହିତ ପୂଜାପାର୍ବଣ, ଓଷାବ୍ରତ, ମେଳାମଉଛବର ସଂପର୍କ ରହିଛି । ଜନ୍ମ, ବିବାହ ପ୍ରଭୃତି ମାଙ୍ଗଳିକ ଅନୁଷ୍ଠାନ ତଥା ଓଷାବ୍ରତ କାଳରେ କୁମାରୀ/ନାରୀମାନଙ୍କର ଝୋଟିଚିତା; କାନ୍ଥରେ ରଙ୍ଗ ବିରଙ୍ଗ ବିଭିନ୍ନ ଚିତ୍ର ଲୋକମାନଙ୍କର ଧାର୍ମିକ-ନନ୍ଦନତାତ୍ତ୍ୱିକ ଭାବାବେଗକୁ ପରିଚିତ କରାଏ । ଗାଆଁ ଦେବଦେବୀ ମନ୍ଦିରରେ କାଷ୍ଠଖୋଦିତ ମୂର୍ତ୍ତି, ମଣ୍ମୟ ମୂର୍ତ୍ତି ଏହାର ପ୍ରକୃଷ୍ଟ ଉଦାହରଣ ।

ଏହି କଳା ସୃଷ୍ଟି ମଧ୍ୟ ଉତ୍ପାଦନ ଓ ଉପାର୍ଜନକ୍ଷମ କରିବାରେ ସମର୍ଥ । କିନ୍ତୁ ଗ୍ରାମର ଅମାର୍ଜିତ କଳା ସହରରେ ମାର୍ଜିତ ରୂପ ନେଇ ପୁନରୁତ୍ପାଦିତ ହେଲେ ଏହା ଲୋକଙ୍କର ଜୀବନର ଓ ଜୀବିକାର ଅବଲମ୍ବନ ହୋଇପାରିବ ।





## ଲୋକଙ୍କର ସାମାଜିକ ଚଳଣି ଓ ପ୍ରଥା

ପାରିବାରିକ ଓ ସାମାଜିକ କ୍ଷେତ୍ରରେ ସାମୂହିକଭାବେ ପାଳିତ ହେଉଥିବା ପର୍ବପର୍ବାଣି, ଧର୍ମାଚାର, ଉତ୍ସବ ସମେତ ଲୋକଧର୍ମ ଓ ଦର୍ଶନ, ଆମୋଦ ପ୍ରମୋଦ, କ୍ରୀଡା, ଲୋକୌଷଧି ଏହାର ଅନ୍ତର୍ଭୁକ୍ତ । ସମାଜରେ ବ୍ୟକ୍ତିର ଅନୁମୋଦନ ତଥା ବ୍ୟକ୍ତି ରୂପେ ସମାଜ ପ୍ରତି କର୍ତ୍ତବ୍ୟ ସାଧନ ଏହି ସାମାଜିକ ଚଳଣିର ଅନ୍ତର୍ଗତ ।

ଓଡିଶାର ସମାଜରେ କୁଳାଚାର, ଲୋକାଚାର ଓ ଦେଶାଚାର ଭେଦରେ ଚଳଣିଗୁଡିକ ବିଭକ୍ତ । ପ୍ରତ୍ୟେକ ଜାତିର ସ୍ୱତନ୍ତ୍ର ପ୍ରଥା ଓ ଚଳଣି ଥାଏ । ଗୋଟିଏ କ୍ଷୁଦ୍ର ଅଞ୍ଚଳରେ ପ୍ରଚଳିତ ପ୍ରଥା ଲୋକାଚାର ତଥା ଅଞ୍ଚଳ ନିର୍ବିଶେଷରେ ସମସ୍ତଙ୍କଦ୍ୱାରା ପରିଗୃହିତ ପ୍ରଥା ଓ ପରଂପରା ଦେଶାଚାର ରୂପେ ପ୍ରଚଳିତ । ଓଡିଶାର ଲୋକ ସମାଜର ପ୍ରତ୍ୟେକଙ୍କ ସ୍ୱତନ୍ତ୍ର ମିଥ୍ ପୁରାଣ, ଜାତି ଉତ୍ପତ୍ତି ବିବରଣୀ, ମୌଖିକ ପରଂପରା ରୂପେ ଧର୍ମାଚାର ପାଳନ କାଳରେ ହିଁ ଗାନକରାଯାଇଥାଏ । ଏଥିପାଇଁ ଲୌକିକ ଭାଟମାନେ ମଧ୍ୟ ଗୋଟିଏ ଗୋଟିଏ ଜାତିକୁ ଆଦରି ରହିଥିବାର ଜଣାଯାଏ । ତେଣୁ ଚଳଣି ସହିତ ଲୋକସାହିତ୍ୟର ସଂପର୍କ ମଧ୍ୟ ନିବିଡ ।

ଓଡିଶାର ରଜପର୍ବ, ରଥଯାତ୍ରା, ଦଶହରା, ଦୀପାବଳୀ, ହୋଲି ସମେତ ନାନା ଓଷାବ୍ରତ ଓ ପର୍ବପର୍ବାଣିର ସାମାଜିକ ମହତ୍ତ୍ୱ, ଧର୍ମୀୟ ଅଭିପ୍ସା ତଥା ମନସ୍ତାତ୍ତ୍ୱିକ ଭିତ୍ତି ରହିଛି । ଲୌକିକ ସଂସ୍କୃତିର ପ୍ରଭାବରେ ପର୍ବପର୍ବାଣିଗୁଡିକ ପାଳିତ ହୁଏ । ଆଦିବାସୀ ସଂପ୍ରଦାୟର ଧର୍ମାଚାର ଓ ପର୍ବପର୍ବାଣିସ୍ୱତନ୍ତ୍ର ।

ବର୍ଷର ବିଭିନ୍ନ କାଳରେ କୃଷିଭିତ୍ତିକ ପର୍ବ ପାଳିତ ହୁଏ । ମାନବ ଶସ୍ୟ ଉତ୍ପାଦାନ ପାଇଁ ଦେବଦେବୀଙ୍କଠାରେ ପ୍ରାର୍ଥନା କରିବା, ରୋଗ ଶୋକରୁ ମୁକ୍ତି ପାଇଁ ପ୍ରାର୍ଥନା କରିବା ମୂଳରେ ମାନବ-ପ୍ରକୃତି ଓ ଅତିପ୍ରାକୃତିକ ସତ୍ତାର ନିବିଡ ସଂପର୍କ ରହିଛି । ଏହି ହେତୁ ଲୋକସାହିତ୍ୟରେ ମଧ୍ୟ ମାନବ, ପଶୁପକ୍ଷୀ, ପ୍ରକୃତି ଓ ଇଶ୍ୱରୀୟ ସତ୍ତାର ବିପୁଳ ବର୍ଣ୍ଣନା ରହିଛି ।

ଓଡିଶାର ଲୋକଧର୍ମ କହିଲେ ମୁଖ୍ୟତଃ ଶାକ୍ତଧର୍ମକୁ ବୁଝାଏ । ଏହାଛଡା ଓଡିଶାର ମହାନ୍ ଧର୍ମପରଂପରା କହିଲେ ଶ୍ରୀଜଗନ୍ନାଥ-ଧର୍ମକୁ ବୁଝାଏ । ଶ୍ରୀଜଗନ୍ନାଥ-ଧର୍ମ ମୂଳତଃ ଶତାବ୍ଦୀ ବ୍ୟାପୀ ଶବର-ଦାବିଡ ଓ ଆର୍ଯ୍ୟ ଧର୍ମର ସମନ୍ୱୟ ବୋଲି ଜଣାଯାଏ । ଲୋକ ସାହିତ୍ୟ ଓ କିମ୍ବଦନ୍ତୀରେ ବିଦ୍ୟାପତି ଲଳିତା ମିଥ୍‌ଟି ହୋଇପାରେ ଶବର ଓ ଆର୍ଯ୍ୟ ଧର୍ମର ପ୍ରତୀକାତ୍ମକ ଅଭିବ୍ୟକ୍ତି । ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ କିମ୍ବଦନ୍ତୀଟି ମଧ୍ୟ ପ୍ରସଙ୍ଗ ପ୍ରତୀକାତ୍ମକ ମହିମା ପ୍ରକଟନ । କିନ୍ତୁ ଶ୍ରୀମନ୍ଦିରରେ ପ୍ରଚଳିତ ଚଳଣି ଓ ଶୃଙ୍ଖଳିତ ଧର୍ମାଚାରଗୁଡିକ ସହ ଓଡିଶାର ସାଂପ୍ରତିକ ଶବର, ସଉରା, ଗଣ୍ଡ, କନ୍ଧ, ବିଂଝାଲିମାନଙ୍କର କି ସଂପର୍କ ରହିଛି, ବାସ୍ତବରେ ଓଡିଶାର ଜଗନ୍ନାଥଧର୍ମରେ ସେହି ଆଦିବାସୀ ସଂସ୍କୃତିର ମୂଳ ସ୍ୱରୂପ କିପରି ପ୍ରତୀକାତ୍ମକ ଭାବେ ଶ୍ରୀମନ୍ଦିରର ଚଳଣି ଓ ପ୍ରଥା ମଧ୍ୟରେ ଆତ୍ମୀକରଣ ହୋଇଛି -- ସେହି ପ୍ରସଙ୍ଗରେ ଆମେ ଏବେ ସୁଦ୍ଧା ବେଶି ଆଗେଇ ପାରିନାହୁଁ । ଓଡିଶାର ସ୍ୱାୟତ୍ତ ଗ୍ରାମଶାସନରେ ଗଜପତି ଓ ଷୋହ୍ନଳ ସାମନ୍ତ ଚକର ପରିଧି -- କେନ୍ଦ୍ରଭିତ୍ତିକ ଶାସନରେ, ସେମାନଙ୍କୁ ଭିତ୍ତିକରି ଶ୍ରୀଜଗନ୍ନାଥଙ୍କ ନାମରେ ଓଡିଶାର ଶାସନକୁ ବିକେନ୍ଦ୍ରୀକରଣ କରିବା କ୍ଷେତ୍ରରେ ଆମ ଅଧ୍ୟୟନ ଯେ କମ୍ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ତେଣୁ ଓଡିଶାର ସାହିତ୍ୟ, ଭାଷା, ଧର୍ମ, ଗ୍ରାମଶାସନ, ଲୋକପରଂପରା ସହିତ ଆଦିବାସୀ ଧର୍ମ ଓ ଚଳଣିର ଆନ୍ତଃଶୃଙ୍ଖଳିତ ଅଧ୍ୟୟନର ଆବଶ୍ୟକତା ରହିଛି ।

ଶାକ୍ତଧର୍ମ ପୃଥିବୀ ପରି ପ୍ରାଚୀନ । ଓଡିଶାର ଗାଁଗହଳରେ ଗ୍ରାମଦେବୀଙ୍କ ପୂଜା ଅନିବାର୍ଯ୍ୟ । ବୃକ୍ଷପୂଜା, ଶସ୍ୟପୂଜା, ଭୂମିପୂଜା, ଜଡବସ୍ତୁରେ ପ୍ରାଣୀତ୍ୱର ଆରୋପଣ କରି ପୂଜାକରିବା ତଥା ମଣିଷ ମଧ୍ୟରେ ଐଶ୍ୱରୀୟ ଶକ୍ତିର ଆରୋପଣ କଳ୍ପନା ଓଡିଶାର ଲୋକଧର୍ମର ମୂଳ କଥା ।

## ପ୍ରଦର୍ଶନଶୀଳ ଲୋକକଳା

ଲୋକନୃତ୍ୟ, ଲୋକନାଟ୍ୟ, ଲୋକସଙ୍ଗୀତ, ଲୋକବାଦ୍ୟ ତଥା କ୍ରୀଡା ଏହାର ଅନ୍ତର୍ଗତ । ଲୋକଙ୍କର କାଳ୍ପନିକ ଓ ଆବେଗିକ ଅଭିପ୍ରକାଶପାଇଁ ଲୋକନୃତ୍ୟର ସାମୂହିକ ପ୍ରଦର୍ଶନ ଓ ଅଂଶ ଗ୍ରହଣ ଏଥିରେ ଗର୍ଭିତ । ବୟସ ଲିଙ୍ଗ ନିର୍ବିଶେଷରେ ଲୋକନୃତ୍ୟରେ ସଂପୃକ୍ତି, ଲୋକନାଟ୍ୟରେ କେବଳ ପୁରୁଷମାନଙ୍କ ଅଂଶ ଗ୍ରହଣ କରିବାର ଦେଖାଯାଏ । ଲୋକନୃତ୍ୟଗୁଡିକ କ୍ରମଶଃ ସରଳରୁ ଜଟିଳ କ୍ରମରେ ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା ମଧ୍ୟରେ ଅଭିବ୍ୟକ୍ତ ହୋଇଥାଏ । ପ୍ରତ୍ୟେକ ସାଂସ୍କୃତିକ ଅଞ୍ଚଳକୁ ନେଇ ଏହି ନୃତ୍ୟର ବିଶେଷତ୍ୱ ଦେଖାଯାଇଥାଏ । ଓଡିଶାର ପାହାଡୀ ଅଞ୍ଚଳରେ ବୃତ୍ତାକାର, ସର୍ପାକାର ଓ ଅର୍ଦ୍ଧବୃତ୍ତାକାର ନୃତ୍ୟରେ ଛନ୍ଦ ଓ ଆଙ୍ଗିକର ପୁନରାବୃତ୍ତି ଦୀର୍ଘସ୍ଥାୟୀ । ଅପରପକ୍ଷରେ, ଓଡିଶାର ସାମରିକ ନୃତ୍ୟ, ସୁନ୍ଦରଗଡର ପଇଁକା ନାଚ, ମୟୂରଭଞ୍ଜର

ଛଉନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ ସମ୍ବଲପୁରୀ ନୃତ୍ୟ, ଝୁମର ନୃତ୍ୟ, ଖୋରଧାର ପାଇକ ନୃତ୍ୟ କେବଳ ଶାରୀରିକ ଭଙ୍ଗିପ୍ରଧାନ ନୁହେଁ, ଭାବପ୍ରଧାନ ମଧ୍ୟ । ନୃତ୍ୟର ଲକ୍ଷଣ ଅନୁସାରେ ବାଦ୍ୟ ବି ସୁନିର୍ଦ୍ଦିଷ୍ଟ ।

ଓଡିଶାର ଅନେକ ଲୋକନୃତ୍ୟର ଶାସ୍ତ୍ରୀୟ ମର୍ଯ୍ୟାଦା ନାହିଁ; ଏପରିକି ତିରିଶି/ଚାଳିଶି ବର୍ଷ ପୂର୍ବେ ଭାରତରେ ଓଡିଶୀ ନୃତ୍ୟକୁ ଲୋକନୃତ୍ୟ ବୋଲି କହୁଥିଲେ । କିନ୍ତୁ ଏହାର ନିର୍ଦ୍ଦିଷ୍ଟ ନିୟମ, ଶୃଙ୍ଖଳା, ଛନ୍ଦ, ରାଗତାଳ, ବେଶ ଭୂଷା, ଅଭିନୟାଦିର ଏକ ସୁସଂହତ ରୂପ ରଚନାକୁ ବିଧିବଦ୍ଧ କରି ଦେଖାଇବା ଫଳରେ ଏହା ଅଳ୍ପକାଳ ମଧ୍ୟରେ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଛି । ଓଡିଶୀର ମୂଳରୂପ ମାହାରୀ ନୃତ୍ୟ ଓ ଗୋଟିପୁଅ ନାଚରେ ଦେଖିବାକୁ ମିଳେ । ଓଡିଶୀ ନୃତ୍ୟରେ ଭଙ୍ଗ ନୃତ୍ୟ ଓ ଷୋହଳ ଖଣ୍ଡବାଦ୍ୟର ପ୍ରଚଳନ ଥିଲା । ଏବେ ସେହି ଷୋହଳ ଖଣ୍ଡବାଦ୍ୟର ପ୍ରଚଳନ ଲୁପ୍ତପ୍ରାୟ । ପଶ୍ଚିମ ଓଡିଶାର ଦଣ୍ଡନାଟରେ ଅନ୍ୟନାମ ଷୋହଳ ସୁଆଙ୍ଗ । ରାଧାକୃଷ୍ଣ ଏହି ନୃତ୍ୟର ବାଦ୍ୟର ତାଳେ ତାଳେ ମଞ୍ଚକୁ ଆସନ୍ତି । ଓଡିଶାର ସର୍ବତ୍ର ପ୍ରଚଳିତ ଏହି ଷୋହଳ ଖଣ୍ଡବାଦ୍ୟ ସମ୍ପର୍କରେ ଦୃଷ୍ଟିଦେଲେ ଓଡିଶୀ ନୃତ୍ୟ କେଉଁ କେଉଁ ଲୋକନୃତ୍ୟର ଆନ୍ତଃକ୍ରିୟାରୁ ଉଦ୍ଭୁତ ତାହା ଜଣାଯିବ ।

ଛଉ, ଘୁମୁରା ଓ ଝୁମର ଏବେ ଏକ ଲୋକନୃତ୍ୟ ରୂପେ ସ୍ୱୀକୃତ ହେଲେବି ଏହାର ସଂରଚନାରେ ସଂଗୁପ୍ତ ଏକ ଶାସ୍ତ୍ରୀୟ ମର୍ଯ୍ୟାଦା । ନୃତ୍ୟ ବିଶାରଦମାନେ ଓଡିଶାର ସମସ୍ତ ଅଞ୍ଚଳର ନୃତ୍ୟମାନଙ୍କ ମଧ୍ୟରେ ଥିବା ରୂପ ରଚନାଗତ ସାଦୃଶ୍ୟ ବୈସାଦୃଶ୍ୟର ଅନୁଧ୍ୟାନ କରି ଏହାର ଉତ୍ସ ନିରୂପଣ କରିବା ଆବଶ୍ୟକ । ଛଉର ଶାସ୍ତ୍ରୀୟତା ସଂପର୍କରେ ସନ୍ଦେହ ନାହିଁ । କିନ୍ତୁ ତାକୁ ଏବେ ବି ଆମେ ଲୋନୃତ୍ୟ ବୋଲି କହିଆସୁଛୁ । ସେହିପରି ଘୁମୁରା ନୃତ୍ୟ ସଂପୂର୍ଣ୍ଣ ଶାସ୍ତ୍ରୀୟ ନହେଲେବି ଶାସ୍ତ୍ରୀୟନୃତ୍ୟ ପ୍ରଭାବିତ । ଏବେ କଳାହାଣ୍ଡିରେ ଘୁମୁରା ସର୍ବତ୍ର ସମାଦୃତ । କିନ୍ତୁ କଟକ, ଢେଙ୍କାନାଳ, କେନ୍ଦୁଝର ପ୍ରଭୃତି ଅଞ୍ଚଳରେ ଘୁମୁରା ବିଭିନ୍ନ ଭାବେ ଦେଖାଯାଏ । କୋଣାର୍କର ନାଟ ମନ୍ଦିରରେ ଘୁମୁରା ଲୋକନୃତ୍ୟକାରୀର ମୂର୍ତ୍ତି ରହିଛି । ଏହାର ଧର୍ମୀୟ ଭିତ୍ତି ବି ରହିଛି । ଶାକ୍ତ ପରଂପରା ସହିତ ଘୁମୁରା ନୃତ୍ୟର ଗଭୀର ସଂପର୍କ ।

ସେହିପରି ଲୋକବାଦ୍ୟଗୁଡିକର ଉତ୍ପତ୍ତି କାହାଣୀ ସାମାଜିକ, ଧାର୍ମିକ ଓ ଆମୋଦ ପ୍ରମୋଦ ଉତ୍ସବ କାଳରେ ଭିନ୍ନ ଭିନ୍ନ ସ୍ୱର ଓ ତାଳର ବ୍ୟବହାର, ବିଭିନ୍ନ ସଂପ୍ରଦାୟର ପ୍ରଜାତିକ ବାଦ୍ୟର ନିର୍ମାଣ ଏକ ସ୍ୱତନ୍ତ୍ର ଅଧ୍ୟୟନର ଅପେକ୍ଷା ରଖେ । ସମ୍ବଲପୁରୀ ଭାଷାରେ ନିର୍ମିତ 'ଭୁଖା' ଚଳଚିତ୍ର ପଶ୍ଚିମ ଓଡିଶାର ବଜନିଆ ସଂପ୍ରଦାୟର ବାଦ୍ୟ ବଜାଇ ଜୀବନକୁ ବଞ୍ଚିବାର ସଘର୍ଷ ସଂପର୍କୀୟ ଏକ ପାମାଣିକ ଚଳଚିତ୍ର । ଏମାନଙ୍କ ତସା, ଢୋଲ, ଢାବ, ମହୁରୀ, ଝାଞ୍ଜ ଓ ନିଶାଣର ସମବେତ ବାଦ୍ୟବୃନ୍ଦ ରହିଛି । ଦେବଦେବୀଙ୍କ ପାଇଁ ସ୍ୱତନ୍ତ୍ର ରାଗ ତାଳ ରହିଛି । ବିବାହର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଭାବରେ ଏମାନେ ବାଦ୍ୟ ବଜାଇଥାନ୍ତି । ପ୍ରତ୍ୟେକ ସଂପ୍ରଦାୟର ସଂସ୍କୃତି ଜିପରି ନିଜ ନିଜ ସଙ୍ଗୀତିକ ବ୍ୟବହାର ମଧ୍ୟରେ ଅଭିବ୍ୟକ୍ତ ହୋଇଥାଏ -- ତାହା ପ୍ରଜାତି ସାଙ୍ଗୀତ ଅଧ୍ୟୟନର ମୂଳକଥା । ଭାରତୀୟ ନାଟ୍ୟ ପରଂପରାକୁ ଲୋକଧର୍ମୀ ଓ ନାଟ୍ୟଧର୍ମୀ ତଥା ବିଦ'ବୃତ୍ତ ଓ ଲୋକବୃତ୍ତ ଭେଦରେ ଭରତ ମୁନିଙ୍କ କାଳରୁ ବିଭକ୍ତ କରାଯାଇଛି । ଓଡିଶାରେ ସଂସ୍କୃତ ନାଟକ ଲେଖୁଥିବା ନାଟ୍ୟକାରମାନେ ଲୋକନାଟ୍ୟକୁ ଗ୍ରାମ୍ୟଧର୍ମୀ ବୋଲି ସେଗୁଡିକୁ ଚର୍ଚ୍ଚାର ବିଷୟ ରୂପେ ଗ୍ରହଣ କରିନାହାନ୍ତି ।

ନାଟ୍ୟ ଲୋକ ହେଉ ବା ବିଦ', ଏହା ପ୍ରଥମତଃ ଧର୍ମୀୟ ପରଂପରା ଉତ୍ସବ ଅନୁଷ୍ଠାନ ସହ ସଂପୃକ୍ତ । ଓଡିଶାର ପୁରାଣ ଓ ମହାକାବ୍ୟର ଆଖ୍ୟାୟିକାଗୁଡିକ ଲୋକନାଟ୍ୟର ଆତ୍ମିକ । ଛାନ୍ଦନାଟ୍ୟ ଓ କାବ୍ୟ ଭିତରେ କିଛି ପାର୍ଥକ୍ୟ ନାହିଁ । କେତେଜଣ ବସି ଜଣକଠାରୁ କାବ୍ୟ ଶୁଣି ଆମୋଦ ଲାଭ କରନ୍ତି ଓ ଏହି କାବ୍ୟ ଅଭିନେତାଙ୍କଦ୍ୱାରା ଲୋକମଞ୍ଚରେ ଅଭିନୀତ ହୁଏ । ପ୍ରଥମେ ଓଡିଶା ଲୋକନାଟ୍ୟରେ କେବଳ ଛାନ୍ଦ- କାବ୍ୟମୟ ସଂଳାପ ରହୁଥିଲା । ଓଡିଶାରେ ଲୋକନାଟ୍ୟରେ ସଂଳାପ ଆସିବା ବେଶି ଦିନର ନୁହେଁ । ଏଣୁ ଓଡିଶାରେ ବୈଷ୍ଣବ ପାଣି, ଜଗନ୍ନାଥ ପାଣିତଥା ସେମାନଙ୍କ ସମକାଳୀନ ନାଟ୍ୟକାରମାନଙ୍କ ପୂର୍ବରୁ ରଚିତ ଛାନ୍ଦନାଟ୍ୟ କାବ୍ୟଶୈଳୀର । ପଶ୍ଚିମ ଓଡିଶାରେ ବୈଷ୍ଣବ ପାଣିଙ୍କ ଯାତ୍ରା ପ୍ରସିଦ୍ଧ ହେବା ପୂର୍ବରୁ ଛାନ୍ଦନାଟ୍ୟ ହିଁ ଅଭିନୀତ ହେଉଥିଲା । ଏବେବି ଗ୍ରାମାଞ୍ଚଳରେ ନାଟ ରୂପେ କୋରାପୁଟର ଦେଶିଆ ନାଟରେ ବସ୍ତର ଓ ଛତିଶଗଡ ଅଞ୍ଚଳର ଲୋକନାଟ୍ୟରେ ସଂଳାପବିହୀନ ଛାନ୍ଦ ଗାଇ ଗାଇ ଅଭିନେତାଗଣ ଅଭିନୟ କରିଥାନ୍ତି । ଏଥିରେ ପାତ୍ରର ନିଜସ୍ୱ ଗୀତିମୟ ସଂଳାପରେ ନିଜର ରୂପଗୁଣ ବର୍ଣ୍ଣନା, ଚରିତ୍ରାଭିମୁଖୀ ବାଦ୍ୟ ରଚନା, ସମସ୍ତ ଚରିତ୍ର ଏକତ୍ର ମଞ୍ଚରେ ଉପସ୍ଥିତ ହୋଇ ନିଜନିଜର ପ୍ରସଙ୍ଗ ଅନୁରୂପ ଅଭିନୟ କରିବା, କେତେକ ସ୍ଥଳରେ ଗାୟକର ନେପଥ୍ୟ ଗୀତ ସହିତ ମଞ୍ଚରେ ଅଭିନେତା ଅଭିନୟ କରିବା ପରଂପରା ନିହିତ ।

ଓଡିଶାର ଲୋକନାଟ୍ୟ କହିଲେ ମୁଖ୍ୟତଃ ଶାରଳା ମହାଭାରତର ଆଖ୍ୟାୟିକା, ବିଶୀରାମାୟଣ, ଲକ୍ଷ୍ମୀପୁରାଣ, ସୁଆଙ୍ଗ, ଭାରତଲୀଳା, ରାମଲୀଳା, ଶ୍ରୀକୃଷ୍ଣଲୀଳା, ଅଲେଖଲିଳା ତଥା ବଧ, ହରଣ, ଚରିତ, ବିବାହ ପ୍ରଭୃତିକୁ ବୁଝାଏ । ପର୍ବପର୍ବାଣୀରେ ଓ ଧର୍ମୀୟ



ମନ୍ତ୍ର ଏକ ସ୍ୱୟଂସଂପୂର୍ଣ୍ଣ ଶକ୍ତି, ତାର ଅନୁବାଦ ସମ୍ଭବପର ନୁହେଁ
-ମନୋଜ ଦାସ

ଉତ୍ସବ ଅନୁଷ୍ଠାନାଦିରେ ଏହାର ଅନିବାର୍ଯ୍ୟତା ଅଛି । ଶାସ୍ତ୍ରୀୟ ଚରିତ୍ର ଓ ଘଟଣାସବୁ ଲୋକମାନସରେ ଚିରସଜୀବ ରହିବା ଫଳରେ ଲୋକନାଟ୍ୟର ଦୃଶ୍ୟ ଶ୍ରାବ୍ୟ ମାଧ୍ୟମର ଗୁରୁତ୍ୱ ରହିଛି । ଐଶ୍ୱରୀୟ ଚରିତ୍ରର ଲୌକିକୀକରଣ ହୋଇଥାଏ ଲୋକନାଟ୍ୟରେ । ଆଞ୍ଚଳିକ ସଂସ୍କୃତିର ଶବ୍ଦ ଓ ସଙ୍କେତ ଲୋକନାଟ୍ୟରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ । ସାଂସ୍କୃତିକ ରୂପାନ୍ତରଣ ସହିତ ମାନବର ଅଧ୍ୟାତ୍ମ ଚେତନାର ଭାବ ଲୋକନାଟ୍ୟରେ ସଞ୍ଚରିତ । ଦୈବିକ ଚରିତ୍ରମାନଙ୍କର ମାନବୀୟ ଦୋଷ ଗୁଣ ସଂପନ୍ନ ସ୍ୱାଭାବିକ ଆତ୍ମପ୍ରକାଶରେ କେବଳ ନୈତିକତା ଓ ମନୋରଞ୍ଜନର ସାମଗ୍ରୀଟିଏ ହୋଇ ଲୋକନାଟ୍ୟ ଦେଖାଦିଏ ନାହିଁ ବରଂ ଲୋକସମାଜର ନିୟନ୍ତ୍ରଣରେ ସାମୂହିକ ଚେତନାରେ ତଥା ବ୍ୟକ୍ତି ସ୍ମୃତିରେ ଗଭୀର ରେଖାପାତ କରେ । ଏହା ମହାଭାରତୀୟ ଭାବନାଦ୍ୱାରା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରେ ।

ଓଡିଶାର ଗ୍ରାମାଞ୍ଚଳରେ ଶ୍ରୀରାମଲୀଳା ଓ ଶ୍ରୀକୃଷ୍ଣଲୀଳାର ଆଦୃତି ସର୍ବାଧିକ । ଶ୍ରୀକୃଷ୍ଣଲୀଳା ଏକ ଧର୍ମାନୁଷ୍ଠାନ, ନାଟ୍ୟାଭିନୟ ଏହାର ମୁଖ୍ୟ ଆଙ୍ଗିକ । କେବଳ ଧର୍ମାନୁଷ୍ଠାନକୁ ବାଦ୍‌ଦେଇ ଯଦି ଶ୍ରୀକୃଷ୍ଣଲୀଳାର ଆତ୍ମିକର ବିଶ୍ଳେଷଣ କରାଯାଏ ତେବେ ଏଥିମଧ୍ୟରେ ଗୋଟିଏ ଅଞ୍ଚଳର ଲୋକସଂସ୍କୃତିର ବାସ୍ତବ ଚିତ୍ର ସଙ୍ଗୋପିତ ହୋଇ ରହିଛି ବୋଲି ଜଣାଯାଏ । ପୁରୀର ଗ୍ରାମାଞ୍ଚଳରେ ପ୍ରଚଳିତ ଶ୍ରୀକୃଷ୍ଣଲୀଳାରେ ଗ୍ରାମୀଣ ଲୋକସଂସ୍କୃତିର ଚିତ୍ର ସୁଲଭ ।

ଲୋକନାଟ୍ୟରେ ଲୋକଙ୍କର ସୁଖ ଦୁଃଖର କଳାତ୍ମକ ପ୍ରକାଶ ହୋଇଥାଏ । ଅତୀତ ସହିତ ବର୍ତ୍ତମାନର ସଂଯୋଗ ତଥା ନାଟକରେ କାଳହୀନତା ପରୀକ୍ଷାଧର୍ମୀ/ପ୍ରୟୋଗଧର୍ମୀ/ ଆବସର୍ଡ୍ ନାଟକରେ ଏବେ ପ୍ରୟୋଗ କରାଯାଉଛି । କିନ୍ତୁ ଲୋକନାଟ୍ୟରେ ପୌରାଣିକ କଥାବସ୍ତୁ ମଧ୍ୟରେ ଦୁଆରୀ ମାଧ୍ୟମରେ ସାମ୍ପ୍ରତିକ ଯୁଗର ନିର୍ବାଚନ ପ୍ରଚାର, ଚିନି କିରୋସିନିରେ ଦରଦାମ୍ ବୃଦ୍ଧି, ଜନ୍ମନିୟନ୍ତ୍ରଣ, ଯୁଦ୍ଧ କିମ୍ବା ଜାତୀୟ ସମସ୍ୟାର ଚିତ୍ର ଦୁର୍ଲଭ ନୁହେଁ । ଏହା ଏକ ସମୟରେ ଅତୀତ ଓ ବର୍ତ୍ତମାନର ଅନୁଭବକୁ ପ୍ରତ୍ୟକ୍ଷ କରାଇଥାଏ ।

ଲୋକଙ୍କର ସାମୂହିକ ଅଂଶ ଗ୍ରହଣ ଲୋକନାଟ୍ୟର ମୁଖ୍ୟ ବିଷୟ । ଲୀଳାଭିନୟରେ ଗ୍ରାମର ସମସ୍ତଙ୍କର କିଛି ନା କିଛି ଭୂମିକା ରହିଥାଏ । ପ୍ରତ୍ୟେକେ ନିଜ ନିଜ କର୍ତ୍ତବ୍ୟ ସଂପାଦନ କରନ୍ତି । ମଞ୍ଚ ନିର୍ମାଣ, ପୋଷାକ ପ୍ରସ୍ତୁତି, ଖାଦ୍ୟ ଯୋଗାଣ, ପୂଜାସାମଗ୍ରୀ, ଅଭିନେତାଙ୍କୁ ଆତିଥ୍ୟ ଦେବା, ରଥତିଆରି, କଳସଯାତ୍ରା ପ୍ରଭୃତିରେ ଗ୍ରାମର ସମସ୍ତଙ୍କର ନିଜ ନିଜ ଭୂମିକା ରହିଥାଏ । ଏହା ଗ୍ରାମୀଣ ସଂହତିର ଦ୍ୟୋତକ ତଥା ସମାଜରେ ବ୍ୟକ୍ତିର ବିକାଶର ସହାୟକ ।

ଓଡିଆ ଲୋକସଂସ୍କୃତିର ବହୁବର୍ଣ୍ଣୀ ରୂପ-ବିଭବ ପରମ୍ପରର ସହିତ ଏକ ଜାଲିକାମ ଦ୍ୱାରା ଅନୁବନ୍ଧିତ । ଓଡିଆ ଲୋକସଂସ୍କୃତିର ଏକ ସାର୍ବିକ ଅଧ୍ୟୟନ କରିବାକୁ ହେଲେ ଓଡିଶାର ବିଭିନ୍ନ ଉପ-ଆଞ୍ଚଳିକ ସଂସ୍କୃତିଗୁଡିକର କ୍ଷେତ୍ର ଅଧ୍ୟୟନ ଦରକାର । ଏହି ସଂସ୍କୃତି ଶହ ଶହ ବର୍ଷର ଫଳଶ୍ରୁତି । ଲୋକଙ୍କ ସହ ଗଭୀର ସମ୍ପର୍କୁତି ସହ ଶାସ୍ତ୍ର ସହ ଗଭୀର ଅବଗାହନ, ଓଡିଆ ଭୂମିପ୍ରତି ସଶକ୍ତ ଦୃଷ୍ଟିରଖି ସାଧନାକଲେ ଆମେ ଓଡିଆ ମାଟିର ଚେରରୁ ଆହରିତ ସଂସ୍କୃତି ବୃକ୍ଷର ଫୁଲ ଫଳରେ ଆମେ ମାନବ ଆତ୍ମାର ବନ୍ଦନା କରିପାରିବା ।

--- x x x x x ---

## କେଳୁ ବାବୁ, ମୋର ଗୁରୁବର୍ଗ, ଓ ମୁଁ

ଚିତ୍ରଲେଖା ପଟ୍ଟନାୟକ, ଟରୋଣ୍ଟୋ, କାନାଡା

*ଟରୋଣ୍ଟୋ ସ୍ଥିତା ଶ୍ରୀମତୀ ଚିତ୍ରଲେଖା ପଟ୍ଟନାୟକ ଓଡିଶୀ ନୃତ୍ୟପ୍ରତି ପୂର୍ଣତଃ ସମର୍ପିତା । ସେ ତାଙ୍କର ନିଜ ନୃତ୍ୟ ଆକାଡେମୀରେ ଓଡିଶୀ ନୃତ୍ୟଶିକ୍ଷାଦାନ ତଥା ସାଧନାରେ ସର୍ବଦା ନିମଜ୍ଜିତା । ତାଙ୍କ ସଂପର୍କ କେଳୁ ବାବୁଙ୍କ ସହିତ ତ ଅଛି, କିନ୍ତୁ ସେ କେଳୁ ବାବୁଙ୍କ ଗୁରୁ ଶ୍ରୀ ପଙ୍କଜଚରଣ ଦାସଙ୍କଠାରୁ ନୃତ୍ୟଶିକ୍ଷା ପ୍ରାପ୍ତ ହୋଇଥିଲେ । ଅର୍ଥାତ୍ ଆଜିକାର ନୂତନ ପୀଢି ତୁଳନାରେ ତା'ଙ୍କର ଅଭିଜ୍ଞତା ପୃଥକ୍ । ସେ ସଂପର୍କରେ ତାଙ୍କର କିଛି ଅନୁଭୂତି ଏଇ ଲେଖାରେ ।*

ସେହି ପୂଜ୍ୟ ଗୁରୁଦେବଙ୍କ ଶ୍ରୀଚରଣକୁ ବନ୍ଦନା କରି ମୋର ପ୍ରଧାନ ସମ୍ବଳ ଓଡିଶୀ ନୃତ୍ୟ  ଓ ଓଡିଆ କଳା ସଂସ୍କୃତିର କିଛିଟା ଅନୁଭୂତି ଅର୍ପଣ କରୁଛି । ମୋର ତିନିଜଣ ଗୁରୁ, ଗୁରୁଶ୍ରୀ ପଙ୍କଜଚରଣ ଦାସ, ଗୁରୁଶ୍ରୀ ଦେବପ୍ରସାଦ ଦାସ, ଓ ଗୁରୁଶ୍ରୀ କେଳୁଚରଣ ମହାପାତ୍ର ଆଜି ଏ ସଂସାରରୁ ବିଦାୟ ନେଇ ସାରିଛନ୍ତି । ଆମ ଓଡିଶୀ ଜଗତରେ ସେମାନଙ୍କ ସ୍ଥାନ କେହି ପୂରଣ କରି ପାରିବେ ନାହିଁ । ସେଇ ଗୁରୁମାନେ ମୋ ପାଇଁ ଅମର ଓ ଚିରଦିନ ପାଇଁ ମୋ ମନ ଭିତରେ ରହିଯାଇଛନ୍ତି ।

ଆଜିର ଓଡିଶୀ, ଦେବଦାସୀ, ମାହାରୀ, ଗୋଟିପୁଅ ନୃତ୍ୟ ସାରା ବିଶ୍ୱରେ ଶାସ୍ତ୍ରୀୟ ନୃତ୍ୟ ରୂପେ ମର୍ଯ୍ୟାଦା ଲାଭ କରିଛନ୍ତି । ପୃଥିବୀର କୋଣେ କୋଣେ ଓଡିଶାର ନିଜସ୍ୱ ଶାସ୍ତ୍ରୀୟ ନୃତ୍ୟ ରୂପେ ଓଡିଶୀ ସମୃଦ୍ଧିତ ହେଉଛି, ସମ୍ମାନିତ ହେଉଛି ଓ ଏକ ଅଦ୍ଭୁତ ପୂର୍ବ ଜନପ୍ରିୟତା ଲାଭ କରିଛି । ଅନ୍ୟ ବିଶିଷ୍ଟ ଗୁରୁ ମାନଙ୍କ ସହିତ

ପଦ୍ମବିଭୂଷଣ କେଳୁଚରଣ ମହାପାତ୍ରଙ୍କର ଅବଦାନ ଏଥିପ୍ରତି ଅତୁଳନୀୟ ।

ଚାରୁକଳାରେ ଉତ୍କୃଷ୍ଟ ଆମ ଓଡିଶା, ଉତ୍କଳ ନାମରେ ପ୍ରଖ୍ୟାତ, ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଅନୁସାରେ ଓଡିଶୀ ନୃତ୍ୟର ପ୍ରଥମ ପରିଚୟ ଓଡ୍ରମାଗଧୀ ଶୈଳୀ ବା ଓଡ୍ରନୃତ୍ୟ । ଯେଉଁଭଳି ଓଡ୍ରଦେଶରୁ ଓଡିଶା ନାମ ଉଦ୍ଭୁତ, ସେହିପରି ଓଡ୍ରିଶାରୁ ଓଡିଶୀ ନାମ ଆସିଛି । ଓଡିଶୀ ନୃତ୍ୟର ସର୍ବଶ୍ରେଷ୍ଠ ପ୍ରମାଣ ସବୁ ଆମର ମନ୍ଦିରଗୁଡିକରେ ରହିଛି । ଭରତ ମୁନିଙ୍କର ନାଟ୍ୟ ଶାସ୍ତ୍ର ରଚନା ପରଠାରୁ ଓ ନୃତ୍ୟଗୁରୁଙ୍କର ଅଗାଧ ପରିଶ୍ରମ ଓ ଶିକ୍ଷା ପ୍ରଦାନ ଦ୍ୱାରା ଆମ ଓଡିଶାର ସଙ୍ଗୀତ, ନୃତ୍ୟ ଓ ନାଟ୍ୟ ରଚନା ସମଗ୍ର ବିଶ୍ୱରେ ବିସ୍ତାର ଓ ବିକାଶ ଲାଭ କରିଛି ।

## ବାଲ୍ୟକାଳ ନୃତ୍ୟ ଶିକ୍ଷା ପ୍ରାରମ୍ଭ

ମୋର ଜନ୍ମସ୍ଥାନ କଟକରେ । ପାଞ୍ଚବର୍ଷ ବୟସରେ ସ୍ମୃତି କଳା ମଣ୍ଡପର ନୃତ୍ୟଗୁରୁ ଶ୍ରୀ ବଟକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ମୋର ନୃତ୍ୟ ଶିକ୍ଷା ଆରମ୍ଭ ହେଲା । ଏହି ବାଲ୍ୟକାଳ ଶିକ୍ଷା ଏକ ସ୍ୱର୍ଗମୟ ଦାନ ଭାବେ ମୋର ଅଙ୍ଗ ପ୍ରତ୍ୟଙ୍ଗରେ ପ୍ରବାହିତ କରେ । ବାପା କଟକରେ ପୋଲିସ ଆଇ·ଜି· ଥିଲେ । ସେତେବେଳେ ଗୁରୁଶ୍ରୀ ବଟକୃଷ୍ଣ ଜେନା ଆମ ଘରକୁ ଆସି ନୃତ୍ୟ ଶିକ୍ଷା ଦେଇଥିଲେ । ପୋଲିସ ସରକାରୀ କର୍ମଚାରୀ ହୋଇଥିବା ସତ୍ତ୍ୱେ ବାପା ମୋର ନୃତ୍ୟକଳା ପ୍ରତି ଅସୀମ ଆଗ୍ରହ ଓ ଉତ୍କଣ୍ଠା ଅନୁଭବ କରି ପାରିଥିଲେ ଓ ମୋତେ ଅସୀମ ଉତ୍ସାହ ଦେଇଥଲେ । ସେଥିପାଇଁ ଆଜି ମୁଁ ନିଜକୁ ଖୁବ୍ ଧନ୍ୟ ଓ ଭାଗ୍ୟଶାଳୀ ମନେ କରୁଅଛି । ମୋର ପ୍ରଥମ ଗୁରୁଶ୍ରୀ ବଟକୃଷ୍ଣ ଜେନାଙ୍କ ସହିତ ଅନ୍ୟ ମହାନ ଗୁରୁ ମହାଦେବ ରାଉତ, ଗୁରୁଶ୍ରୀ ଦେବପ୍ରସାଦ ଦାସ, ଗୁରୁଶ୍ରୀ ପଙ୍କଜଚରଣ ଦାସ, ଓ ଗୁରୁଶ୍ରୀ କେଳୁଚରଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନୃତ୍ୟଶିକ୍ଷା ଗ୍ରହଣ କରିବାର ସୁଯୋଗ ମୋତେ ମିଳିଥିଲା । ସେ ସମୟର ପ୍ରତି ମୁହୂର୍ତ୍ତ ମୋ ପାଇଁ ଏକ ସୁବର୍ଣ ସୁଯୋଗର ମୁହୂର୍ତ୍ତ ଥିଲା, ଯାହା ମୋର ଚିରଦିନ ପାଇଁ ଅଭୁଲା ହୋଇ ରହିଯାଇଛି ।

କେଳୁବାବୁଙ୍କ ସହିତ ମୋର ପ୍ରଥମ ପରିଚୟ ହେଲା କଟକର ଅନପୂର୍ଣ୍ଣା ଥିଏଟର ମଞ୍ଚରେ, ଯେତେବେଳେ ସେ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟାଙ୍କ ସହିତ ଥିଏଟର ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ । ସେ ସମୟର ଏ ଥିଏଟର ମଞ୍ଚରେ ଓଡିଶୀ ନୃତ୍ୟ ଏକ ଅଦ୍ଭୁତ ଓ ତୀବ୍ର ତରଙ୍ଗ ସୃଷ୍ଟି କରିଥିଲା । ବାଲ୍ୟ କଳାକାର ଭାବରେ ମୁଁ ଅନେକ ଥର ସେଇ ଥିଏଟର ମଞ୍ଚିରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ପାଇ ଖୁବ୍ ଆନନ୍ଦ ଉପଲବ୍ଧି କରିଛି । କେଳୁବାବୁ ଓ ଲକ୍ଷ୍ମୀପ୍ରିୟା ମା ସେତେବେଳେ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିଲେ ଗୁରୁଶ୍ରୀ ପଙ୍କଜଚରଣ ଦାସଙ୍କର ନିକଟରୁ । ମୋର ସେମାନଙ୍କଠାରୁ ନୃତ୍ୟ ଶିକ୍ଷା ଭିତରେ ଓଡିଶାର ବିଭିନ୍ନ ସ୍ଥାନ, କଲିକତା, ଦିଲ୍ଲୀ, କାଶ୍ମୀର ଆଦି ସହରରେ, ଅନେକ ଅବସରରେ ଓଡିଶୀ ନୃତ୍ୟ ପରିବେଷଣ କରିବାର ସୁଯୋଗ ମିଳିଥିଲା ।

ପଙ୍କଜ ସାର ଓ କେଳୁ ସାରଙ୍କ ନିର୍ଦ୍ଦେଶନାରେ ଆନେକ ନୃତ୍ୟ-ନାଟିକାରେ ଭାଗ ନେବାର ସୌଭାଗ୍ୟ ମିଳିଥିଲା, ଯେଉଁଥିରେ ସବୁ ସଙ୍ଗୀତ ସଂଯୋଜନା କରିଥିଲେ ସଙ୍ଗୀତଜ୍ଞ ବାଳକୃଷ୍ଣ ଦାସ, ପଣ୍ଡିତ ଭୁବନେଶ୍ୱର ମିଶ୍ର, ପଣ୍ଡିତହରିପ୍ରସାଦ ଚୌରାସିଆ ଆଦି ମହାନ୍ ବ୍ୟକ୍ତି ସବୁ । ପ୍ରାୟ ପନ୍ଦର ବର୍ଷ ନୃତ୍ୟ ଶିକ୍ଷା ଓ ଅନୁଭୂତି ପରେ କଟକର ନାଶନାଲ୍ ମ୍ୟୁଜିକ୍ ଆଷୋସିଏଶନରୁ ମୁଁ କଥକ ଓ ଓଡିଶୀ ଦୁଇଟି ନୃତ୍ୟ ଶୈଳୀରେ ବି·ଏ· ଡିଗ୍ରୀ ହାସଲ କରିଛି । ତା' ପରେ ପରେ କଟକର ଶୈଳବାଳା ମହିଳା କଲେଜରୁଏକୋନୋମିକ୍ସ ଓ ସଂସ୍କୃତରେ ବି·ଏ· ହାସିଲ କରିଥିଲି ।

ଆଜି ଆମ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ ଭାବେ ମର୍ଯ୍ୟାଦ ଲାଭ କରିବାରେ ଏବଂ ବିଶ୍ୱରେ ପ୍ରସାର ପାଇବା ମୂଳରେ ଗୁରୁଶ୍ରୀ କେଳୁବାବୁଙ୍କ ଅବଦାନ ଅତୁଳନୀୟ । ସେ ସିନା ସମସ୍ତଙ୍କୁ ଛାଡି ଚାଲିଗଲେ, ତାଙ୍କ ସ୍ମୃତି ଓ ଅନୁଭୂତି ଚିରଦିନ ପାଇଁ ମୋ ଅନ୍ତର ଭିତରେ ରହିଗଲା । ସେହି ପୂଜ୍ୟ ସ୍ମରଣୀୟ, ଚିର ବନ୍ଦନୀୟ, ଅମର ଆତ୍ମାକୁ ମୁଁ ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

## ସାବାଳକ ଜୀବନ

ଓଡିଶୀ ନୃତ୍ୟ କଳାକୁ ବାଲ୍ୟାବସ୍ଥାରୁ ଅଙ୍ଗେ ଅଙ୍ଗେ ନିଭାଇ, ସାବାଳକ ଜୀବନରେ ମୋର ଯୋଗ, ସାଧନା ଓ ବାଳ୍ୟଶିକ୍ଷାର ପ୍ରେରଣା ଦ୍ୱାରା ବଜାୟ ରଖିବାକୁ ଚେଷ୍ଟା କଲି । କାନାଡା ପରି ବିଦେଶ ମାଟିରେ ଚିତ୍ରଲେଖା ଡ୍ୟାନ୍ସ୍ ଆକାଡେମୀର ଜନ୍ମ ଏବେ ଏକ ସ୍ୱପ୍ନ ଭଳି ଲାଗେ । ଅନେକ ନୃତ୍ୟ ଶିଳ୍ପୀ, ନୃତ୍ୟର ପବିତ୍ର ହୋମାଗ୍ନିରେ ନିଜ କଳାର ପ୍ରତିଭାକୁ ଆହୁତି ଦେଇ ସ୍ୱାମୀର ଘର ସଂସାର ସଜାଡିବାକୁ ଚାଲିଯାଆନ୍ତି । ସାଧାରଣତଃ ଘର ସଂସାରରେ ଜଡିତ ରହିଲେ ନୃତ୍ୟକଳା ସମାଧି ପାଇଯାଏ । କିନ୍ତୁ ମୋ ଜୀବନରେ ଅସୀମ ପେରଣା ନେଇ ଏକ ବତୀଘର ସାଜି ଆସିଲେ ମୋ ଜୀବନ ସାଥି ଓ ପତି ପ୍ରମୋଦ ପଟନାୟକ ।







*ଚିତ୍ରଲେଖା, ପୁତ୍ରୀ ଏଲୋରା, ଓ ପୁତ୍ର ଦେବରାଜ, କେଳୁବାବୁଙ୍କ ସହିତ ଏକ ତୃପ୍ତ ମୁହୂର୍ତ୍ତରେ*

ବ୍ରହ୍ମପୁର ନିବାସୀ ଶ୍ରୀ ରାମଚନ୍ଦ ପଟନାୟକ ତାଙ୍କର ପିତା ଓ ଶ୍ରୀମତୀ ରଗମଞ୍ଜରୀ ପଟନାୟକ ତାଙ୍କର ମାତା । ମା ଖୁବ୍ ସୁନ୍ଦର ଶାସ୍ତ୍ରୀୟ ଗୀତ ଗାଉଥିଲେ ଓ ବାପା ବ୍ରହ୍ମପୁର ଖଲିକୋଟ୍ କଲିଜିଏଟ୍ ହାଇସ୍କୁଲର ହେଡ୍‌ମାଷ୍ଟର ଚାକିରୀ ସହିତ ସଙ୍ଗୀତ ନାଟକ ଓ ପଥର, କାଠ କାରିଗରୀରେ ନିପୁଣ ଥିଲେ । ଏପରି ଉଚ୍ଚ କଳାକାର ଓ କଳାପ୍ରେମୀ ପରିବାରର ବୋହୂ ହୋଇ ନିଜକୁ ଅତି ସୌଭାଗ୍ୟଶାଳୀ ମନେକଲି । ମୋର ନୃତ୍ୟ ଶିକ୍ଷା ବଜାୟ ରଖିବାରେ ମୁଁ କୌଣସି ସଂସାରମୟ ଦ୍ୱନ୍ଦ- ଅସୁବିଧାର ସମ୍ମୁଖୀନ ହୋଇନାହିଁ। ଖାଲି ସେତିକି ନୁହେଁ ପ୍ରମୋଦଙ୍କ ସହଯୋଗ ଦ୍ୱାରା ମୋର ନୃତ୍ୟସାଧନା ତ୍ୱରାନ୍ୱିତ ହୋଇଥିଲା । ବାପା ଯେତେବେଳେ କାନାଡା ଆସିଥିଲେ ପ୍ରଥମ ଥର ପାଇଁ ସାକ୍ଷାତ ମଞ୍ଚରେ ମୋର ନୃତ୍ୟ ପରିବେଷଣ ଦେଖି ଅନେକ ଉତ୍ସାହ ପାଇଥିଲେ ।

ଅତି ଯତ୍ନରେ ସାଇତି ରଖିଥିବା ମୋର ଓଡିଶୀ ନୃତ୍ୟ କଳାକୁ ସୁଚାରୁ ରୂପେ ପୁନରୁଦ୍ଧାର କରିବାପାଇଁ ପ୍ରମୋଦଙ୍କର ଅନେକ ଉତ୍ସାହ ଓ ସହଯୋଗ କାଳକ୍ରମେ ବଢି ଚାଲିଲା । ବାଲ୍ୟାବସ୍ଥାରୁ ସେ ନିଜେ ଏକ କଳାପ୍ରେମୀ । ସଙ୍ଗୀତ, ନାଟକ, ତବଲା ବାଦନରେ ତାଙ୍କର ଅନେକ ଅଭିଜ୍ଞତା ରହିଛି । ସେତେବେଳେ କାନାଡାରେ ଓଡିଶୀ ନୃତ୍ୟ, ସଙ୍ଗୀତ, ଓଡିଆ କଳା ଓ ସଂସ୍କୃତି, ଓଡିଶାର ସବୁ କିଛି ଏକ ସ୍ୱପ୍ନ ଭଳି ଲାଗଉଥିଲା ।

ଧୀରେ ଧୀରେ ଆମ ଓଡିଶୀ ନୃତ୍ୟ କଳା, କାନାଡା ଓ ଆମେରୀକାର ବିଭିନ୍ନ ମଞ୍ଚରେ ପରିବେଷଣ କରି ତାର ପ୍ରଚାର ଓ ପ୍ରସାର କରିବାର ସୁଯୋଗ ମତେ ମିଳିଲା । ପ୍ରମୋଦଙ୍କର ସହଯୋଗରେ ଏକ ଲକ୍ଷ୍ୟ, ଏକ ମନୋଭାବ ରଖି ମୋର ଶେଷ ଜୀବନ ପର୍ଯ୍ୟନ୍ତ ଓଡିଶୀ ନୃତ୍ୟର ପ୍ରଚାର ଓ ପ୍ରସାରକୁ ମୋର ପ୍ରଧାନ କର୍ମ, ଧର୍ମ, ସେବା ଓ ପୂଜା ରୂପେ ଗ୍ରହଣ କଲି । ଆଜି ଆମ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ ଭାବେ ମର୍ଯ୍ୟାଦ ଲାଭ କରିବାରେ ଏବଂ ବିଶ୍ୱରେ ପ୍ରସାର ପାଇବା ମୂଳରେ ଗୁରୁଶ୍ରୀ କେଳୁବାବୁଙ୍କ ଅବଦାନ ଅତୁଳନୀୟ ।

## କେଳୁ ସାର୍‌ଙ୍କ ସହିତ ଅନ୍ତିମ ସାକ୍ଷାତ

କେଳୁ ସାରଙ୍କ ସହିତ ଅନେକ ଅବିସ୍ମରଣୀୟ ମୁହୂର୍ତ୍ତ ଘଟିଛି ଯାହା ଫଟୋ ଭଳି ମୋମ ଅନ୍ତର ଭିତରେ ରହି ଯାଇଛି । ମୋର ଶେଷ ଦର୍ଶନ ସାର୍‌ଙ୍କ ସହିତ ଯେତେବେଳେ ସେ ଗୋଟେ ଅପରେସନ୍ ପରେ ତାଙ୍କ ଭୁବନେଶ୍ୱର ସ୍ଥିତ ଘରକୁ ଫେରିଥାନ୍ତି । ଓଠରେ ତାଙ୍କର ସ୍ମିତ ହସଟି ସବୁବେଳେ ବଜାୟ ରହିଥାଏ । ଅନେକ ରକମର ଚର୍ଚ୍ଚା ପରେ ସେ ନିଜେ ପାନ ଭାଙ୍ଗି ମତେ ଖୁଆଇଲେ । ତାଙ୍କର ସେଇ ଶେଷ ମଧୁର ବାଣୀଟି ଭୁଲି ପାରୁନି । "ଜ୍ୱାଇଁ ମତେ କାନାଡାରେ ସବୁବେଳେ ଚର୍ଚ୍ଚା କରନ୍ତି ଓ ଅତି ଯତ୍ନରେ ପାନ ଆଣି ଦିଅନ୍ତି । ଆଜି ମୁଁ ତତେ ଓଡିଶାରେ ପାନ ଖୁଆଉଛି ।" ସେହି ସ୍ନେହାଶୀଷ ଭରା ସ୍ପର୍ଶ, ମୋ ପାଇଁ ଥିଲା ଏକ ଆନନ୍ଦର ଶେଷ ସ୍ପର୍ଶ ।

ପ୍ରମୋଦ ଯେତେବେଳ ବି କେଳୁ ସାର୍‌ଙ୍କ ସଂସ୍ପର୍ଶରେ ଆସିଛନ୍ତି, ସବୁବେଳେ ଓଡିଶୀ ନୃତ୍ୟ, ସଙ୍ଗୀତ, ନାଟକ, ପଟ୍ଟଚିତ୍ର ସହିତ ପଖାଳ ଓ ପାନର ଅନେକ ଚର୍ଚ୍ଚା ହୋଇଛି । ସାରଙ୍କ ଅଶେଷ ସ୍ନେହ ଶ୍ରଦ୍ଧା ତାଙ୍କ ଜ୍ୱାଇଁ ପ୍ରମୋଦଙ୍କ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଲା । ମୋର ଶେଷ ଜୀବନ ପର୍ଯ୍ୟନ୍ତ ସାରଙ୍କର ସ୍ନେହ ସୌହାର୍ଦ୍ଦ୍ୟ ମୁଁ ଭୁଲି ପାରିବିନି । ସେ ମୋ ପାଇଁ ଚିର ସ୍ମରଣୀୟ, ଚିର କମନୀୟ ।

ନୃତ୍ୟ ଏବେ ମୋ ଜୀବନର ପ୍ରଧାନ ଧର୍ମ ଓ ମୁଖ୍ୟ କର୍ମ । ଓଡିଶୀ ନୃତ୍ୟକୁ ଏକ ଲକ୍ଷ, ଏକ ବ୍ରତ ଭଳି ମନରେ ରଖି ମୋର ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପାଖରେ ମୋର ସେବା ଓ ପୂଜା କରିବାକୁ ସ୍ଥିର କରିଚି । ସାରା ଜଗତ ମୋ ପାଇଁ ଏକ ସାରା ମଞ୍ଚ ଓ ଏଇ ମଞ୍ଚରେ ସମସ୍ତେ କଳାକାର । ଏଇ କଳାମୟ ଜୀବନକୁ ଶେଷ ପର୍ଯ୍ୟନ୍ତ ଅନ୍ତରରେ ମୋର ପ୍ରତ୍ୟଙ୍ଗ ଉପଲବ୍ଧି କରି ସେଇ କଳାକୁ ବିତରଣ



*ନୃତ୍ୟନିମଗ୍ନ ଚିତ୍ରଲେଖା ଘରିବାର ମଞ୍ଚ ଉପରେ ଅଭିନୟ ଅବସ୍ଥାରେ*

କରିବା ପାଇଁ ମତେ ଭଗବାନ୍ ଯେତିକି ଶକ୍ତି ଦେଇଛନ୍ତି, ତା'ର ମୂଳରେ ରହିଛନ୍ତି ମୋର ପୂଜ୍ୟ ଗୁରୁବର୍ଗଙ୍କ ପ୍ରେରଣା । ସେହି ଗୁରୁଙ୍କୁ ମୋର କୋଟି କୋଟି ପ୍ରଣାମ ।

--- x x x x x ---

## Pioneer Educationist of Orissa Pandit Harihar Dash Sharma (1842-1874)

Dr. Bikram Dash, M.D., F.C.P., Jail Road, Cuttack

In the darkest period of neglected Orissa when more than one third of population died in 'naanka" famine, a glittering star arose in the horizon to bring solace to the people of the land. He found that the famine was man made indifference and ruthlessness of the unsympathetic outsiders ruling the land. The misery of the people was also due to ignorance , lack of education, orthodoxy, and deprived power of self-defence.

Terror was spread by the government as a revenge for the two mutinies by Oriya soldiers after their land was occupied in 1803 by East India Company. No development of any kind including communication was made. Rather the agriculture lands were auctioned by 'Sunset Law' arbitrarily by the government located at Calcutta, and overnight the officers and henchmen of the Company became big landlords. They completely exploited the people without helping them at their time of need, i.e. for cultivation during flood and famine.

Even after 63 years of British rule the Orissa division shuddered with the atrocities of the officers of the Company. The terrorized people were afraid to express their grievances in public, or dared to meet the British officers.

Moreover the orthodox and henchmen of the administration preached that by touching a white man they would lose their religion.

Even though some enlightened English officers wanted to learn the local language to directly communicate with the people, no Oriya pandits came forward to teach them in fear of losing their sanctity. Not only contact with white officers but also touching the goods like paper, pencil, and books brought by them to this country was considered as a sin.

During the famine when hungry and dying people were lying on the roadside holding inedible roots and leaves. The officers explained to the higher English officers that these roots and leaves were delicious food of Oriyas in this festive season.

From the Moghul time Sanskrit institutes were banned in coastal Orissa. Oriya language was neglected, Parsi became the court language. Under British administration English knowing officers were brought from other states, thus, perhaps, they had no need to educate the local people.

Pandit Harihar, a poor Brahmin boy, lacked any type of education. But he had an urge to educate himself so he went to a neighbouring princely state and then Nabadwip of Bengal to have Sanskrit education. A versatile genius like him in a short time became a renowned Sanskrit scholar, He

was invited to different Princely courts to demonstrate his talent.

Returning to Orissa after his outside education he was shocked to find the plight of the people. He could determine that the main cause of their misery to be lack of education and spread of superstition.

In spite of objection of local Pandits he accepted the job of teaching Sanskrit and Oriya to learned English officers and learned English, Greek, and Latin from them. He was admired by many British scholars like John Beems. He wrote letters to Beems in Greek and received responses in Sanskrit.

His main aim was to uplift his motherland by spreading modern education, to break superstition and bring reforms. He used to ride to interior villages with paper, pencil, and books. Meeting the people he made them touch those articles and convince them that there is no sin in touching them, rather they will benefit much. By using them they will be in touch with the outer world and administration.



Those days there existed little communication facility to visit distant places. But he made trips to far off lands, mainly, by foot to attend different princely courts, to join learned discussions there.

During such a trip to Balarampur state near Sahranpur of U.P., as a token of humour for his knowledge he received five thousand rupees as an award.

To spread education he started his Sanskrit school at Puri. He introduced History, Geography, Mathematics, Oriya, English, Greek, and Latin to the curriculum. He taught the many languages himself.

Its interesting that the current bazaar is actually not at its original location, which was a furlong down south at an intersection just before the start of the boundary of the Agriculture college. This intersection was properly callecd the Siripur square (same as now) after a nearby village of the same name, which no longer exists in any shape or form remotely resembling a village. About 15 years or so back the whole bazaar was forced to shift in to its current location at the head of a T-junction with a properly designed and constructed municipality market with its big and small cubicles designated for different businesses.

How the market spilled out of the confines of its designated boundary is a story which holds the secret of all that is wrong with us as a people, community, society and state. The bribe seekers ranging from petty neighbourhood dadas to the high officials and politicians, the rampant unemployment that forces hundreds of youth to take to business of all variety generally conducted from portable cabins and pushcarts, the general lack of civic sense of the public. The occasional drive by the municipal authorities to pull down all the temporary shops is the most cynical of all attempts one would ever imagine to bring any sanity in to the situation. Not only was it the most ineffective of all actions given that most businesses resumed their activities as soon as the bulldozers left, but the damage done was really to the smallest of the small fish – the poorest of the poor in preference to the multi-million rupees scamsters happily driving past the carnage in their airconditioned mercedes (yes we do have a few of those in our god-forsaken land of destitutes). Sometimes, I really feel it is only a desperate act of some petty officials, who are in fear of losing their control over the regular '*hafta*' collected from these hapless pavement entrepreneurs.

The other day I was looking for a grinding stone to polish the floor of my newly finished extension at home and where else but at Panda bhaina's store that I found the precious object. He





ସିଂହର ଗର୍ଜନ, ଯୁଦ୍ଧର ପବିତ୍ର ଆହ୍ୱାନ, ବିଜୟର ଉନ୍ମାଦନର
ସୁନେଲୀ ସ୍ୱପ୍ନ, କିମ୍ବା ମରଣର ଅଲଙ୍ଘନୀୟ ଶୀତଳ ଚୁମ୍ବନ,
ଏହାଠାରୁ ଆଉ କିଛି ଅଧିକ ତୃପ୍ତିକାରୀ ଅଟେ?

-- ଅଜଣା

had lost none of his friendly smile, deft touch in fishing out exactly what was needed from a pile of odds and ends and didn't forget to enquire about my family. He had made my day.

---- x x x ----

## ଈଶ୍ୱରାନୁଭୂତି - ୧

ଇଞ୍ଜିନିୟର ଶ୍ରୀ ଜଗବନ୍ଧୁ ବେହେରା ( ଅବସରପ୍ରାପ୍ତ )
ଖପୁରିଆ, କଟକ: ୭୫୩ ୦୧୦

*ଶ୍ରୀ ଜଗବନ୍ଧୁ ବେହେରା ଆଜିକାଲିର ଓଡିଶା ସମାଜରେ ଏକ ବିରଳ ବ୍ୟକ୍ତିତ୍ୱ । ଓଡିଆ ଭାଷା ପ୍ରତି ମମତା ସହ ଓଡିଆରେ ଅନେକ ବିଜ୍ଞାନ ପୁସ୍ତକ ପ୍ରକାଶ କରିସେ ଶ୍ରଦ୍ଧାଭାଜନ ହୋଇଛନ୍ତି । ଏହି ଲେଖାଟି ତାଙ୍କର ଜୀବନଧର୍ମୀ ଚିନ୍ତାଧାରାର ଏକ ନମୁନା ।*

ମୋର ଚାକିରୀ ଜୀବନର ଘଟଣା ! ୧୯୭୧ ମସହାରେ ମୁଁ ଗୋପାଳପୁର ପୋର୍ଟରେ କାମ କରୁଥିଲି !

ଛତ୍ରପୁର ପାଖରେ ଥିବା ଆର୍ଜିପଲି (ସମୁଦ୍ରକୂଳସ୍ଥ ଏକ ଗ୍ରାମର ନାମ) ଠାରେ ନୂତନ ପୋର୍ଟ ନିର୍ମାଣ ହେବାକୁ ଥାଏ ! Transit Shedରେ layout ଦେବା ପାଇଁ ମୁଁ ଜଣେ ଠିକାଦାର ସହିତ ସେଠାକୁ ଯାଇଥିଲି ! ଆମ ସରକାରୀ ଜିପ ଆମକୁ ନେଇ ଦିନ ୧୦ ଘଟିକା ସମୟରେ ସେଠାରେ ଛାଡି ଆସିଲା ଏବଂ ବ୍ୟବସ୍ଥା ହେଲା ସେ ଆସି ଆମକୁ ଅପରାହ୍ନ ୫ ଘଟିକା ସମୟରେ ସେଠାରୁ ନେଇ ଆସିବ ! ଆମ ଅଫିସ ସେତେବେଳେ ଗୋପାଳପୁରରେ ହେଉଥିଲା ! ୫ ଟା ବେଳକୁ ଆମେ ଆମର କାର୍ଯ୍ୟ ଶେଷ କରି ଜିପ ଅପେକ୍ଷାରେ ରହିଲୁ ! କିନ୍ତୁ ଜିପ ଆସିଲା ନାହିଁ ! ଅପେକ୍ଷା କରି କରି ରାତି ୯ ବାଜିଲା !

ସେତେବେଳକୁ ଆମକୁ ପ୍ରଚୁର ଭୋକ ହେଲାଣି ! ଆମେ ସମୁଦ୍ର କୂଳସ୍ଥ ଝାଉଁ ବଣ ଭିତରେ ଅଛୁ ! ସେଠା ପାଖ ଆଖରେ କୌଣସି ଗାଁ ଗଣ୍ଡା ନାହିଁ ! ରାତି ୯ ପରେ ଆଉ ଅପେକ୍ଷା କରିବାକୁ ଧୈର୍ଯ୍ୟ ରହିଲା ନାହିଁ ! ଏଆଡେ ଭୋକ ପ୍ରବଳ ! ଆମେ ଭାବିଲୁ ଚାଲ ଚାଲି ଚାଲି ଯିବା, ଯେଉଁଠି କିଛି ମିଳିବ ଆଗେ ଖାଇବା ! ତାପରେ ଯଦି ଗାଡି ଆସିଯାଏ, ସେଥିରେ ଯିବା !

ଆମେ ଚାଲି ଚାଲି ବାହାରିଲୁ ! ଅନ୍ଧାର ରାତି ! ବାଟରେ ଯେଉଁଠି ଟିକେ ଆଲୁଅ ଦେଖାଯାଏ, ଆମେ ଘର ଭାବି ସେଠାକୁ ଯାଉ ! କିନ୍ତୁ ସେମାନେ ଆମ ଆସିବା ଶବ୍ଦ ଶୁଣି ଆଲୁଅ ଲିଭାଇ କବାଟ ଝରକା ବନ୍ଦ କରି ଦିଅନ୍ତି ! ତେଣୁ ନିରାଶ ହୋଇ ଫେରୁ ! ଏହିପରି କୌଣସିଠାରୁ କିଛି ଖାଦ୍ୟ ସଂଗ୍ରହ କରି ପାରିଲୁ ନାହିଁ ! କାରଣ ଡାକିଲେ ମଧ୍ୟ ସେମାନେ କବାଟ ଫିଟାନ୍ତି ନାହିଁ !

ଖାଇବା ଆଶା ଛାଡି ଆମେ ମୁଖ୍ୟ ରାସ୍ତା ଧରି ଚାଲିବାକୁ ଲାଗିଲୁ ! କାରଣ ଜିପ ଆସିଲେ ଆମ ସାଙ୍ଗରେ ଦେଖା ହୋଇ ପାରିବ ! ଆର୍ଜିପଲିଠାରୁ ଛତ୍ରପୁର ପ୍ରାୟ ୧୫ କିଲୋମିଟର ! ରାତି ପ୍ରାୟ ୨ଟା ପାଖାପାଖି ଆମେ ଆସି ଛତ୍ରପୁର ଠାରୁ ବ୍ରହ୍ମପୁର ଯାଉଥିବା ମୁଖ୍ୟରାସ୍ତା ପାଖରେ ପହଞ୍ଚିଗଲୁ !

ଆସିଲାବେଳେ ଭାରି କଷ୍ଟ ହେଉଥିଲା ! ପାଦ ଉଠାଇ ପକାଇ ହେଉ ନ ଥିଲା ! ତେଣୁ ମୁଁ ମୁଖ୍ୟରାସ୍ତା କଡରେ ଜକ୍ଷବନ୍ଦ ହୋଇ ପଡିଗଲି ! ମୋ ସାଥିମାନେ ଆସୁଥାଆନ୍ତି ! ଏହି ସମୟରେ ହଠାତ ଏକ କାର ଆସି ମୋ ପାଖରେ ଅଟକିଗଲା ! ସେଥିରେ କେବଳ ଡ୍ରାଇଭର ବସିଛନ୍ତି, ଆଉ କେହି ନାହାନ୍ତି ! ଡ୍ରାଇଭର ମୋତେ ପଚାରିଲେ -- ଆପଣ ବ୍ରହ୍ମପୁର ଯିବେ କି? ହଠାତମୋ ପାଟିରୁ କଥା ବାହାରିଲା ନାହିଁ ! ସେହି ପରମ କାରୁଣିକ, ପରମ ପାବନ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଆପେ ଆପେ ଉଠି ପ୍ରଣତି ଜଣାଇଲା ! ତାପରେ ପ୍ରକୃତିସ୍ଥ ହୋଇ ଡ୍ରାଇଭରକୁ ଟିକେ ଅପେକ୍ଷା କରିବାକୁ କହିଲି ! ସମସ୍ତ ସାଥି ପହଞ୍ଚିଯିବାରୁ ଆମେ ବ୍ରହ୍ମପୁର ଗଲୁ ! ଉଦ୍ଦେଶ୍ୟ ଭୋଜନ କରିବା ଓ ହୋଟେଲରେ ରାତିଯାପନ କରିବା ! ପରଦିନ ଗୋପାଳପୁର ଯିବା !

କିନ୍ତୁ ଆମେ ବ୍ରହ୍ମପୁର ଉପକଣ୍ଠରେ ପହଞ୍ଚି ଦେଖିଲୁ ଗୋପାଳପୁର ବସ ଆସୁଛି ! ଆଶ୍ଚର୍ଯ୍ୟ ହୋଇଗଲୁ ! ତାହାର correct time ହେଉଛି ରାତି ୧୧ ଟା ! ଆମେ ବସକୁ ଅଟକାଇ ସେଥିରେ ଚଢିଗଲୁ ! ବୁଝିଲୁ ବସ break down ହୋଇ କ୍ଷଣକରେ ଅଟକିଥିଲା ! ସଜଡା ହେବା ପରେ ଏବେ ଆସୁଛି ! ଆଖିରୁ ଲୋତକ ଝରି ପଡିଲା ! କରୁଣାମୟ ପ୍ରଭୁଙ୍କୁ ଅଶେଷ ଧନ୍ୟବାଦ ଦେଲୁ !

---- x x x ----



ଉଚ୍ଚ ହେବା ପାଇଁ ଯଦି କରୁଛ ଯତନ
ଉଚ୍ଚ କର ଆଗେ ତାଙ୍କୁ, ପତିତ ଯେ ଜନ
-ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ

# ସଂବିତ୍

Mr. Niranjan Mohanty
Editor, ଖୋଲା ଦ୍ୱାର ଓ Indian Era
333, Kholadwara Press
Baramunda, Bhubaneswar, Orissa

ରଜର ସୁରଭି ବୋଳି ଦେଇ ଯାଅ
ରକ୍ତଭିଜା ଏ' ଲୁଗାଟିରେ ।
ସୀମାନ୍ତ ସମରେ ଷଡବିଷଡ ମୁଁ
କାହା ପାଇଁ ସତେ ଲୁହ ଝରେ ॥

ସେ ଲୁହର ତାତି କରିଛି ପାଗଳ
ମାଡ଼ିବି ଅମଡ଼ା ବାଟ ।
କାହାର ଶତ୍ରୁ ମାରେ ବୁଲେଟ
ଭିତର ଶତ୍ରୁ ଚ୍ୟାଟ ॥

ବୈରୀ ଶିବିର ହୋଇବ ଧ୍ୱଂସ
କରିବି ନିଃକ୍ଷତ୍ରୀ ଧରା ।
ଶାନ୍ତ କରିବି ଭ୍ରାନ୍ତ ଦୁନିଆ
ଆସୁ ଯେ ଝଡ଼ର ଧାରା ।

# Riddles

A Compilation by
Smita Patanaik, Brampton, Ontario, Canada

1. I will send shivers up your spine.
Though I'm not quite shining bright,
I seem to glitter in the light.

What Am I?

2. Golden treasures I contain,
Guarded by hundreds and thousands.
Stored in a labyrinth where no man walks,
Yet men come often to seize my gold.
By smoke I am overcome and robbed,
Then left to build my treasure anew.

What am I?

3. Thirty men with ladies, two,
Standing around with nothing to do,
Dressed in formal, black and white,
Yet when they move it begins a fight.

What happened?

4. I have hands that wave at you,
Though I never say goodbye.
It's cool for you to be with me,
Especially when I say, "HI."

What am I?

5. What is something that you don't want to get, but when you get it you don't want to lose it?

6. What goes through a door but never goes in or out?

7. The beginning of eternity.
The end of time and space.
The beginning of every end,
And the end of every place.

Who am I?

8. My veins extend beneath the earth,
My hands raised toward the sky,
I can seem to live forever,
Though many times I die.
I cry when I am wounded,
Sweet tears that help me heal,
I mourn and take off all my clothes,
When bitterness I feel.

What am I?



ଆପେ ଚଷିବୁ ପୂରା ଚାଷ,
ଛତା ପୋତା ଅଧାଚାଷ,
ମୂଲିଆ ଚାଷ ଫସରଫାସ

9. Often going up before going down,
A moving room am I,
Frequently going down before going up,
I can open my door in places on high.

What am I?

10. I know a word of letters three.
Add two, and fewer there will be.

What is it?

11. I am found in the sea and on land
but I do not walk or swim.
I travel by foot but I am toeless.
No matter where I go, I'm never far
from home.

What am I?

12. The Pope has it but he does not use it.
Your father has it but your mother uses it.
Nuns do not need it.
Arnold Schwarzenneger has a big one,
Michael J. Fox's is quite small.

What is it?

(Answers on page 54)

---- x x x ----

# ସପ୍ତଆମ୍ବ

ଅନୀଲ କୁମାର ପାଣିଗ୍ରାହୀ
ସଲ୍ଟ୍ ଲେକ୍ ସିଟି, ୟୁଟାହ୍

"ନାହିଁ, ଏଇଠି ବସିଲି । ଏତେ ସହଜରେ ମୁଁ ଏଇଠୁ ଉଠୁନାହିଁ।" ସାଆନ୍ତଙ୍କ ଇଙ୍ଗିତ -- ଯାହାକୁ ଭାଷାରେ ଅନୁବାଦ କଲେ ହେବ "ଚାଲ୍, ଉଠ୍, ଯିବା" -- ର ପ୍ରତ୍ୟୁତ୍ତର ରେ ଏତକ କହିଲା ଅବୋଲକରା ।

କମ୍ବଳଟି ଉପରେ ଅବୋଲକରା ବସିଛି । ଚାରିଆଡେ ଧୂ ଧୂ ଖରାର ପାଚଣ୍ଡ୍ୟ । ମେଘଶୂନ୍ୟ ଶାବଣାନ୍ତ ଆକାଶ । ସୂର୍ଯ୍ୟଙ୍କ ପ୍ରାଖର୍ଯ୍ୟ ଜ୍ୟେଷ୍ଠ ଠୁଁ ବଳି ଅସହ୍ୟ । ଚତୁର୍ଦ୍ଦିଗ ଧୂଷର । ଆଶ୍ରୟପ୍ରଦାୟିନୀ ସାତଟି ଆମ୍ବଗଛ ବ୍ୟତୀତ ଖଣ୍ଡମଣ୍ଡଳରେ ଆଦିଗନ୍ତ ସବୁଜିମାର ଲେଶ ସୁଦ୍ଧା ନାହିଁ । କିନ୍ତୁ, ଆଶ୍ଚର୍ଯ୍ୟ -- ଚୁତଛାୟା ତଥାପି ଅସାଧାରଣ ଭାବେ କମନୀୟ । ପବନ ମୃଦୁ, କୋମଳ ଓ ଶୀତଳ ।

ଗୁରୁ ସାଆନ୍ତେ ବୁଝିଲେ, ଅବୋଲକରା ର ମନରେ କୌଣସି ପ୍ରଶ୍ନର ଗଭୀର ଆଲୋଡନ । କିନ୍ତୁ, ସନ୍ଧ୍ୟା ସୁଦ୍ଧା ଯେ ପରିମଳଗିରିରେ ପହଞ୍ଚିବାକୁ ହେବ! ତେଣୁ ଏଠି କଥୋପକଥନରେ ସମୟ ବ୍ୟୟ କରିବା ପରିବର୍ତ୍ତେ ବାଟ ଚାଲିବା ବେଳେ ତାର ପ୍ରଶ୍ନର ସମ୍ୟକ ଉତ୍ତରମୂଳକ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଲେ ସାଆନ୍ତେ ।

ଅବୋଲ ନିଜ ଜିଦ୍ ରେ ତଥାପି ଅଟଳ ।

ଗତ ତିନିଦିନ ଧରି ଗୁରୁଶିଷ୍ୟ ଏ ଅଭିଶପ୍ତ ଅଞ୍ଚଳ ମଧ୍ୟଦେଇ ବାଟ ଚାଲୁଛନ୍ତି । ଲକ୍ଷ୍ୟ, ପରିମଳଗିରି ଉପତ୍ୟକାସ୍ଥ ବୌଦ୍ଧ ବିହାର । ଏ ତିନିଦିନ ଯାକ ଭୋକ ନୁହେଁ, ପ୍ରାୟ ପ୍ରଚଣ୍ଡ ଶୋଷ ହିଁ ଅନୁଭବ କରି ଆସିଛନ୍ତି ସେମାନେ । ସାଆନ୍ତଙ୍କ କମଣ୍ଡଳୁ ଜଳ ଏକମାତ୍ର ଆଶ୍ୱାସନା, ତଥା ପୂର୍ବସଞ୍ଚୟିତ କିଛି ଫଳ ହିଁ ଏକମାତ୍ର ସ୍ୱଳ୍ପ ଆହାରର ସାଧନ । ସାଆନ୍ତେ ବୁଝିଲେ, ସକାଳ ପହରୁ ଏ ଯାବତ୍ ନିରବଚ୍ଛିନ୍ନ ଭାବରେ ଚାଲି ଚାଲି ଅବୋଲ ଥକି ପଡିଛି । ତେଣୁ ଅଳ୍ପ ସମୟ ପାଇଁ ଘୁମେଇ ପଡିଥିବା ବେଳେ ସେ ତାକୁ ଉଠାଇ ନ ଥିଲେ । ତେବେ ଯେତେ ଶୀଘ୍ର ଏ ଉତ୍ତପ୍ତ ଜଳବିରଳ ଭୂମି ପାରି ହୋଇଯିବା ସମ୍ଭବ, ସେତେ ଭଲ । ତେଣୁ ସାଆନ୍ତେ ବୃଥା ସମୟାପଚୟ ଭୟରେ ପୁଣି ମୃଦୁ ଆଶ୍ୱାସନା ଦେଲେ ।

ଅବୋଲ କିନ୍ତୁ ତଥାପି ଅନମନୀୟ । ଅଗତ୍ୟା ଗୁରୁ ସାଆନ୍ତେ କମ୍ବଳ ଉପରେ ବସି ପଡିଲେ । ମୁହଁରେ ସ୍ମିତହାସ୍ୟ । "କହ ବାବା, ତୋ' ମନ କେଉଁଠି ଅଟକିଛି, ଖୋଲି କହ ।", ସ୍ନେହଭରେ କହିଲେ ସେ ।

ମୁଣ୍ଡିଆ ମାରି ଅବୋଲକରା ସାଆନ୍ତେଙ୍କ ପଦ ସ୍ପର୍ଶ କଲା । ଗୁରୁ ତା' କଥାରେ ରାଜି ହୋଇଗଲେ ସେ ତାହାହିଁ କରେ ।

"ସାଆନ୍ତେ!" ଅବୋଲ ଆରମ୍ଭ କଲା, "ସାରା ଅଞ୍ଚଳରେ କେରାଏ ବି ଘାସ ନାହିଁ, ଗଛ ତ ଦୂରର କଥା । ତେବେ ଏଠି ଏମିତି ଏ ସାତଟି ଆମ୍ବଗଛ ଆସିଲେ କାହୁଁ? ବାହାରେ ଖରା ଓ ଝାଂଜି ଅସହ୍ୟ, ଅଥଚ ଏ ଗଛ ତଳେ ପବନ ଏତେ କୋମଳ ଓ ଶୀତଳ କେମିତି? ଶୋଷରେ ମୋ ତଣ୍ଟି ଶୁଖିଯାଉଥିଲା । ଏ ଗଛ ତଳକୁ ଆସିବା ପରେ







କୁଧନୀଙ୍କ ପଇସା ହେଉଛି ଗୋବର ଲେଣ୍ଡା; ଅକସ୍ମାତ ଯେଉଁଠି ପଡିବ, ସେଠୁ ମାଟି ନେଇ ଉଠିବ ।

କାହିଁ ମୁଁ ତ ଆଉ ଶୋଷ ଅନୁଭବ କରୁନାହିଁ! ଘୁମେଇ ପଡିଥିବା ବେଳେ ଦେଖିଲି ଏକ ଅଜବ ସ୍ୱପ୍ନ -- ପ୍ରଳୟଙ୍କରୀ ବନ୍ୟା ସାଙ୍କୁ ଅତି ପ୍ରଚଣ୍ଡ ଓ ଉଗ୍ରରୂପ ଧରି ଝଡ । ଏ ସ୍ୱପ୍ନର ବ୍ୟାଖ୍ୟା କଣ? ଶେଷକୁ ଏ ସାତଟି ଆମ୍ବଗଛରୁ ଗୋଟିଏ ଏତେ ଛୋଟ କାହିଁକି? ସାଆନ୍ତେ, ବୁଝାଇ କହନ୍ତୁ, ନ ହେଲେ ବସିଲି ।''

''ବସିଛୁ ତ, ଆଉ କହୁଛୁ କଣ?'' ସାଆନ୍ତେ ସ୍ନେହସିକ୍ତ ରୋଷ ପ୍ରକଟ କଲେ । ଅଳ୍ପ କାଶିଲେ, ଆଖି ବୁଜିଲେ, କିଛି ସମୟ ନିବିଷ୍ଟ ହେଲେ ଚିନ୍ତାରେ । ''ବହୁବର୍ଷ ତଳେ'', ଧୀରେ ଆରମ୍ଭ କଲେ ସାଆନ୍ତେ, ''ଥିଲା ଏକ ସମୃଦ୍ଧିଶାଳୀ ରାଜ୍ୟ । ଏ ଅଞ୍ଚଳ ସେ ରାଜ୍ୟର ଅଂଶବିଶେଷ । ରାଜା ଥିଲେ ପରୋପକାରୀ, ବିବେକୀ, ଧର୍ମପ୍ରାଣ ଓ ପ୍ରଜାବତ୍ସଳ । ରାଜ୍ୟବାସୀ କାଳାତିପାତ କରୁଥିଲେ ଅକଳ୍ପନୀୟ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଶାନ୍ତି ରେ । ତେବେ, ରାଜାଙ୍କର ହେଲା ଆକସ୍ମିକ ମୃତ୍ୟୁ । ରାଜକୁମାର ସେତେବେଳେ ଆଦ୍ୟ ଶୈଶବରେ ।''

ଅବୋଲ ଚୁ-ଚୁ କଲା, ସାଆନ୍ତେ ତା' ଆଡକୁ ଏକ ସସ୍ନେହ ଆକଟପୂର୍ଣ ଦୃଷ୍ଟିରେ ଚାହିଁଲେ । ଅବୋଲ ବୁଝିଲା, ତୁଚ୍ଛା ସାଂସାରିକ ବ୍ୟାପାରରେ ଏମନ୍ତ ଭାବବିହ୍ୱଳ ହେବା ଅମୂଳକ । ସେ ଲାଜରା ଦିଶିଲା ।

ସାଆନ୍ତେଙ୍କ ସ୍ୱର ଶୁଭୁଥିଲା ତନ୍ଦ୍ରିଳ । ତେବେ ତନ୍ଦ୍ରା ନୁହେଁ, ସମ୍ଭବତଃ ଏକ ଚିନ୍ତାରେ ସେ ଥିଲେ ଆବିଷ୍ଟ ।

''ଏକ ଭିନ୍ନ ପ୍ରସଙ୍ଗରେ'', ତନ୍ଦ୍ରାବିଷ୍ଟ ଭାବରେ କହିଲେ ସାଆନ୍ତେ, ''ଜଣେ ଅଦୂରଦର୍ଶୀ ରାଜା ରୁଦ୍ରାନଳଙ୍କ ବିଷୟରେ କହିଥିଲି, ମନେ ଅଛି?''

ସାଆନ୍ତେଙ୍କ ପ୍ରଶ୍ନରେ ଅବୋଲ ସରଳଭାବରେ ନିଜ ସ୍ୱର୍ଣାଭ ଦନ୍ତପନ୍ତୀ ପ୍ରଦର୍ଶନ କଲା । ଅର୍ଥ -- ତା'ର ଆଉ ସେ କଥା ମନେ ନାହିଁ ।

''ଏ ମୁଲକର ସେଇ ଧର୍ମପ୍ରାଣ ରାଜାଙ୍କ ପୁତ୍ର ଅଦୂରଦର୍ଶୀ ରାଜା ରୁଦ୍ରାନଳ । ଏ ଅଞ୍ଚଳର ବର୍ତ୍ତମାନର ଅବସ୍ଥା ତାଙ୍କ ଅଦୂରଦର୍ଶୀତାର ଫଳ । ରାଜାଙ୍କ ଅନ୍ତେ ଦୁଷ୍ଟ ମନ୍ତ୍ରୀ ତଥା ରାଜପରିଚାରକଗଣଙ୍କ ଯତ୍ନକ୍ରମେ ଶିଶୁ ରୁଦ୍ରାନଳ ପରିଣତ ହେଲେ ଏକମାତ୍ରାଧିକ ମଦ୍ୟ-କାମାସକ୍ତ, ବିଳାସୀ ଓ କ୍ରୋଧୀ ଯୁବରାଜରେ । ବିଧବା ରାଣୀ ଏ ଦିଗରେ ତାଙ୍କୁ ଚେତେଇବାକୁଯାଇ ହରାଇଲେ ନିଜ ମୁଣ୍ଡ । ରାଜ୍ୟରେ ପ୍ରବଳରୁ ପ୍ରବଳତର ହେଲା ଅରାଜକତା ।''

ଅବୋଲ ନିଜ ଭାବାବିଷ୍ଟ ଚୁ-ଚୁ ଦ୍ୱାରା ପୁନରାୟ ନିଜ ସରଳତା ପ୍ରତିପାଦନ କଲା । ସାଆନ୍ତେ ବ୍ୟକ୍ତ କଲେ ଏକ ମୃଦୁହାସ । ଆଖି ବୁଜିଲେ ଓ କହି ଚାଲିଲେ, ''ପୃଷ୍ଠପୋଷକତା ଅଭାବରୁ ଏବଂ ରାଜକର୍ମଚାରୀଙ୍କ ଶୋଷଣ ଯୋଗୁଁ ଗୃହଶିଳ୍ପ ସବୁ ଲୁପ୍ତ ହେଲେ । ଜନତାର ବିବେକୀ ଅଂଶ ମୃତ୍ୟୁ ଅବା କାରାଦଣ୍ଡରେ ହେଲେ ଦଣ୍ଡିତ; ଅବିବେକ ଅଂଶ ପରିବର୍ତ୍ତିତ ପରିସ୍ଥିତିରେ ହେଲେ ପୂର୍ବାପେକ୍ଷା ଅଧିକ କର୍ମଚଞ୍ଚଳ । ଅପରପକ୍ଷରେ ରୁଦ୍ରାନଳଙ୍କ ବିରୁଦ୍ଧରେ ଷଡଯନ୍ତ୍ର ଅଭିଯୋଗରେ ମନ୍ତ୍ରୀ ଓ ତାଙ୍କ ସହକାରୀମାନେ ହେଲେ କାରାରୁଦ୍ଧ, ଅଚିରେ ହେଲେ ହତ ।''

ଅବୋଲ ପୁନରାୟ ଚୁ-ଚୁ କଲା । ସହସା ଭୁଲ ବୁଝିପାରି ଦନ୍ତ ପ୍ରଦର୍ଶନ କଲା ଓ ପୁନଃ ଲାଜରା ଦିଶିଲା ।

''କ'ଣ, ଏକଥା କହି ନ ଥିଲି?'' ସାଆନ୍ତେ ପ୍ରଶ୍ନ କଲେ । ଅବୋଲର ଉତ୍ତର ଥିଲା ଏକ ସରଳ ମୃଦୁହାସ ।

''ଅବୋଲ ବଡ ବିସ୍ମରଣଶୀଳ'' -- ନିଜକୁ ନିଜେ ମନେ ମନେ କହିଲେ ସାଆନ୍ତେ ।

ସହସା କୋଇଲିର କୁହୁ ଭଳି ଶୁଭିଲା, ବଡ ମଧୁର; କିନ୍ତୁ କୋଇଲି ନଥିଲା । ସାଆନ୍ତେ ଆଶ୍ୱସ୍ତ ହେଲେ । ବୁଝିଲେ, ତାହା ଥିଲା ଏ ପରିବେଶରେ ବ୍ୟାପ୍ତ ସପ୍ତଋଷିଙ୍କ ଅଲୌକିକ ଚେତନଶୀଳତାର ଏକ ନିଚ୍ଛକ ରୂପାନ୍ତର ।

''ଏକଦା'' କେଇଟି ତନ୍ଦ୍ରିଳ ମୁହୂର୍ତ୍ତର କଥନବିରତି ପରେ ଆରମ୍ଭ କଲେ ସାଆନ୍ତେ, ''ଏ ଅଞ୍ଚଳରେ ଥିଲା ରୁଦ୍ରାନଳଙ୍କ ରାଜଧାନୀ । ସମୀପରେ ଥିଲା ଏକ ଦୁର୍ଭେଦ୍ୟ ଅରଣ୍ୟ, ଯହିଁ ତପସ୍ୟାରତ ଥିଲେ ସାତ ଜଣ ଋଷି । ତୁ ଏ ଯେଉଁ ସପ୍ତଆତ୍ମା ପ୍ରତି ପ୍ରଶ୍ନରେ ଇଙ୍ଗିତ କରିଛୁ, ସେମାନେ ସେଇ ସପ୍ତଋଷିଙ୍କ ପରିପ୍ରକାଶ । ଏକ ଅଭାବନୀୟ ପରିସ୍ଥିତିରେ ଋଷିମାନଙ୍କୁ ଦେହତ୍ୟାଗ କରିବାକୁ ହୋଇଥିଲା । ଶୁଣ ସେ କଥା'' ଶେଷୋକ୍ତ ଶବ୍ଦଦୁଇଟିର ଉଚ୍ଚାରଣ ଉପରେ ସାଆନ୍ତେ କିଛି ଅଧିକ ଗୁରୁତ୍ୱ ଦେଇଥିଲେ, ଯାହା ଅବୋଲକୁ ପ୍ରକୃତିସ୍ଥ କଲା । ସେ ସେତେବେଳେ ଭାବାବିଷ୍ଟ ।

''ରାଜ୍ୟରେ କ୍ରମେ କୃଷିକର୍ମ ହେଲା କ୍ଷୀଣରୁ କ୍ଷୀଣତର । ପ୍ରଜାଏ ଖାଦ୍ୟ ପାଇଁ ପଡୋଶୀ ରାଜ୍ୟ ଉପରେ ହେଲେ ନିର୍ଭରଶୀଳ, ଏକ ସର୍ତ୍ତରେ -- ପଡୋଶୀ ରାଜ୍ୟର ଉଦୀୟମାନ ଶିଳ୍ପୀଙ୍କୁ ଯୋଗାଇବାକୁ ହେବ ଅପର୍ଯ୍ୟାପ୍ତ କାଷ୍ଠ । ରାଜା ଏ କାଷ୍ଠ ବ୍ୟାପାରରୁ ଅଶୁଲ କଲେ ଅଧିକରୁ ଅଧିକ କର ଓ ଖଜଣା । ରାଜବିଳାସରେ ବ୍ୟୟିତ ହେଲା ସବୁ ଅର୍ଥ । କ୍ଷୀଣରୁ କ୍ଷୀଣତର ହୋଇ ଅରଣ୍ୟ ହେଲା ନିଷ୍ଚିହ୍ନ । ଅନନ୍ୟୋପାୟ ପ୍ରଜା ଯେତେବେଳେ କୃଷି କଥା ଚିନ୍ତା କଲେ, ଅନାବୃଷ୍ଟି ହେଲା କାଳ ।



ଧୀର ସ୍ଥିର ନୋହି ଉତ୍ତେଜିତ ହେଲେ କାର୍ଯ୍ୟ କେବେ ସିଦ୍ଧ ନୁହେଁ
ଧୀରପାଣି ସିନା ପଥର କାଟଇ ସ୍ରୋତ ତହିଁ ବ୍ୟର୍ଥ ହୁଏ ।
----- ନୀତିବାଣୀ

ଏଭଳି ସଙ୍କଟପୂର୍ଣ ସମୟରେ ରାଜା ରୁଦ୍ରାନଳଙ୍କୁ ଏକ ଉଜ୍ଜ୍ୱଳ ପଥ ମିଳିଲା ଏକ ସମ୍ବାଦରୁ । ସମ୍ବାଦଟି ଥିଲା ତପସ୍ୟାରତ ସପ୍ତଋଷିଙ୍କ ସିଦ୍ଧିପ୍ରାପ୍ତି ସଂପର୍କିତ । ସେମାନେ କୌଣସି ସାମୁହିକ ଉପକାରମୂଳକ ଅଲୌକିକ କାର୍ଯ୍ୟ କରିପାରିବେ -- ପ୍ରତ୍ୟେକେ ଜୀବନରେ ଥରେ ମାତ୍ର -- ନିଜ ଜୀବନ ବିନିମୟରେ, ସମ୍ବାଦ ଏକଥା ମଧ୍ୟ କହୁଥିଲା ।

ରୁଦ୍ରାନଳ ପ୍ରଥମଥର ପାଇଁ କିଛି ନମନୀୟ ଦିଶିଲେ, ଯାଇ ପହଞ୍ଚିଲେ ଋଷିଙ୍କ ଆଶ୍ରମରେ । ଋଷିଙ୍କୁ ପ୍ରତିଶ୍ରୁତିବଦ୍ଧ କଲେ ଏ ସଙ୍କଟରୁ ରାଜ୍ୟବାସୀଙ୍କୁ ଉଦ୍ଧାର କରିବାପାଇଁ । ପ୍ରତିଶ୍ରୁତିପ୍ରାପ୍ତି ପରେ ଆଦେଶ ଦେଲେ, ନିଜ ଜୀବନ ବିନିମୟରେ ଋଷିଙ୍କୁ ବର୍ଷା କରେଇବାକୁ ହିଁ ହେବ ।

ଆଶ୍ରମ ନିକଟସ୍ଥ ଅଳ୍ପ କେଇଟି ବ୍ୟତୀତ ରାଜ୍ୟରେ ଆଉ ବୃକ୍ଷ ନ ଥିଲା । ଋଷି ମାନେ ପ୍ରତିଶ୍ରୁତିବଦ୍ଧ ଥିଲେ । ଏଣୁ ଜଣେ ପରେ ଜଣେ ଦେହତ୍ୟାଗ କଲେ । ଏଭଳି କେଇ ବର୍ଷ ବିତିଗଲା ଛଅ ଋଷିଙ୍କ ଦେହତ୍ୟାଗ-ଜନିତ ବର୍ଷାର ସୁଫଳରେ । ସପ୍ତମ ଋଷି କିନ୍ତୁ ଏ ବ୍ୟାପାରରେ ହୋଇଉଠୁଥିଲେ କ୍ରମଶଃ ଅଧିକରୁ ଅଧିକ ମିୟମାଣ ତଥା ଉତ୍ୟକ୍ତ । କାରଣ, ସାମୟିକ ସ୍ୱଳ୍ପ କୃଷିକାର୍ଯ୍ୟ ବ୍ୟତୀତ ଜନତା ବ୍ୟାପୃତ ରହୁଥିଲା କଳହ, ବ୍ୟଭିଚାର ଓ ଜୁଆଖେଳରେ; ରାଜା ବ୍ୟାପୃତ ଥିଲେ ବିଳାସ ଓ ବ୍ୟଭିଚାରରେ ।

ବ୍ୟୟିତ ହେଲା ପୁଣି ଏକ ବୃଷ୍ଟିହୀନ ବର୍ଷ ।

''ରାଜା'', ସଭାଗୃହରେ ଉପସ୍ଥିତ ହୋଇ ଚିତ୍କାର କଲେ ସପ୍ତମ ଋଷି । ରାଜା ନିଶା ତଥା ଜରାଗ୍ରସ୍ତ । ଋଷିଙ୍କ ପନ୍ନଗୀଫୁତ୍କାରରେ କଂପଜ୍ୱରାକ୍ରାନ୍ତ ପ୍ରାୟେ ଥରିଲେ ରାଜା । ''ବୃଷ୍ଟି କରାଇବାପାଇଁ ମୁଁ ଅନ୍ତିମ ପୁରୁଷ । ମୋ ପରେ?'' ତୀବ୍ର କଣ୍ଠରେ ପ୍ରଶ୍ନ କଲେ ଋଷି । ''ଶୁଣ ରାଜା! ମୋ ବର୍ଷା ହେବ ତୁମ ରାଜ୍ୟର ଉଦ୍ଧାରକର୍ତ୍ତା । ପ୍ରସ୍ତୁତ ରହ ।'' ଏ ଦୃପ୍ତ ଘୋଷଣା ଅନ୍ତେ ଋଷି ଦୃତ ପ୍ରସ୍ଥାନ କଲେ ।

ସପ୍ତମ ଋଷିଙ୍କ ଦେହତ୍ୟାଗ ପରେ ହିଁ ଆରମ୍ଭ ହେଲା ଅଭାବନୀୟ ପ୍ରବଳ ବର୍ଷା । ସେଭଳି ବର୍ଷା ସୃଷ୍ଟିରେ ସେଇ ପ୍ରଥମ ଓ ଶେଷ । ନଗ ସମୀପରେ ବହ୍ମାନ ଜଳଧାରା ହେଲା ପ୍ରଳୟଙ୍କରୀ । ସେ ଅଭୂତପୂର୍ବ ବୃଷ୍ଟି ଓ ବନ୍ୟା ଅଚିରେ ନିଷ୍ଚିହ୍ନ କଲା ସେ ରାଜ୍ୟ ଓ ଜନତାଙ୍କୁ । ବଞ୍ଚିରହିଲେ ଋଷିଙ୍କ ଦେହାବଶେଷରୁ ଜାତ ସପ୍ତ ଆମ୍ର । ସେ ଖର୍ବ ଆମ୍ବଗଛଟି ସପ୍ତମ ଋଷିଙ୍କ ପ୍ରତିକ୍ରିୟା-ସମ୍ଭୂତ ।''

ବିତିଗଲା କେଇଟି ନୀରବ ମୁହୂର୍ତ୍ତ ।

'' ତା' ପରେ?'' ସସମ୍ଭ୍ରମ ପ୍ରଶ୍ନ କଲା ଅବୋଲ ।

''କ'ଣ ଆଉ? ତୋ ପ୍ରଶ୍ନର ଉତ୍ତର ତ ପାଇଲୁ । ସ୍ୱପ୍ନର ବ୍ୟାଖ୍ୟା ବି । ଆଉ ପୁଣି କ'ଣ?" ସ୍ମିତ ହସି ଉଠିଲେ ସାଆନ୍ତେ । ଅବୋଲ ଗୁରୁଙ୍କ ପଦସ୍ପର୍ଶ କଲା । କମ୍ବଳ ଉଠାଇବାକୁ ନଇଁଲା ।

''ଆରେ ଥାଉ । ଆଜି ରାତିଟା ଏଇଠି ସପ୍ତଆମ୍ର ଗହଣରେ ବିତେଇବା ।''

ଉଲ୍ଲସିତ ଅବୋଲ ପୁଣିଥରେ ଗୁରୁଙ୍କ ପଦସ୍ପର୍ଶ କଲା । ''ମୋ ମନକଥା ଗୁରୁ ବେଶ ଜାଣିପାରନ୍ତି'' -- ସେ ନିଜକୁ କହିଲା ।

---- x x x ----

## ଈଶ୍ୱରାନୁଭୂତି -୨

ଇଞ୍ଜିନିୟର ଶ୍ରୀ ଜଗବନ୍ଧୁ ବେହେରା ( ଅବସରପ୍ରାପ୍ତ )
ଖପୁରିଆ, କଟକ: ୭୫୩ ୦୧୦

*ଶ୍ରୀ ଜଗବନ୍ଧୁ ବେହେରା ଆଜିକାଲିର ଓଡିଶା ସମାଜରେ ଏକ ବିରଳ ବ୍ୟକ୍ତିତ୍ୱ । ଓଡିଆ ଭାଷା ପ୍ରତି ମମତା ସହ ଓଡିଆରେ ଅନେକ ବିଜ୍ଞାନ ପୁସ୍ତକ ପ୍ରକାଶ କରିସେ ଶ୍ରଦ୍ଧାଭାଜନ ହୋଇଛନ୍ତି । ଏହି ଲେଖାଟି ତାଙ୍କର ଜୀବନଧର୍ମୀ ଚିନ୍ତାଧାରାର ଏକ ନମୁନା ।*

୧୯୬୧ ମସିହାର ଘଟଣା ! ମୁଁ ସେତେବେଳେ ସାଳନ୍ଦୀ ପ୍ରୋଜେକ୍ଟରେ କାର୍ଯ୍ୟରତ ! ମୋତେ ବୁଡି ଅଞ୍ଚଳ ଚିହ୍ନଟ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା ! ମୁଁ ମୋର ସର୍ଭେ ପାର୍ଟି ଧରି କେନ୍ଦୁଝର ଜିଲ୍ଲାର ସାତବେରୀ ଜଙ୍ଗଲରେ କାର୍ଯ୍ୟ କରୁଥିଲି ! ଜଙ୍ଗଲ ଭିତରେ ତଂବୁ ପକାଇ ରହୁଥିଲୁ ! ସେଠାକାର କାର୍ଯ୍ୟ ଶେଷ ହେବାରୁ ଜଙ୍ଗଲର ଅନ୍ୟ ସ୍ଥାନକୁ ତଂବୁ shift କରିବାର ଥିଲା ! ମୁଁ head officeକୁ ଖବର ଦେଲି ଟ୍ରକ ପଠାଇଲେ camp shift କରିବି ! ଯେଉଁଦିନ ଟ୍ରକ ଆସିବାର ଥିଲା, ଆମେ camp ଜିନିଷପତ୍ର ବନ୍ଧାବନ୍ଧି କରି ଅପେକ୍ଷା କରି ରହିଲୁ ! କିନ୍ତୁ ସନ୍ଧ୍ୟା ହେଲା, ଟ୍ରକ ପହଞ୍ଚିଲା ନାହିଁ !

ଅନ୍ଧାର ରାତି ! Petromax light ଜଳାଇ ବସି ରହିଲୁ ! ରାତି ୮ଟା ସମୟରେ ଆମ ପାଖ ଦେଇ ଗୋଟିଏ ବାଘ ଯାଉଥିବାର



ମଇଁଷି ଶିଙ୍ଗ ଫଟା, ଯୁଝିଲାବେଳକୁ ଗୋଟା।
-- ଛଗ

ଦେଖିଲୁ ! L ight ଲିଭାଇ କୌଣସି ଶବ୍ଦ ନ କରି ବସି ରହିଲୁ ! ଈଶ୍ୱରଙ୍କ ଅପାର କରୁଣାରୁ ବାଘ ତା ବାଟେ ବାଟେ ଚାଲିଗଲା !

ଟ୍ରକ ଆସି ରାତି ୧୦ ଟା ବେଳେ ପହଞ୍ଚିଲା ! ବିଳମ୍ବର କାରଣ ହେଲା ଟ୍ରକ ଆଣିବାକୁ ଟ୍ରକ ଡ୍ରାଇଭର ମିଳୁ ନ ଥିଲେ ! ପ୍ରୋଜେକ୍ଟ ପାଇଁ ନୂଆ ଟ୍ରକ କିଣା ହୋଇଥିଲା ! କିନ୍ତୁ ଟ୍ରକ ଡ୍ରାଇଭର ନିଯୁକ୍ତ ହୋଇ ନ ଥିଲେ ! ହୀରାକୁଦରୁ ଆସିଥିବା Heavy Earth Moving Machinery D. W. Tର ଡ୍ରାଇଭର ଜଣେ ବିହାରୀ ଲୋକ ଟ୍ରକ ନେଇ ଆସିଛନ୍ତି ! ଆମେ ଆଉ କଣ କରିବୁ ! ସବୁ ଜିନିଷପତ୍ର ଆଗରୁ ବନ୍ଧାବନ୍ଧି କରି ରଖିଥିଲୁ ! ସାଙ୍ଗେ ସାଙ୍ଗେ ଟ୍ରକରେ ଲଦି ପକାଇଲୁ !

ଆମ ପାଖରେ କେତେକ ଆଦିବାସୀ ମଜୁରିଆ କାମ କରୁଥିଲେ ! ସେମାନଙ୍କୁ ଅଟକାଇ ରଖିଥିଲୁ ଜିନିଷପତ୍ର ଲଦାଲଦି କରିବାକୁ ! ଆମେ ଯେଉଁ ସ୍ଥାନରେ ନୂଆ camp କରିବା ପାଇଁ ସ୍ଥିର କରିଥିଲୁ, ସେମାନେ କହିଲେ ତାହା ବେଶୀ ବାଟ ନୁହେଁ ! ଜଙ୍ଗଲ ଭିତରେ ପଶି ଚାଲିଗଲେ ଅଳ୍ପ ସମୟରେ ପହଞ୍ଚି ହେବ !

ଆମେ ଟ୍ରକରେ ବସି ଚାଲିଲୁ ! ଟ୍ରକରେ ଯାଉ ଯାଉ ଟ୍ରକ ଏଭଳି ଏକ ସ୍ଥାନରେ ପହଞ୍ଚିଗଲା, ଆଉ ଉପରକୁ ଉଠି ପାରିଲା ନାହିଁ ! ପଛକୁ ଗଡିବାକୁ ଲାଗିଲା ! ଡ୍ରାଇଭର ବେକ ଧରି ଅଟକାଇବାକୁ ଚେଷ୍ଟା କଲା ! କିନ୍ତୁ ବେକ ଧରିଲା ନାହିଁ ! ଗାଡି ପଛକୁ ଗଡିଲା ! ମୁଁ ଟ୍ରକ କ୍ୟାବିନ ଭିତରେ ବସିଥିଲି ! ଯେତେବେଳେ ଗାଡି ପଛକୁ ଗଡିଲା, ମୋ ଛାତିରୁ ଗୋଟାଏ କଣ ବାହାରି ଚାଲିଗଲା ପରି ଅନୁଭବ କଲି ! ସେ ସ୍ଥାନ ଏପରି ଏକ ସ୍ଥାନ ଯାହାର ଡାହାଣ ପଟେ ପାହାଡ ଓ ବାମ ପଟେ ବିରାଟ ଗର୍ତ୍ତ ଭଳି ଦୃଶ୍ୟ ହେଉଛି ! ଡ୍ରାଇଭର ପ୍ରାଣ ବିକଳରେ steeringକୁ ଡାହାଣ ପଟକୁ ମୋଡି ଦେଲା ! ଯାହା ଫଳରେ ଗାଡିର ପଛ ଡାଲା ପାହାଡ ଭିତରେ ଧସି ପଶି ଗଲା ଓ ଗାଡି ଅଟକିଗଲା !

ଆମେ ସବୁ ଗାଡିରୁ ଓହ୍ଲାଇ ପଡିଲୁ ! ଦେଖିଲୁ ବାମ ପଟ ଏତେ ଖାଲ ଯେ ତଳ କେଉଁଠି ଅଛି ଆଖି ପାଉ ନାହିଁ ! ସହଜେ ଅନ୍ଧାର ରାତି ! ସେତେବେଳକୁ ରାତି ୨ ଟା ! ଭୋକ ଭୀଷଣ ହେଲାଣି !

ପାଖରେ କିଛି କଞ୍ଚା ଚୂଡା ଥିଲା ! ତାକୁ ଶୁଖିଲା ଚୋବେଇବାକୁ ଲାଗିଲୁ ! ପାଣି ପିଇବାକୁ ଇଚ୍ଛା ହେଲା ! କିନ୍ତୁ ପାଣି କାହିଁ? ସମସ୍ତେ ସାଙ୍ଗ ହୋଇ ବାଲଟି ଧରି ତଳକୁ ଚାଲିଲୁ ! କିଛିବାଟ ଗଲାପରେ ଦେଖିଲୁ ଦଳେ ହାତୀ ସେହି ତଳ ଆଡକୁ ଚାଲିଛନ୍ତି ! ଆମେ ଆଉ ପାଣି ପାଇଁ କଣ ଯିବୁ !

ପଛେଇ ପଛେଇ ଫେରିଲୁ ! ସେଦିନ ରାତିସାରା ଟ୍ରକ ପାଖରେ ବସି ରହିଲୁ !

ପରଦିନ ସକାଳ ହେବାରୁ ପାଖ ଗ୍ରାମରୁ ଲୋକ ମଗାଇ ପାହାଡ ଖୋଳି ଟ୍ରକ ବାହାର କରାଇଲୁ ! ତାପରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ନୂତନ camp ପକାଇଲୁ ! ଈଶ୍ୱରଙ୍କ ଅପାର କରୁଣାରୁ ନୂତନ ଜୀବନ ଲାଭ କଲୁ !

---- x x x ----

## Why Paradigm Shift for an Oriya is so Difficult?

Biswa Ranjan Jena, Puerto Rico, U.S.A

*ବିଶ୍ୱ ବାବୁ ଏ ନବୀନ ଯୁଗର ଏକ vocal ଲେଖକ । ସେ myodisa yahoogroups forumରେ ତାଙ୍କର ତର୍କପୂର୍ଣ ଚିଠି ଦ୍ୱାରା ପ୍ରଶଂସାର ପାତ୍ର ହୋଇଛନ୍ତି । ତାଙ୍କର ସମାଲୋଚକ ଚକ୍ଷୁ ବହୁ ସମୟରେ ଜଟିଳ ପରିସ୍ଥିତି ଗୁଡିକୁ ପୃଥକ୍ ଦୃଷ୍ଟିରେ ଦେଖି ଭିନ୍ନ ଦୃଷ୍ଟିକୋଣରୁ ଆଲୋକପାତ କରିବାରେ ସଫଳ ହୋଇଛି ।*

This story was told by my Grand-mother in my childhood, when once she was making me fall sleep by telling a story. The moral of the story is left to individual reader; it depends on how they want to see/think it.

Once Lord Siva & Devi Parvati were on vacation and roaming around the Universe, when they were passing by our Earth, they saw a poor man, sleeping nicely under a tree in the middle of the day. So Devi Parvati, asked Lord Siva, you see how that lazy man is sleeping in the middle of the day and now I understand why he is poor. Let us help him (blessings or encouraging to do something), so that he won't be poor and lazy anymore. Lord Siva gave a wicked smile, reflecting as if he does not want to deal with Human but finally agreed to Devi Paravati's suggestion and decided to meet that man.





So they came down to Earth and appeared in front of that man. When they attempt to wake him up, he replies with irritation that why they are disturbing his nice and peaceful sleep? They reply that they are the Lord Siva and Devi Parvati and want to help him. After getting such answer, that man could not believe his eyes that what he is witnessing is real or is he having a daydream.

Once he realized it is real he asked the Gods how they want to help him? Devi Parvati suggested, that he should do some work, not be lazy and asleep in the middle of the day. After receiving such a surprise advice (as he was expecting that the Devi will ask him like what's your wish or something similar?), he thought for a moment and asked a question. "let's say I worked like a slave without proper sleep etc. and not be lazy anymore, then what will happen?" Devi Paravati replied, "you will be healthy, wealthy and prosper and won't be poor anymore -- no shortage of food, money etc. He replied politely:, "let's assume I got all that Devi. "What happened next?" Again Devi Paravati said you will be living a good life, can have a family by marrying a beautiful woman, and live with her in a palatial house and will be happy. That man was amazed and again responded, "let's say I got all those Then what?". This time Devi Parvati got a little annoyed by his such type of questions but answered that he can have kids, a nice garden where he can enjoy watching his kids playing happily, etc. The man replied immediately, "let's say I got all those too, thenwhat?" This time Devi Parvati not showing his loss of temper, answered coolly that then he can have a nice, peace full life without any worry for himself, for her wife or kids, and can spend rest of his life in a nice bed watching his family growing without doing nothing.

After hearing the answer from Devi Paravati, the man gave a big smile and did not ask any further questions to Devi Parvati. But Devi Parvati was surprised and angry, as well as curious too and could not hold her curiosity any longer and spoke with a loud voice, "What happened and what is he smiling about?"

By seeing such reaction from Devi Parvati, the poor human replied with a trembling voice, "Devi Mata, Mafi Chahata Hoon for making you angry, don't curse me, the reason I'm laughing is just think a little bit, what am I doing now? Having a nice and peacefiul sleep. And what you have asked me to do, to get the same thing at the end by going through all hard work and pain etc. So why I should be a fool to do all those and go through all those hard work and pain in order to achieve the same things that I can have right now. Is it not a mere wastage of time? So please let me enjoy my sleep."

Hope the readers are able to appreciate **WHY PARADIGM SHIFT FOR AN ORIYA IS SO DIFFICULT!!!**

--- x x x ---

## ଜୀବନ ପାତ୍ର

### ସ୍ୱପ୍ନଲତା ମିଶ୍ର, ମେକମ୍ୱ, ମିଚିଗାନ୍

*ଶ୍ରୀମତୀ ସ୍ୱପ୍ନଲତା ମିଶ୍ର (ରଥ) ଆମେରିକା ସ୍ଥିତ ଓଡିଆ ମାନଙ୍କ ପାଇଁ ଅଜଣା ନୁହଁନ୍ତି । ବହୁ ଗଳ୍ପ, ଅନେକ ଏକାଙ୍କିକା-ନାଟକ ଲେଖି ସେ ପାଠକ ଓ ଶ୍ରୋତା ମାନଙ୍କୁ ମୁଗ୍ଧ କରିବାରେ ସଫଳ ହୋଇଛନ୍ତି । ତାଙ୍କର ଅନେକ ନାଟିକା ତାଙ୍କ ଗୃହ ପ୍ରଦେଶରେ ତାଙ୍କ ସମ୍ମୁଖରେ ମଞ୍ଚସ୍ଥ ବି ହୋଇଛି । ଏ ଗଳ୍ପଟି ତାଙ୍କ ସମ୍ବେଦନଶୀଳ ମନର ଏକ ନିଛକ ପରିପ୍ରକାଶ ।*

ତାହା ଦୁଇକପ୍ ପିଇ ସାରିବାପରେ ବି ଭାରତୀର ଅଳସ ଭାଙ୍ଗିନଥିଲା । ସକାଳେ ଆଶୀଷ ଅଫିସ୍ ଯିବା ପରେପରେ ସୋଫାରେ ଶୋଇ ପଡିଥିଲା ସେ । ନିଦ ଭାଙ୍ଗିଲା ବେଳକୁ ଦିନ ୧୨ଟା ବାଜିଲାଣି । Blinds ଖୋଲିଲା ... typical December day time ... ବିନା ସୂର୍ଯ୍ୟାଲୋକରେ ଆଉ ଗୋଟିଏ ଦିନ । ଆକାଶ ଖୁବ୍ ଗମ୍ଭୀର ଦେଖାଯାଉଥିଲା । ଏ ପର୍ଯ୍ୟନ୍ତ ସ୍ନୋ ଆରମ୍ଭ ହୋଇନି ଏ ବର୍ଷ । କିନ୍ତୁ ପାଗ ଦେଖି ମନେ ହେଉଥିଲା ଏଇ କୁଢେଇ ହୋଇଯିବ ସ୍ନୋ । ଏଇଲେ





-- ସ୍ନୋ କଥା ଭାବିଦେଲାକ୍ଷଣି ଉଦାସ ହୋଇଗଲା ମନଟା । ଅଥଚ ଆମେରିକା ଆସିବା ପୂର୍ବରୁ ଏଇ ସ୍ନୋ କଥା ଭାବିଲାବେଳେ କେମିତି ଗୋଟିଏ ରୋମାଞ୍ଚ ଖେଳିଯାଉଥିଲା ମନରେ ତା'ର । ଆଶୀଷଙ୍କୁ ଏବେ ବି ସ୍ନୋ ଭଲଲାଗେ ।

ଓ୍ୱେଦର୍ ଦେଖିବାକୁ TV on କଲା । "ନା', ଶାନ୍ତ ପରିବେଶ ବେଶ୍ ଭଲ ଲାଗୁଛି" । ନିଜକୁ ନିଜେ କହି TV off କରିଦେଲା । ଘରର ଚାରିପଟେ ଆଖି ବୁଲାଉ ବୁଲାଉ ନିଜକୁ ନିଜେ ଭାରତୀ କହୁଥିଲା, "ଓଃ, ଘରଟା କେତେ ଭଲ ଲାଗୁଛି ସତରେ, systematic, neat and clean । କାଲି ସଞ୍ଜବେଳଠୁ ଘରଟା ଯେମିତି ସଜଡା ହୋଇଥିଲା ସେମିତି ରହିଛି । କିଛି ବି ଏପଟ ସେପଟ ହୋଇନି ।" ଏମିତି ଗୋଟିଏ ଗୋଟିଏ ଦିନ ନିରୋଳା, ନିଃଶବ୍ଦ, ତା' ସାଙ୍ଗକୁ ପରିଷ୍କାର ପରିଚ୍ଛନ୍ନ ପରିବେଶ କ୍ୱଚିତ୍ ଆସେ ତା' ଜୀବନରେ । ଏମିତି ସମୟକୁ ତ ଖୋଜି ହୁଏ ସେ ମନେ ମନେ, ଝୁରି ହେଉଥାଏ ଅହରହ ।

ନା, ସମୟ ଟା ଏମିତି ଚାଲିଯିବାକୁ ଦବନି ସେ, କାମରେ ଲଗେଇବାକୁ ପଡିବ, କିଛି ଗୋଟାଏ constructive ··· । କ'ଣ କରିବ ଭାବୁ ଭାବୁ ମନେ ପଡିଲା ୪ ମାସ ତଳେ painting କଲାବେଳେ କାନ୍ଥରୁ ବାହାର କରାଯାଇଥିବା picture frame ଗୁଡା । ସୋଫା ପଛପଟେ ସେମିତି ଥୁଆହୋଇଛି ସେବେଠୁ । Photo ଗୁଡା ନିରେଖି ଦେଖିଲା ଭାରତୀ ।

Photo ଗୁଡାକୁ ନିରେଖି ଦେଖିଲା ଭାରତୀ ଗୋଟିଏ ପରେ ଗୋଟିଏ । ସମୟ କେତେ ଶୀଘ୍ର କୁଆଡେ ଚାଲିଗଲା । କାଲି ପରି ଲାଗୁଛି ଆଶୀଷଙ୍କୁ ବାହାହୋଇ ନୂଆ ଆମେରିକା ଆସିବା ବେଳର କଥା । ଏ ଭିତରେ ପିଲା ଦୁଇଜଣ ବି ବଡ ବଡ ହୋଇଗଲେଣି । ବର୍ଷ ବର୍ଷ ହୋଇ ବାର ବର୍ଷ କେତେବେଳେ ହୋଇଗଲା ! ଝିଅ ସୀୟା କୁ ନଅ ବର୍ଷ, ପୁଅ ମୋହନକୁ ସାତ ବର୍ଷ ଚାଲିଛି । ମୋହନ କୁ ବର୍ଷେ ହେବାପରେ ସେ କାମରେ join କରିଥିଲା । ନୂଆ ନୂଆ ବହୁତ କଷ୍ଟ ହୋଇଥିଲା କାମ, ଘର ଓ ପିଲାମାନଙ୍କୁ ନେଇ ଜୀବନର ଭାରସାମ୍ୟ ସମ୍ଭାଳିବାକୁ; କିନ୍ତୁ ଆଶୀଷଙ୍କର ସହଯୋଗୀତା ତା'କୁ ବହୁତ ସାହାଯ୍ୟ କରିଥିଲା ଜୀବନକୁ ସହଜ ଭାବରେ ଗ୍ରହଣ କରିନେକାକୁ । ଆସ୍ତେ ଆସ୍ତେ ବଦଳି ଯାଇଥିଲା life style, ଜୀଇଁବାର ଶୈଳୀ । ସମୟ ମିଳେନି କେବେ ନିଜକୁ କି ସମୟ କୁ ପରଖିବାକୁ, ନିରେଖିବାକୁ । କାମ, ଘର, ପିଲା, grocery, day care, birthday party, game, music, school, party, planning, shopping --- ଏମିତି ଗୁଡାଏ ଶବ୍ଦଙ୍କ ଭିତରେ କଟିଯାଏ ନିତିଦିନର ଜୀବନ । ପ୍ରତିଦିନ ସକାଳ ସଞ୍ଜ ହୁଏ, ସଞ୍ଜ ରାତି ହୁଏ ··· ପୁଣି ଆଉ ଗୋଟିଏ ଦିନ ଆସେ, କିଛି ସ୍ୱପ୍ନ ଅଧାଦେଖାରୁ ସରିଯାଏ, କିଛି ସ୍ୱପ୍ନକୁ ପୂରା କରିବାର ସ୍ୱପ୍ନନେଇ ମନ ଆଗକୁ ଧାଉଁଥାଏ । ନିଃଶ୍ୱାସ ନେବାକୁ ବେଳ ନଥାଏ । ଆଶୀଷଙ୍କ କାମର responsibility ବଢି ଯାଇଛିବହୁତ, କାମ ନେଇ ସବୁବେଳେ ବ୍ୟସ୍ତ, କେବେ out of town, କେବେ weekend ରେ ଘରୁ କାମ । ଘର କଥା ବୁଝିବାକୁ ତାଙ୍କ ପାଖରେ ଆଦୌ ସମୟ ନଥାଏ ।

କିନ୍ତୁ ପିଲାଙ୍କୁ ନେଇ long-weekend ବା vacation time ରେ ବାହାରକୁ ବୁଲିଯିବାକୁ ଆଶୀଷ କେବେବି ଭୁଲନ୍ତିନି । Vacation ରେ ଯିବାବେଳେ drive କରିବାକୁ ସବୁବେଳେ prefer କରନ୍ତି । ପିଲାମାନଙ୍କସହ ବିଭିନ୍ନ ଆଲୋଚନା, ଗପସପରେ ଆଶୀଷ ବେଶ୍ ମଜ୍ଜିଯାନ୍ତି ସବୁବେଳେ । ପିଲାମାନେ ପଛରେ ଶୋଇ ଯିବାପରେ ସେମାନେ ଦୁଇଜଣଜାକ ମନଖୋଲା ଗପ କରନ୍ତି । ସେଥିପାଇଁ ଭାରତୀ ସବୁବେଳେ ଅପେକ୍ଷା କରେ ଲମ୍ବା ଛୁଟିକୁ । ଏଥର କିନ୍ତୁ ଆଶୀଷଙ୍କୁ Christmas vacationରେ townରେ ରହିବାକୁ ପଡିଲା କିଛି ଜରୁରୀ କାମ ନେଇ, ତେଣୁ ବାଧ୍ୟ ହୋଇ ସାରା ଛୁଟିଟା ଘରେ ରହିବାକୁ ପଡିବ ସେମାନଙ୍କୁ ।

ଅବଶ୍ୟ ଛୁଟିରେ ଘରେ ରହିବାକୁ ବେଶ୍ ଭଲ ଲାଗିଥିଲା ଭାରତୀକୁ । କିନ୍ତୁ ଦୁଇ ଦିନପରେ ଭାରତୀର ଧୈର୍ଯ୍ୟଚ୍ୟୁତି ଆରମ୍ଭ ହୋଇଗଲା, ପିଲାମାନଙ୍କର boredom start ହୋଇଗଲା । ଗତକାଲି ଆଶୀଷର ଲେଖାଯୋଖା ମାଉସୀ-ଝିଅ ଭଉଣି ମିଲି ଘରେ Christmas eve partyର୍ emergency call ପାଇ ଆଶୀଷଙ୍କୁ ଶୀଘ୍ର ଘରକୁ ଫେରିବାକୁ ପଡିଲା । ପିଲାମାନେ ଆସିବାକୁ ରାଜି ହେଲେନି । ମିଲି ଜିଦ୍ କଲା ପିଲାମାନଙ୍କୁ sleepover ପାଇଁ ଛାଡିଦେବାକୁ । ମିଲିର ପିଲାମାନେ ବି କାନ୍ଦ ଆରମ୍ଭ କରିଦେଲେ । ଇଚ୍ଛା ନ ଥିଲେ ବି ପିଲାମାନଙ୍କର ଜିଦ୍, ମିଲିର ଅନୁରୋଧ ଆଉ ଆଶୀଷଙ୍କ ସମ୍ମତି ପାଖରେ ହାର ମାନିବାକୁ ପଡିଥିଲା ଭାରତୀକୁ । ଆଶ୍ଚର୍ଯ୍ୟ ଲାଗିଲା ଭାରତୀକୁ, ପିଲାମାନେ କେମିତି ଭୁଲିଗଲେ Christmas gift କଥା ! ସକାଳୁ ଏପର୍ଯ୍ୟନ୍ତ ଫୋନ୍ ବି କରି ନାହାନ୍ତି । ଫୋନ୍ ଲଗାଇଲା ମିଲି ପାଖକୁ -- answering machine ଆସିଲା । କିଛି message ଦେଲାନି ଭାରତୀ । ପିଲାଗୁଡା କେମିତି ଭୁଲିଯା'ନ୍ତି ମମ୍ମି କୁ ? ପାଖରେ ଥିଲାବେଳେ ମମ୍ମି ମମ୍ମି ଡାକରୁ ଫୁରୁସତ ମିଳୁନଥିବ । ମିଲି ବୋଧହୁଏ ପିଲାମାନଙ୍କୁ ନେଇ ବାହାରକୁ ଯାଇଛି ।

p.40/୪୦

ଫୋନ୍ ରିଙ୍ଗ୍ ହେଲା । ଫୋନ୍‌ଧରିଲାନି ଭାରତୀ, କାନ୍ଥରେ picture ଲଗାଇବାରେ ବ୍ୟସ୍ତ ରହିଲା । Answering machine on ହେଲା "Happy Anniversary Ashish and Bharati, ମୁଁ ସ୍ନେହ ମାଉସୀ ଡାକିଥିଲି ।" ସ୍ନେହ ମାଉସୀ ··· anniversary wish କରିବାକୁ ମାଉସୀ କେବେବି ଭୁଲନ୍ତିନି ।

ନୂଆ ନୂଆ ବାହା ହୋଇଥିବା ବେଳର photo ସବୁ ଲଗାଇସାରିବାପରେ ମାଉସୀଙ୍କୁ phone କଲା ଭାରତୀ । Engage ଆସିଲା । ନୂଆ ନୂଆ ବାହା ହୋଇଥିବା photo ଭିତରେ ମାଉସୀଙ୍କ ମୁହଁ ଦେଖାହେଲା ଭାରତୀକୁ । ମାଉସୀଙ୍କ ସହ ଦେଖା ହୋଇଥିଲା ତା'ଙ୍କ 25th anniversary partyରେ । ଏ ଭିତରେ ୧୨ ବର୍ଷ ବିତି ଗଲାଣି । ନୂଆ ବାହା ହୋଇ ଆସିଥିଲା ଭାରତୀ । ବହୁତ homesick ଲାଗୁଥିଲା । ଆଶୀଷଙ୍କର ମାଉସୀଙ୍କ ସହ ଜଣାଶୁଣା ଥିଲା ଆଗରୁ। ତେଣୁ party ଜୁଯିବାକୁ ବାହାରିଥିଲା ଭାରତୀ । ପ୍ରଥମ ଦେଖାରୁ ଭାରତୀକୁ ଆପଣାର କରି ନେଇଥିଲେ ମାଉସୀ । ଆସ୍ତେ ଆସ୍ତେ ମାଉସୀ ଭାରତୀର friend, philosopher and guide ହୋଇଯାଇଥିଲେ । ବୟସର ପାର୍ଥକ୍ୟ, ଅଭିଜ୍ଞତାର ପାରଦର୍ଶିତା ସବୁକିଛି ହାର ମାନିଥିଲା ମାଉସୀଙ୍କ ମମତାମୟୀ ହୃଦୟର ମହନୀୟତା ପାଖରେ । ମାଉସୀଙ୍କ ଦୁଇ ଝିଅ ଆଉ ପୁଅ ସେତେବେଳେ college ଯାଇସାରିଥିଲେ । ବଡଝିଅ engaged ବି ହୋଇସାରିଥିଲା । ଏତେ ବଡ ଘରଟାରେ ମଉସା ଆଉ ମାଉସୀ ପ୍ରାୟ ଏକା ରହୁଥିଲେ । ମାତ୍ର ମାଉସୀଙ୍କ ଘରେ ସବୁବେଳେ କିଛି ନା କିଛି partyର ଆୟୋଜନ ଚାଲିଥିଲା, ସହରକୁ ନୂଆ ଆସୁଥିବା ଓଡିଆ ଲୋକଙ୍କ ପାଇଁ welcome ବା farewell ବା baby shower ଇତ୍ୟାଦିର ଆୟୋଜନରେ ମାଉସୀ ସବୁବେଳେ ବ୍ୟସ୍ତ ରହୁଥିଲେ । ଆମେରିକା ଜୀବନର loneliness ଜାଣିବାପାଇଁ ଭାରତୀକୁ chance ମିଳିନଥିଲା; ବରଂ ସେ loneliness କୁ ମନେ ମନେ ଖୋଜି ହେଉଥିଲା । ମାତ୍ର ଆଶୀଷ ଖୁବ୍ enjoy କରୁଥିଲେ ମାଉସୀଙ୍କ ଘରର କୋଳାହଳ ଆଉ ଭିଡକୁ ।

ପ୍ରେଗନାଣ୍ଟ୍ ବୋଲି ଜାଣିବା ପରଠୁ ଝିଅ କୁ ବର୍ଷେହେବା ପର୍ଯ୍ୟନ୍ତ ମାଉସୀଙ୍କଠାରୁ ଏତେ ଯତ୍ନ ମିଳିଥିଲା ଭାରତୀକୁ ଯେ ପିଲାବେଳେ ମାଁଙ୍କୁ ହରାଇଥିବା ଭାରତୀ ମାଁ'ର ମମତା ଭରା ଉପସ୍ଥିତି ଅନୁଭବ କରୁଥିଲା ମାଉସୀଙ୍କ ଜରିଆରେ । ନିଜ ଅଜାଣତରେ ମାଉସୀଙ୍କୁ ଏତେ ଭଲ ପାଇବସିଥିଲା ଯେ ମାଉସୀଙ୍କ ପିଲାମାନେ ଘରକୁ ଆସିଥିବାବେଳେ ମାଉସୀ ଫୋନ୍ ନ କଲେ ସେ ଅଭିମାନ କରି ବସୁଥିଲା । ଏକଥା ମାଉସୀ ଜାଣିବାପରେ କାମ ଥାଉ ବା ନ ଥାଉ ପ୍ରତିଦିନ ଭାରତୀକୁ ଫୋନ୍ କରୁଥିଲେ ।

ଝିଅ କୁ ବର୍ଷେ ହେବାପରେ ପ୍ରାୟ ଚାରି-ପାଞ୍ଚ ବର୍ଷ ଆଶୀଷଙ୍କର ବିଭିନ୍ନ project ନେଇ ବିଭିନ୍ନ ଜାଗାକୁ ବାରମ୍ବାର ସେମାନେ move କରିଥିଲେ । କିନ୍ତୁ ସ୍ନେହ ମାଉସୀ ଆଉ କେଉଁଠି ମିଳି ନ ଥିଲେ । ଯେଉଁଠି ଥିଲେ ବି ବର୍ଷରେ ଥରେ ସେମାନେ ମାଉସୀଙ୍କ ପାଖକୁ vacation plan କରୁଥିଲେ । ମାଉସୀଙ୍କ ଘର ଆଶୀଷଙ୍କର favourite vacation spot । ଯିବାବେଳଠୁ ଆସିବା ଯାଏଁ ମାଉସୀ ରାନ୍ଧିବା ଆଉ ଖୁଏଇବାରେ ବ୍ୟସ୍ତ ରୁହନ୍ତି । ମଉସା ପିଲାମାନଙ୍କୁ entertain କରିବାରେ ବ୍ୟସ୍ତ ରୁହନ୍ତି । ଏବେ ଆସ୍ତେ ଆସ୍ତେ ଫ୍ରିକ୍ୱେନ୍‌ସି କମି ଯାଉଛି କାରଣ ସ୍ଥାନର ଦୂରତ୍ୱ, ସମୟର ସ୍ୱଳ୍ପତା ଆଉ ପିଲାମାନଙ୍କର preference ।

ଏବେ ଭାରତୀ ପରି ମାଉସୀଙ୍କ ଜୀବନରେ ବି ଅନେକ ପରିବର୍ତ୍ତନ । ପୁଅ ଝିଅ ସମସ୍ତେ ବାହା ହୋଇଗଲେଣି । ଝିଅ ଦୁଇଜଣ ଯାକ ଆମେରିକାନ୍ ବାହା ହୋଇଛନ୍ତି । ପୁଅ ପଞ୍ଜାବୀ ଝିଅ ବାହା ହୋଇଛି । ଦୁଇ ବର୍ଷ ତଳେ ମଉସା ହଠାତ୍ heart attack ରେ ଚାଲିଯାଇଛନ୍ତି । ପିଲାମାନଙ୍କର ଜିଦ୍ ସତ୍ତ୍ୱେ ମାଉସୀ ଏକୁଟିଆ ସେଇ ପୁରୁଣା ଘରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । "ଏମିତି ନିଷ୍ପତ୍ତି କାହିଁକି ନେଲେ" ବୋଲି ପଚାରିଥିଲା ଭାରତୀ । ମାଉସୀ ଉତ୍ତର ଦେଇଥିଲେ, "ବାସ୍ତବ ଜୀବନକୁ ସରସ ଆଉ ବଞ୍ଚିବା ଉପଯୋଗୀ କରିବା ପାଇଁ ମୋର ବିଗତ ଜୀବନର ସ୍ମୃତି ଲୋଡା; ଏଇ ଘର ଛଡା କିଏ ଆଉ ସେ ସ୍ମୃତିକୁ ଆହୁତି ଦେବ ମୋ ନିଃସଙ୍ଗ ଜୀବନର ପ୍ରତି ମୁହୂର୍ତ୍ତରେ !"

ମାଉସୀଙ୍କ ପିଲାମାନେ ବହୁତ ଯତ୍ନ ନିଅନ୍ତି ମାଉସୀଙ୍କର । ଦୂରରେ ଥିଲେ ବି ମାଉସୀଙ୍କର ପ୍ରତ୍ୟେକ ଖବର ରଖନ୍ତି ସେମାନେ । ମାଉସୀଙ୍କ ଘରେ ଏବେ ବି ଓଡିଆଙ୍କ ଭିଡ । କିନ୍ତୁ thanksgiving ଆଉ cChristmas time ମାଉସୀ spend କରନ୍ତି ତାଙ୍କ ପିଲାମାନଙ୍କ ସାଙ୍ଗରେ । ତଥାପି ମାଉସୀ କେବେବି ଭୁଲନ୍ତିନି ଭାରତୀକୁ happy anniversary ଜଣେଇବାକୁ Christmas dayରେ । ଭାରତୀକୁ ଆଶ୍ଚର୍ଯ୍ୟ ଲାଗେ ମାଉସୀ ଏତେ କଥା ମନେ ରଖନ୍ତି କେମିତି । ଭାରତୀ ପାଇଁ ସିନା ଗୋଟିଏ ସ୍ନେହ ମାଉସୀ । କିନ୍ତୁ ସ୍ନେହମାଉସୀଙ୍କ ସ୍ନେହ ପାଇଁ ତ ଭାରତୀ ପରି ଅନେକ ଅନେଇ ରହିଥିବେ ।

ଆଶୀଷଙ୍କ ଭାଷାରେ "Mausi is an amazing Oriya lady, very unique!"

"Ashish is right!" ଭାରତୀ ନିଜକୁ ନିଜେ କହିଲା ।



ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ
ସରଳ ପଥିକ ବାଟରେ ଦେଖିଲେ
ଅକାତରେ ତାକୁ ନାଶେ ।
----- ମଧୁଦୂଦନ ଦାସ

ନିଜ anniversaryରେ ସେମାନେ ପରସ୍ପରକୁ wishବି କରିନାହାନ୍ତି ଏପର୍ଯ୍ୟନ୍ତ, ଅଥଚ ମାଉସୀ ତାଙ୍କ ନିଜ ସମୟ କାଟି wish କରିସାରିଲେଣି ।

ମାଉସୀଙ୍କୁ ଫୋନ୍ ଲଗେଇଲା ଭାରତୀ । ଏଥର ମାଉସୀ ଫୋନ୍ ଧରିଲେ । କିଛି ସମୟ କଥା ହେବାପରେ ଭାରତୀର ମନେ ପଡିଲା Christmas vacationରେ ମାଉସୀଙ୍କ ପିଲାମାନେ ଘରେ ଥିବେ । ଭାରତୀ କହିଲା, "ମାଉସୀ ଆପଣ ବ୍ୟସ୍ତ ଥିବେ, ମୁଁ ରଖୁଛି ।" ମାଉସୀ କହିଲେ, "ନାଇଁ ଲୋ, ଏଥର ମୁଁ ଏକା ଅଛି । ବଡଝିଅ ତା ଶାଶୁ-ଶ୍ୱଶୁର ପାଖରେ, ବୁଢା ବୁଢୀ ପରା ମନ କଲେ ନାତି ନାତୁଣୀଙ୍କ ପାଇଁ; ସାନ ଝିଅ-ଜୋଇଁ ଲଣ୍ଡନ ଜାଇଛନ୍ତି; ପୁଅ ବୋହୂକୁ ନେଇ Australia ଯାଇଛି vacation ରେ । ବୋହୂ ତାକୁଥିଲା ଯେ ମୁଁ ଭାବିଲି Australia ଯିବି କାହିଁକି India ନ ଯାଇକି । Ticket କରିଥିଲି । କିନ୍ତୁ ଆଜିକାଲି ଦେହ ଜମା ଭଲ ରହୁନି । କାହିଁକି India ଯାଇ କାହାକୁ ହଇରାଣ କରିବି, ତେଣୁ ଘରେ ରହିଗଲି ।"

ଭାରତୀ ପଚାରିଲା, "ମାଉସୀ ଆପଣ ଏକା ଅଛନ୍ତି?" ମାଉସୀ ଉତ୍ତରରେ ହସିଲେ, "ତୁମେ ମାନେ ଘରେ କେମିତି ଅଛ?" ଭାରତୀ କିଛି କହିବାପୂର୍ବରୁ ମାଉସୀ ପୁଣି କହିଲେ, "ଏକା କଣ, ଯେତେଦିନ ଯୋଗଥିବ ବଞ୍ଚିଥିବା ଯାଏଁ ଜୀଇଁବାକୁ ପଡିବ । ପିଲାମାନେ ସାନ ଥିଲାବେଳେ ନିଃଶ୍ୱାସ ନେବାକୁ ଫୁରୁସତ୍ ମିଳୁନଥିଲା । ମନରେ ଇଚ୍ଛା ଥିଲେ ଦେହରେ ବଳ ଥିଲେ ବି ସମୟ ନଥିଲା ସେମାନଙ୍କ ସହ ହସଖୁସି ଗପସପ କରିବାପାଇଁ । ଏବେ ସେମାନେ ବଡ ହୋଇଗଲେ, ନିଜ ନିଜ ଜୀବନ ଆରମ୍ଭ କଲେ -- ଆଉ ତାଙ୍କ ସହିତ ଦଉଡି ହଉନି । ଆଚ୍ଛା, ମୋହନ ଆଉ ସୀୟା କୁଆଡେ ଗଲେ? ପାଟି ଶୁଭୁନି ସେମାନଙ୍କର ... ମୋ Christmas card ପାଇଲେ? ମୁଁ ଏଥର gift କିଣି ପାରିଲିନି, gift card ପଠେଇଦେଲି ।"

ଭାରତୀ ନୀରବରେ ଶୁଣି ଯାଉଥିଲା ମାଉସୀଙ୍କ କଥା । ମନ ଭିତରଟା ଆଉଟି ପାଉଟି ହଉଥିଲା ଭାରତୀର । ବିଶ୍ୱାସ ଆସୁନଥିଲା ମାଉସୀଙ୍କ ପରି ଗହଳିପ୍ରିୟ ମଣିଷ ଟିଏ Christmas time ରେ ଏକୁଟିଆ ଘରେ କେମିତି ରହି ପାରିବେ । ଏଇ ମାଉସୀ Christmas ମାସକ ପୂର୍ବରୁ ବ୍ୟସ୍ତ ରହୁଥିଲେ shopping ଆଉ cookingର planରେ । ଖୁସି ବାଣ୍ଟିବା ମାଉସୀଙ୍କଠାରୁ ଆଉ କିଏ ବେଶି କରିପାରିବ ଏଇ ସମୟରେ । ଦୁନିଆଟା କେତେ ସ୍ୱାର୍ଥପର ସତରେ ! ନିଜକୁ ବି ବହୁତ ସ୍ୱାର୍ଥପର ଲାଗିଲା ଭାରତୀ କୁ ।

ଭାରତୀର ନୀରବତାରୁ କଣ ବୁଝିଲେ କେଜାଣି, ମାଉସୀ ପୁଣି ପଚାରିଲେ "ପିଲାମାନେ କୁଆଡେ ଗଲେ, ତୁମେ ମାନେ ଘରେ କେମିତି ଅଛ?" ମାଉସୀଙ୍କୁ ଉତ୍ତର ଦେଉ ଦେଉ ଭାରତୀ ଆଖିରେ ଲୁହ ଆସିଗଲା, "ପିଲାମାନେ ମିଲି ପାଖରେ, ଆଶୀଷ କାମରେ ..."। ଆଉ କିଛି କହିବା ଆଗରୁ ମାଉସୀ କହିଲେ, "ଯା' ଯା', ସୁଯୋଗ ମିଳିଛି, ଭଲ କି ଶୋଇପଡ । ମୁଁ ବି ଯାଏଁ; ଆଜି ସନ୍ଧ୍ୟାରେ ମନ୍ଦିରରେ ପୂଜା ଅଛି, ଜଗନ୍ନାଥଙ୍କ ପାଇଁ ଖିରୀ ବସେଇଛି, ପିଠା ବି କରିବି ... ତୋତେ ପରେ phone କରିବି । ହୁଁ, ମନେ ପକେଇ ସଞ୍ଜବେଳେ ମନ୍ଦିରକୁ ଯିବ । ହେଉ, ମୁଁ ରହିଲି ... ।"

Phoneକୁ off କରି ଜଗନ୍ନାଥଙ୍କର photoକୁ ଚାହିଁଲା ଭାରତୀ । ଜଗନ୍ନାଥଙ୍କର photoରେ ଅଜା, ଆଈ, ଜେଜେ, ଜେଜେ ମାଁ, ମାଁ, ବାପା ସମସ୍ତେ ଦେଖାଗଲେ ଭାରତୀ କୁ । ଏକ ଅଦ୍ଭୁତ କମ୍ପନ ଖେଳିଗଲା ଭାରତୀର ସାରା ଶରୀରରେ । Frame ଆଉ କାଚ ଉପରେ ଏତେ dust ବସି ଯାଇଛି ... CD playerରେ ଓଡିଆ ଭଜନ CD ପୁରେଇ ଜଗନ୍ନାଥଙ୍କ ଫୋଟୋ frameରୁ ଧୂଳି ପୋଛିଲା ବେଳେ କଲିଂ ବେଲ୍ ବାଜିଲା ।

କବାଟ ଖୋଲୁ ଖୋଲୁ Happy Anniversary କହି ଗୋଲାପଫୁଲ ଟିଏ ବଢେଇ ଦେଲେ ଆଶୀଷ । ଗୋଲାପଫୁଲଟି ଧରୁ ଧରୁ ଭାରତୀ ପଚାରିଲା, "ତୁମର ମନେ ଥିଲା?" ଆଶୀଷ ହସି ହସି ଉତ୍ତର ଦେଲେ, "କାହିଁକି, ମୋର ସନ୍ୟାସ ନେବା ବେଳ ଆସିଗଲାଣି କି? ହେଇ ନିଅ, cardଟା just Tony ଦେଲା, mail man ଭୁଲରେ ତା ଘରେ ଦେଇଥିଲା ।" "ମାଉସୀଙ୍କ ବୋଧେ" କହି ଏନ୍‌ଭେଲପ୍ ଖୋଲିଲା ଭାରତୀ ।

**To My dear Mohan and Seeya**

**Merry Christmas**

**With love, Aee!**

ଖସିଯାଉଥିବା Barnes and Nobleର gift card ଦୁଇଟାକୁ ଧରୁ ଧରୁ ଭାରତୀ ଆଉଥରେ କହିଲା, "ମାଉସୀଙ୍କର ..." ଆଶୀଷ ପଚାରୁଥିଲେ "ପିଲାମାନେ ଫୋନ୍ କରିଥିଲେ?" CD player ରେ ଗୀତ ବାଜୁଥିଲା, "ଜୀବନ ପାତ୍ର ମୋ ଭରିଛ କେତେ..."

--- x x x ---

## ମହାଯାତ୍ରା

ପରାଶର ମିଶ୍ର, ଟରୋଣ୍ଟୋ, କାନାଡା

*ଟରୋଣ୍ଟୋ ନିବାସୀ ପରାଶର ମିଶ୍ର ଏକାଧାରରେ ଜଣେ କବି, ନାଟ୍ୟକାର ଓ ଅଭିନେତା । ବର୍ଷ ବର୍ଷ ଧରି ସେ ଟୋରୋଣ୍ଟୋ ଓଡିଆ ସମାଜର ବାସିନ୍ଦାମାନଙ୍କୁ ସ୍ୱ-ରଚିତ, ଅଭିନୀତ ଓ ନିର୍ଦ୍ଦେଶିତ ନାଟକ ଦ୍ୱାରା ମୁଗ୍ଧ କରି ଆସୁଛନ୍ତି ।*

ପ୍ରିୟ ସଖା ଓ ସଖୀ ମୋର,
ମନେ ଅଛି କିରେ ଭଙ୍ଗା ସିଲଟ ଖଡିରେ
ଅ, ଆ, ଇ, ଈ ଲେଖି ଆମ୍ବ ତୋଟାରେ ଲୁଚ କାଳି ଖେଳିବାର ଦିନ ?
ଧୂଳି ଧୂସର ହୋଇ
ନିଆଁ, ପାଣି, ଫୁଲ, ଫଳ, କଣ୍ଟାକୁ ଆପଣାର କରି
ଗାଁ ମାଟିର କମନୀୟତାକୁ ଲଙ୍ଘଣା ପାଦରେ ଗୋଇଠା ମାରି
ମୁକ୍ତ ଆକାଶକୁ ଚାହିଁ ତାରା ଗଣିବାର ଦିନ ?
ବାପା, ମା, ଅଜା, ଆଇ, ମଉସା, ମାଉସୀ, ମାମୁଁ, ମାଇଁଙ୍କର
ଅଲୌକିକ ବୃକ୍ଷ ଶାଖାର ଦୋଳାୟମାନ ପରମ୍ପରାରେ
ବଂଶ, ଇତିହାସ ଗଢି ଆଗକୁ ବଢିବାର ସତ୍ସାହସ ଓ ମନ ?

ମନେ ଅଛି ଆମର ମୁଠା ମୁଠା ଧୂଳି-ବାଲି ଫୋପଡା
ଭଙ୍ଗା-ରୁଜା, ହସ-କାନ୍ଦ
ରୁମାଲ ଚୋରୀ-ବହୁଚୋରୀ ଖେଳ, ରଜ ଦୋଳି, ହୋଲୀ, ଦୀପାବଳୀ,
ଦୁର୍ଗାପୂଜା, କୁଆଁର ପୁନେଇଁ, ନହେଲେ ପୁଣି
କାର୍ତ୍ତିକ ପୂନେଇଁ ପାହାନ୍ତି ରାତିରେ
କଦଳୀ ପଟୁଆର ଡଙ୍ଗା ଭସା ପ୍ରତିଯୋଗିତା ?
ମିଛିମିଛିକା ରାଗ, ରୁଷା, ଅଭିଯୋଗ, ଅଭିମାନ ?

ନିଧି ମାଷ୍ଟ୍ରଙ୍କ ଚାଟଶାଳୀରୁ ବେତ ମାଡ ଖାଇ
ଗୋଟିଏ ଗୋଡରେ ଠିଆହୋଇ
ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ନେଇ ପଣିକିଆ ଗାଇଗାଇ
ଗାଁରୁ ସହର, ସହରରୁ ବଡ ସହର
ନିଜ ଦେଶରୁ ଗୋଡ କାଢି ସାତ ସମୁଦ୍ର ତେର ନଈ ପାର ହୋଇ
ଆମେ ଆଜି ପହଞ୍ଚିଲେ
କାନାଡା, ଆମେରିକା ଆଉ ଲଣ୍ଡନ ମହାନଗରୀରେ !

ଆଗକୁ ବଢିବାର ଉନ୍ମାଦନା
ପାହାଚ ଚଢି ଆକାଶକୁ ଛୁଇଁବାର ମନୋକାମନା
ଜୀବନରେ ସବୁ କିଛି ପାଇ ଆଉ କିଛି ପାଇବାର ଲୋଭରେ
ମାୟାମିରିଗର ପ୍ରଲୋଭନରେ
ନିଜର ପ୍ରଶସ୍ତି ଗାଇ, ଅନ୍ୟର ନିନ୍ଦୁକ ସାଜି
ନିଜ ସଫଳତା, ନିଜ ଅସ୍ତିତ୍ୱର ଅହଙ୍କାରକୁ ଆହୁରି ପ୍ରତିଷ୍ଠିତ କରି
ଆମେ କାହିଁକି ଆରମ୍ଭ କରିବା ପରଚର୍ଚ୍ଚା, ପରନିନ୍ଦା, କୁତ୍ସାରଟନା ?
କାହିଁକି ଆଣିବା ଆମ ଭିତରେ
ଈର୍ଷା, ଦ୍ୱେଷ, କ୍ରୋଧ, ଗର୍ବ, ଅହଙ୍କାର ଆଉ ଭୁଲ ବୁଝାମଣା ?

ପ୍ରିୟ ସଖା ଓ ସଖୀ ମୋର,
ଆମ ମହାଯାତ୍ରାର ମୁଖବନ୍ଧ, ଆଦି, ଅନ୍ତ
କିଏ ଲେଖିବ, କିଏ ପଢିବ, କିଏ ହସିବ, କିଏ କାନ୍ଦିବ
କିଏ ମନେ ରଖିବ -- ସେ ଚିନ୍ତା ଆଜି ନକରି
କାନ୍ଧକୁ କାନ୍ଧ ଯୋଡି, ହାତରେ ହାତ ମିଳାଇ
ଏକରୁ ଦୁଇ, ଦୁଇରୁ ଅନେକ ହୋଇ
ଓଡିଆ ସ୍ନେହ, ଓଡିଆ ଅନୁକମ୍ପା, ଓଡିଆ ଆନ୍ତରିକତା,
ଓଡିଆ ଆତ୍ମୀୟତାକୁ ଏକାଠି କରି
ଆସ ଗଢିବା -- ଏମିତି ଏକ ସ୍ୱଚ୍ଛ, ସୁନ୍ଦର, ନିଷ୍ପାପ,
କୋମଳ, କମନୀୟ ଦୁନିଆ
ଯେଉଁ ଦୁନିଆ ଆମକୁ ପଥ ଦେଖାଇବ
ଅସତ୍ୟରୁ ସତ୍ୟକୁ
ପାପରୁ ପୂଣ୍ୟକୁ, ଅନ୍ଧାରରୁ ଆଲୋକୁ !!

--- x x x ---







ମଣିଷର ସହଜାତ ପ୍ରବୃତ୍ତି ହେଉଛି ଯେଉଁ କାମ
କରିବାକୁ ମନା କରାଯିବ ମଣିଷ ସେଇଟା ହିଁ କରିବ ।
-- ଅକ୍ଷୟ ମହାନ୍ତି, ଆର୍ଯ୍ୟଦାସର ଶେଷଲିପି, ପୃଷ୍ଠା ୬

# PREACHING IS EASY

Sruti Mohapatra, Bhubaneswar

*ଶ୍ରୁତି ମହାପାତ୍ର ଭୁବନେଶ୍ୱର ଓ ଓଡିଶାର ଅନ୍ୟତ୍ର ବିକଳାଙ୍ଗ ତଥା ଅବହେଳିତ ଲୋକମାନଙ୍କ ପାଇଁଅନେକ ପ୍ରେରଣାଦାୟକ କାର୍ଯ୍ୟ କରିଛନ୍ତି- ସେମାନଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି, ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ସେମାନଙ୍କ ସମସ୍ୟା ଜନତାର ଦୃଷ୍ଟିକୁ ଆଣିଛନ୍ତି । 'କହିବା ଠାରୁ କରିବା ବଡ' - ଆମେ ସମସ୍ତେ ଜାଣିଛୁ । ତା ସତ୍ତେ କହିବା କେବେ କମିନାହିଁ । ଏହି କ୍ଷୁଦ୍ର ଗଳ୍ପଟିରେ ସେ ଏଇ ଭାବନା ଏକ ସୁନ୍ଦର କାହାଣୀ ମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି ।*

Naveen Babu slowly got up from his chair and switched off the television. Ever since his wife, Parvati had moved away to her heavenly abode, the TV and his walking stick were his two constant companions.

He had refused to stay with either his son and daughter. A retired school teacher, he was a man of principles. Discipline, hard work, simple living and khadi were ingrained in his soul. He had brought his children up with his meager salary but his values and hard work had led to his son becoming the CEO of a multinational company at the young age of forty and his daughter an established heart specialist in far off USA.

Unable to cope with changing lifestyles and rampant westernisation of Indian culture in Mumbai and USA, he had firmly decided to settle in his hometown of Bhubaneswar in the eastern state of Orissa. Kedar Lane was in the outskirts of the city and had an assemblage of retired persons. The city's hustle bustle very rarely found its way here unless it was some puja or a family function. Naveen babu became accustomed to a different way of living, serene and peaceful. Parvati's absence had changed Naveen babu's evening schedule, from long conversations with her to a longer stroll and sitting in the town park, observing people, till it was time for the local news in the TV. The tranquility had inspired a new kind of creativity, that of observing people and reading their thoughts to perfection almost.

With their final examinations over, a group of college boys had started frequenting the park. The group of young men sat there daily for hours discussing everything from the sensitive situation in Indo-Pak border to the communal carnage in Gujarat. The leader of the group was a burly young man with long hair and much tanned skin. Today his loud voice was already in full bloom when Naveen babu entered the park. The theme was civic sense. 'Even after so many years of independence people still spit on walls, relieve themselves in full public view and do not understand the utility of standing in a queue.' The others waded in their bit of wisdom. 'My uncle says the roads in USA are clean enough for one to serve one's food'. The shortest member of the group made a presentation of his general awareness. 'And do you know, in Germany you are fined if you throw even a small piece of paper on the road', added the grim faced mathematician.

While at it, they were munching peanuts furiously. They had a good stock of the stuff and soon had a heap of empty peanut shells atop the golden green grass. As the sun started setting the group prepared to disperse leaving the small heap of peanut shells where it was. Naveen babu called out to them. 'Son you must practice what you believe. Only then your country will be as clean and beautiful.' So saying he pointed his finger towards the mocking pile.

'Grandpa preaching is easy but where are the garbage bins? There is no place to throw it'. Said the leader. 'Ah ha look, orange peels, chocolate wrappers, polythene bags…….they must employ someone to clean the place.' added the mathematician. In an animated discussion over the lack of responsibility of authorities they vanished

leaving the mess intact and Naveen babu staring at the receding figures in disbelief.

'Dear Parvati……preaching is indeed easy. It is easier in the cool evening breeze, in the company of friends, in a park. But it is difficult to practice. Infinitely more so when one has to bother ones joints about what one preaches. And my joints hurt very bad……..' thus muttering Naveen babu started cleaning up the shining trophy of civic sense left behind by the future of this country.

--- x x x ---

## ଅଜଣା ଜଙ୍ଘାଳ

ଶିଖଣ୍ଡ ଶତପଥୀ, ଟେକ୍ସାସ, ଆମେରିକା

କପାଳରୁ ଧୂଳି ଝାଡି
ଉଠେ ସେ ତରୁଣୀ
କାହିଁ ଗଲେ ପ୍ରିୟଜନେ
ଏ' ତ ସବୁ ଅଜଣା ଜଙ୍ଘାଳ ମାନେ ।

ଅବୋଧ ଶିଶୁ ମୋର
ନରମ ମରମ ତାର
କୁନି ଓଠେ ଫୁଟି ଉଠେ
ଇନ୍ଦ୍ରଧନୁର ସପତ ଅବୀର
ଏହା କେବେ ସତ ହୋଇନପାରେ
ଏ' ତ ସବୁ ଅଜଣା ଜଙ୍ଘାଳ ମାନେ ।

ପଣତରେ ରୁଧିର ପୋଛି
ପଚାରେ ସେ ସିକ୍ତ ନୟନେ
କୁହ ବାବୁ କୁହ ସାଇଁ
ଏ' ତ ସବୁ ଅଜଣା ଜଙ୍ଘାଳ ମାନେ ।

କାଲିର ମୋ' ସୁନା ଘର
ଆଜିର ଏ ଦଗ୍ଧ କୁଟୀର
ଯାଅ ଭାଇ, ଯାଅ ସାଥି
ଖୋଜି ଆଣ ମୋର ସେହି ଦିନ
ମଥାର ସିନ୍ଦୁର ଆଉ ମୋ ଛାତିର ଗାର
ନେଇ ଯାଅ ଫେରାଇ ଏ' ଅଜଣା ଜଙ୍ଘାଳ ।

ଦିଅ ମୋତେ ସକାଳର ଖରା
ରାତିର ସେ ଜୁଳୁଜୁଳୁ ତାରା
ତବ ମଙ୍ଗଳେ ମୁଁ କୋଟି ପ୍ରଣିପାତ କରେ
ଅଜଣା ଜଙ୍ଘାଳ ଏ', କୁହ ମୋର ସାଥେ ବାରେ ।

ଜୀବନ ମୋ' ପଡିଛି ଆଗକୁ
ଅସରନ୍ତି ବାଟ ଚାଲିବାକୁ
ଶକ୍ତବାହୁ ଲୋଡା ସିନା
କଣ ହେବ ଏହି
ଅଜଣା ଜଙ୍ଘାଳ ସବୁ?

ବୀର ବାହାଙ୍କୋଟ ଆଉ ବାରୁଦ ବିଙ୍କୋଟ
ମେଣ୍ଟାଇଲା ତନୁ ତୃଷା, ରୁଧିର ପିପାଶା
ଭରିଦେଲା ତବ ହୃଦେ ପୌରୁଷର ବାରି
ରିକ୍ତକରି ମୋର ହସ୍ତ ଠେଲିଦେଲ କୁରୁସଭାସ୍ଥଳ
ବଞ୍ଚିବାକୁ ମୃତପ୍ରାୟ
ଏହି ସବୁ ଅଜଣା ଜଙ୍ଘାଳ ଧରି ।

--- x x x ---

# ଟୋରୋଣ୍ଟୋରେ ଓଡିଆ ସମାଜ ବଣଭୋଜି


ବିବୃତି -- ସତ୍ୟ ରଞ୍ଜନ ଦାଶଙ୍କ ସୌଜନ୍ୟରୁ
ଟୋରୋଣ୍ଟୋ, କାନାଡା

ଜୁନ୍ ୧୯, ୨୦୦୪, ଶନିବାର । ଟୋରୋଣ୍ଟୋରେ ଏକ ଅଭୂତପୂର୍ବ ଦିନ । ବହୁତ ବର୍ଷ ହେଲା ଟୋରୋଣ୍ଟୋରେ ବାର୍ଷିକ ପିକ୍‌ନିକ୍ ପାଳନ କରାଯାଏ । ବସନ୍ତର ମଳୟ ବାତାବରଣ ଓ ଗ୍ରୀଷ୍ମର ଆବିର୍ଭାବକୁ, ତୁଷାରପାତ ଓ ଥଣ୍ଡାରେ ଅନେକ ଉତ୍କଣ୍ଠାରେ ପ୍ରତ୍ୟାଶା କରି ରହିଥିବା ଓଡିଆ ବାସିନ୍ଦାମାନେ, ଖୁବ୍ ମନୋରଞ୍ଜନ ଓ ମୌଜର ସହିତ ପାଳନ କରନ୍ତି । ତା' ଛଡା ୨୦୦୪ ବର୍ଷ ବଣ ଭୋଜି ବିଶେଷ ଭାବରେ ସ୍ମରଣୀୟ ।

ଉତ୍ସବର ଆୟୋଜନର ନେତୃତ୍ୱ କରିଥିଲେ ଶ୍ରୀଯୁକ୍ତ ହରିହର ବେହେରା ଓ ତାଙ୍କର ବହୁ ସାଥୀମାନେ । ସମୁଦାୟ ୭୫ ଆବାଳ, ବନୀତା ଏ ଉତ୍ସବରେ ଯୋଗଦାନ କରିଥିଲେ, ତାଙ୍କ ନିଜ ଓ ଅନ୍ୟ ଅଂଶୀଦାରଙ୍କର ମନୋରଞ୍ଜନ ପାଇଁ । ସ୍ଥାନ ଥିଲା ଟରୋଣ୍ଟୋରେ ସ୍ଥିତ ବିସ୍ତୃତ Green Ross ଉଦ୍ୟାନ




ଅନେକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଭିତରୁ ଯୁବକ ମାନଙ୍କ ଅଂଶଗ୍ରହଣରେ **Volleyball** କ୍ରୀଡାଟି ବହୁତ ଆମୋଦଦାୟକ ହୋଇଥିଲା । ଯୁବକ-ଯୁବତୀ ମାନେ ତ ସ୍ୱଭାବିକ ଭାବରେ ବଳବାନ୍ । ଯେଉଁ କିଛି ପ୍ରୌଢ-ପ୍ରୌଢାମାନେ **Volleyball** ଖେଳରେ ଯୋଗଦାନ କରିଥିଲେ ତାଙ୍କୁ ଖୁବ୍ କଷ୍ଟରେ ପ୍ରତିଦ୍ୱନ୍ଦୀମାନଙ୍କ ସହିତ ମୁକାବଲା କରିବାକୁ ପଡିଥିଲା ।





ଆହା କି ଖେଳ, କି ଗରମ, କି ଝାଳ, ଓ, ଓ, ଓ! ଆରେ ଏ ଖାଇବା କ'ଣ କେବେ ଏତେ ସ୍ୱାଦିଷ୍ଟ ଅଟିପାରେ ?





ଯେଉଁ ପୁଅକୁ ସାପ କାମୁଡିଛି ତା ମା ପାଳ ଦଉଡିକୁ ଦେଖିଲେ ଡରେ

ଭୋଜନ ଓ କ୍ରୀଡା ନାଁରେ ସେ ଅବସରରେ ଅନେକ ନୂତନ ବନ୍ଧୁତ୍ୱ ଅନୁଷ୍ଠାପିତ ହେଲା ଓ ପୁରୁଣା ମିତ୍ରତା ଘନିଷ୍ଠ ହେଲା ।



ଆମ ସମାଜର ଭବିଷ୍ୟତ ଓ ଆଗାମୀ ଦିନର ଆଧାର ବାଳକ-ବାଳୀକା ମାନଙ୍କୁ ସର୍ବଶେଷରେ ତାଙ୍କ ଉତ୍ସାହ ବଜାୟ ରଖିବା ପାଇଁଉପହାର ବିତରଣ ର ବ୍ୟବସ୍ଥା ଆୟୋଜନ କରାହୋଇଥିଲା । କାର୍ଯ୍ୟକ୍ରମ ସମାପ୍ତି ଭାଷଣରେ ଲୋକମାନଙ୍କର ଏକତା, ସାମାଜିକ ମନୋରଞ୍ଜନ ପାଇଁ ନିଜର କର୍ତ୍ତବ୍ୟପରାଣୟତା ଓ ସମସ୍ତ ଭାଗୀଦାରମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ପରାଶର ମିଶ୍ର । ବଣଭୋଜିରେ ଭାଗ ନେଉଥିବା ବରୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀଯୁକ୍ତ ବିଭୁ ମହାନ୍ତି ବାଲକ-ବାଳିକା ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।



--- x x x ---

# An Incident from my Memory Lane

ଚନ୍ଦ୍ରା ମିଶ୍ର, ପେନସିଲଭାନିଆ, ଆମେରିକା

*ଗତାନୁଗତିକ ଜୀବନରେ ଛୋଟ ଛୋଟ ଘଟଣାପ୍ରତି କ୍ୱଚିତ୍ କେହି ଧ୍ୟାନ ଦିଏ । କିନ୍ତୁ ଶ୍ରୀମତୀ ଚନ୍ଦ୍ରା ମିଶ୍ରଙ୍କ ଜୀବନଧର୍ମୀ କାହାଣି ଗୁଡିକ ସେଭଳି ଛୋଟ ଛୋଟ ଘଟଣାବଳୀରୁ ଆହରିତ । ସେହିପରି ଏକ ସ୍ମରଣୀୟ ଘଟଣା ଆପଣଙ୍କ ସମ୍ମୁଖରେ ...*

My two children were born in India. There were family and friendly neighbors around to love and care for them. At times I felt they might be smothered from all the attention. I was young. Pregnancy was a well thought out venture and fit our social custom. After a long lapse, when I became pregnant again with my third child, it came as a big surprise rather a shock. I had forgotten how to cope with a little baby. My mind wandered thinking about all those sleepless nights I would have to go through. I thought about how I could ever find love for the little one and the ability to cope with the demands of my two teenage children. I had my work, which I intended to continue for my sanity in this country. I also planned to work in the leprosy camp in Calcutta with Mother Theresa which was a dream of me ever since I was a little girl. Would I ever be able to do that?

When my friends heard the news of my pregnancy, some felt sorry for me. A few of them expressed their feelings by saying, ”Chandra, now you have to work for a long time to bring this baby up.” My fellow nurse-friends jokingly said, ”now that you will have a little one, you must take care of your back, to work for a long time.” A friend of ours, who is an accountant, even suggested buying zero coupon bonds for the little one for his college expenses. I had hardly recovered from my delivery and post partum blue, when I was bombarded with all these suggestions and pieces of advice. At times,

I started getting anxious just thinking about all these things.

One day, after taking my customary stroll, I found myself waiting in the line at a grocery store with my new born bundle of joy. As we waited our turn, my mind wandered to thoughts of my son's future. Was the new baby getting the proper amount of hugs and kisses that he needs in order to flourish? Will he be able to go to the college he wants like his brother and sister? Suddenly, I noticed a tired looking woman standing in line behind me. Surrounding here were three children ages 7,4 and 3 perhaps. At first glance I could not imagine that they might all be her children, but one look at the three pairs of identical brown eyes and flat nose confirmed my suspicions. Standing there with my son, I pitied the other woman. Her hair looked as if it were long over due for a trim. The shirt that she wore was probably one that she bought from a thrift store. Her dashing shorts looked comfortable, and fit what appeared to be a permanently full figure.

She could have been my age; it was hard to tell. I felt empathy for her. I felt sorry for her. But most of all, I felt sorry for the infant seated in the front of her cart.

But as I stood there watching, something magical happened. All of a sudden, the woman swooped the baby up from the cart and lifted him high into the air. The mother smiled a smile so beautiful that it touched my heart. The baby responded instantly with kicks and squeals of laughter. It was as if time had stood still for these two, despite all the distractions in the crowded supermarket. Nothing else mattered. They exchanged a bond of love as old as time.

After all the countless diapers she must have changed, after all those sleepless nights and runny noses, she still found time to make that child feel special, as if he were her only one.

Suddenly a cloud lifted. I realized I was thinking too much about my son's future. Children don't need new shoes, or designer clothes, or even up-to-date toys in order to feel loved. They don't need a mother with a new haircut, a manicure, or one dressed in the latest style. It does not matter to them if their mother has a Master's degree or if she is well read. What they need is to feel loved, to feel special, if only for a few brief moments each day.

We need to take our children in our arms. We need to hold their small faces in our hands, look deeply into their eyes and say, "I love you."

And mean it.

--- x x x ---

## ଗୁରୁ କେଳୁଚରଣ ମହାପାତ୍ର -- ସଂକ୍ଷିପ୍ତ ଜୀବନୀ ଓ କାର୍ଯ୍ୟ

ସଙ୍କଳନ: ସତ୍ୟ ରଞ୍ଜନ ଦାଶ
ଟରୋଣ୍ଟୋ, କାନାଡା

ଏହି ସଙ୍କଳନରେ ଗୁରୁଜୀଙ୍କ ବିଷୟରେ ସବୁ କିଛି ଜ୍ଞାତବ୍ୟ ସ୍ଥାନିତ ହୋଇପାରିନାହିଁ । କିନ୍ତୁ ଗୁରୁଙ୍କର ଜୀବନୀର ପ୍ରାରମ୍ଭିକ ପର୍ଯ୍ୟାୟର ବିଶେଷ ଭାବରେ ବିବରଣି ଦିଆଯାଇଛି ।

**ଆବିର୍ଭାବ:** ଜାନୁଆରୀ ୮, ୧୯୨୪, ଗ୍ରାମ ରଘୁରାଜପୁର, ଜିଲା ପୁରୀ । ଜନ୍ମ ନାମ ମଦନ ମୋହନ । ୧୯୨୬ରେ କୁତଷ୍ଣୁ ଦୂର କରିବା ପାଇଁ ଜନ୍ମ ନାମର ପରିବର୍ତ୍ତନ ଘଟିଥିଲା କେଳୁଚରଣକୁ ।

**ଜନକ-ଜନନୀ:** ଶ୍ରୀ ଚିନ୍ତାମଣି ମହାପାତ୍ର ଓ ସିରି ନାନୀ । ଚିନ୍ତାମଣି ବାବୁଙ୍କ ବୃତ୍ତିଥିଲା ପଟ୍ଟଚିତ୍ର କଳା ।

**ନୃତ୍ୟ ଶିକ୍ଷା ପ୍ରାରମ୍ଭ:** ୧୯୨୯, ଗୋଟିପୁଅ ନୃତ୍ୟ ଶିକ୍ଷା ଗୁରୁ ବଳଭଦ୍ର ସାହୁଙ୍କ ଆଖଡାରେ । ଏ ଶିକ୍ଷାର ପ୍ରାରମ୍ଭ ଜନକଙ୍କ ଅଜ୍ଞାତରେ ହୋଇଥିଲା ।







ଡର ସରମ ସଙ୍କୋଚ ହୁଏ ଯହିଁ ଜାତ
ତେଇଁ ଚାଲ ସତର୍କରେ, ତାହା ପାପ ଖାତ
-ସାହିତ୍ୟପାଣ କବି ଖଗେଶ୍ୱର ଶେଠ

**ପରବର୍ତ୍ତୀ ନାଟକ ଶିକ୍ଷା:** ୧୯୩୨ । ପିତା-ମାତାଙ୍କୁ ଗୋଟିପୁଅ ଶିକ୍ଷା ଯେବେ ଜ୍ଞାତ ହେଲା, ଗୁରୁ ବଳଦେବ ସାହୁଙ୍କ ଆଖଡା ବର୍ଜନ କରି ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ରସ ଲୀଳା ରେ ଯୋଗଦାନ କଲେ । ଏହି ଯାତ୍ରାପାର୍ଟିରେ ଏକ ଦସନ୍ଧିଧରି ସଂଶ୍ଲିଷ୍ଟ ରହି ଭଜନ, ବୈଷ୍ଣବ ଆଦର୍ଶରେ ପାରଦର୍ଶିତା ଉପାର୍ଜନ ।

**ସାଧାରଣ ଜୀବନ ସମୟ:** ୧୯୪୧-୪୪ । ୧୯୪୧ରେ ପିତୃବିୟୋଗ । ୧୯୪୩ରେ ମୂଲିଆ ହୋଇ ସାଧାରଣ ଜୀବନ ଯାପନର ପ୍ରଚେଷ୍ଟା ।।

**କଳାକ୍ଷେତ୍ରରେ ପ୍ରବେଶ:** ୧୯୪୪ । କାଳୀଚରଣ ପଟ୍ଟନାୟକଙ୍କ ଓଡିଶା ଥିଏଟରରେ ଯୋଗଦାନ । ଏଠାରେ ତାଙ୍କର ଏକ ପୁରୁଷ ସେନା ଭୂମିକା ରେ ଅଭିନୟ ଜୀବନର ଅୟମାରମ୍ଭ ।

**ନିଦେର୍ଶନା ଜୀବନର ପ୍ରାରମ୍ଭ:** ୧୯୪୫ । ରାଧାକାନ୍ତ ରାସ ପାର୍ଟିରେ ନିର୍ଦ୍ଦେଶକ ଭାବରେ ଯୋଗଦାନ । 'ବାଲ୍ୟ ଲୀଳା', 'ମାନ ଭଞ୍ଜନ', 'ମୀରାବାଈ' ଇତ୍ୟାଦି ନାଟକର ସଫଳ ନେର୍ଦ୍ଦେଶନା ।

**ନର୍ତ୍ତକ ଜୀବନ ପ୍ରାରମ୍ଭ:** ୧୯୪୬ । କେଳୁ ବାବୁଙ୍କ ନୃତ୍ୟାଭିନୟ ଜୀବନର ପ୍ରଥମ ଆବିର୍ଭାବ ଘଟେ । ଗୁରୁ ପଙ୍କଜ ଚରଣ ଦାଶଙ୍କ ନୃତ୍ୟ-ନାଟିକା 'ମୋହିନୀ ଭସ୍ମାସୁର'ରେ ମହାଦେବ ଅଭିନୟ । ମୋହିନୀ (ପାର୍ବତୀ) ରୂପରେ ଅଭିନୟ କରିଥିଲେ ଲକ୍ଷ୍ମୀପ୍ରିୟା, ଯେ କି ଭିବଷ୍ୟତରେ କେଳୁବାବୁଙ୍କ ସହଧର୍ମିଣୀ ହୋଇଥିଲେ ।

**ନୃତ୍ୟ-ନାଟିକା ରଚନା ପ୍ରାରମ୍ଭ:** ୧୯୪୭ । 'ଦଶାବତାର' ନୃତ୍ୟ-ନାଟିକା ଗୁରୁ ପଙ୍କଜ ଚରଣ ଦାଶ ଓ ଗୁରୁ ଦୁର୍ଲଭ ଚରଣ ସିଂହଙ୍କ ମିଳିତ ରଚନା ।

**ବୈବାହିକ ଜୀବନ:** ୧୯୪୮ । ଏକ ସ୍ମରଣୀୟ ବର୍ଷ କେଳୁ ବାବୁଙ୍କ ଜୀବନରେ ।

ଲକ୍ଷ୍ମୀପ୍ରିୟାଙ୍କ ସହିତ ବିବାହ । କହିବା ବାହୁଲ୍ୟ ଯେ ବିବାହଟି ମଞ୍ଚ ଉପରେ ସଂପାଦନ କରା ଯାଇଥିଲା । ପୁତ୍ରୀ ଚାରୁଙ୍କ ଜନ୍ମ । ଉଦୟ ଶଙ୍କରଙ୍କ ସହିତ ସାକ୍ଷାତ ଓ ଅନେକ ନୂତନ କଳାର ଅନୁପେରଣାଲାଭ ।

କେଳୁବାବୁଙ୍କ ଗୋଟିପୁଅ ଓ ମାହାରୀ ନୃତ୍ୟ ଉପରେ ଗବେଷଣା ଓ ତଦ୍ଦ୍ୱାରା 'ପୁଷ୍ପାଞ୍ଜଳି', 'ଭୂମି ପ୍ରଣାମ', ଓ 'ତ୍ରୀଖଣ୍ଡି ପ୍ରଣାମ'ର ସୃଷ୍ଟି । ପରବର୍ତ୍ତୀ ସମୟରେ ଏ ତିନୋଟି ଉପାଦାନର ସଂହତିରୁ ମଙ୍ଗଳାଚରଣର ସୃଷ୍ଟି ।

ଶ୍ରୀ ପି· ଭି· କୃଷ୍ଣମୂର୍ତ୍ତି (ଡାଇରେକ୍ଟର୍, ଅଲ ଇଣ୍ଡିଆ ରେଡିଓ)ଙ୍କ ସହ ମିଳିତ ଉଦ୍ୟମରେ ନୃତ୍ୟ-ନାଟିକାର ଏକ ନୂତନ ଯୁଗର ଉଦୟ ।

**ଗୁରୁ ଜୀବନ:** ୧୯୪୭ । ଗୁରୁଙ୍କ ଯଥାରୀତି ଶିକ୍ଷକ ଜୀବନର ଅୟମାରମ୍ଭ । ଶିକ୍ଷାର୍ଥିନୀ ପାଞ୍ଚ ବର୍ଷ ବୟସ୍କା ସଂଯୁକ୍ତା ପାଣିଗ୍ରାହୀ, ମୀରା ଦାସ, ମିନତି ମିଶ୍ରଙ୍କ ଆଗମନ ।

**କଳା ବିକାଶ କେନ୍ଦ୍ରରେ ପଦାର୍ପଣ:** ୧୯୫୩ । କେଳୁ ବାବୁଙ୍କ କଳା ବିକାଶ କେନ୍ଦ୍ରରେ ଯୋଗଦାନ ।

**ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତି:** ୧୯୫୪ । କେଳୁ ବାବୁଙ୍କ ବିଶିଷ୍ଟ ଛାତ୍ର ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ଭାରତୀୟ ଯୁବ ମେଲାରେ ପୁରସ୍କାର ପ୍ରାପ୍ତି ।

**ଓଡିଶୀ ନୃତ୍ୟ ଗବେଷଣା:** ୧୯୫୭ । ଲୋକ- ତଥା ଆଦିବାସୀ ନୃତ୍ୟ ଉପରେ ଦବେଷଣା ପାଇଁକଳା ବିକାଶ କେନ୍ଦ୍ରକୁକେନ୍ଦ୍ର ସରକାରଙ୍କ ଗବେଷଣା ଅର୍ଥ ଅନୁଦାନ । ଜୟନ୍ତିକା ଦଳର ସୃଷ୍ଟି । ଏହି ଦଳର ମୁଖ୍ୟ ଉଦ୍ଦେଶ୍ୟ ଓଡିଶୀ ନୃତ୍ୟକୁ ଏକ ଶାସ୍ତ୍ରୀୟ ନୃତ୍ୟ ରୂପରେ ପ୍ରତିଷ୍ଠିତ କରିବା ପାଇଁ ସଫଳ ଉଦ୍ୟମ । ଏହାର ଫଳାଫଳ ମାନ୍ଦରାହର **Music Academy Conference**, ଓଡିଶୀ ନୃତ୍ୟକୁ ଭାରତର ପଞ୍ଚମ ଶାସ୍ତ୍ରୀୟ ନୃତ୍ୟ ରୂପରେ ସ୍ୱୀକୃତି ।

**ଯକ୍ଷ୍ମା ଆକ୍ରମଣ ଓ ଜୟନ୍ତିକାର ଦ୍ରବଣ:** ୧୯୫୯ । କେଳୁବାବୁ ଯକ୍ଷ୍ମା ରୋଗରେ ପୀଡିତ । ବିଡି ଅଭ୍ୟାସର ପରିତ୍ୟାଗ ଓ ପାନ ଅଭ୍ୟାସର ଆରମ୍ଭ । ଲକ୍ଷ୍ମୀପ୍ରିୟାଙ୍କ ଗହଣା ବିକ୍ରୀ ରୋଗର ଚିକିତ୍ସା ପାଇଁ । ଜୟନ୍ତିକାର ବିଳୟ । ଗୁରୁ ମାନଙ୍କର ନିଜ ନିଜ ଗୁରୁକୁଳ ସୃଷ୍ଟି ।



ଅସତ୍ୟ ଭାଷଣ ଫଳ କର ବିବେଚନା
ଅପମାନ ଦୋଷବୁଦ୍ଧି ଦୂଷିତ ରସନା
-ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ

**ଗୃହ ନିର୍ମାଣ:** ୧୯୬୧ । କେଳୁ ବାବୁଙ୍କ କଟକରେ ନିଜ ହସ୍ତରେ ଗୃହ ନିର୍ମାଣ ।

**ରତିକାନ୍ତଙ୍କ ଜନ୍ମ:** ୧୯୬୫ । ପୁତ୍ର ରତିକାନ୍ତଙ୍କ ଆବିର୍ଭାବ ।

**ଓଡିଶୀ ନୃତ୍ୟର ପ୍ରଥମ ପୁରସ୍କାର:** ୧୯୬୬ । ସଙ୍ଗୀତ ନାଟକ ଆକାଡେମୀ ପୁରସ୍କାର ପ୍ରାପ୍ତି, ଓଡିଶୀ ନୃତ୍ୟ ପାଇଁ ପ୍ରଥମ ପୁରସ୍କାର ।

**ପ୍ରଥମ ବିଦେଶ ଯାତ୍ରା:** ୧୯୬୭ । ସୋଭିଏତ ୟୁନିୟନ ଯାତ୍ରା । ଅନ୍ୟ ବିଶିଷ୍ଟ ସହଚର ହେଲେ ବିସମିଲ୍ଲା ଖାନ୍, ବିରଜୁ ମହାରାଜ, ଯାମିନୀ କ୍ରିଷ୍ଣାମୂର୍ତ୍ତି, ରାଜ କପୁର, ନର୍ଗିସ୍ ।

**ସର୍ବ ଭାରତୀୟ ସ୍ତରରେ ସ୍ୱୀକୃତି:** ୧୯୬୮-୮୬ । ସର୍ବ ଭାରତୀୟ ସ୍ତରରେ କେଳୁ ବାବୁଙ୍କୁ ସ୍ୱୀକୃତି । ମେନକା ଠକ୍କର, ସୋନାଲ ମାନସିଂହ, ଆକେମି ସକୁରାଇ (ଜାପାନ୍), ଇତ୍ୟାଦି ଆଜିକାର ସୁପ୍ରତିଷ୍ଠିତ କଳାକାର ମାନଙ୍କ ଶିଷ୍ୟ ରୂପରେ କଳା ବିକାଶ କେନ୍ଦ୍ରରେ ଯୋଗଦାନ । ଅନେକ ନୃତ୍ୟ- ନାଟିକା ଶିକ୍ଷା କେନ୍ଦ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ ।

**ପଦ୍ମ ଭୂଷଣ ପ୍ରାପ୍ତି:** ୧୯୮୮ ।

**ହୃଦରୋଗ ଆକ୍ରମଣ:** ୧୯୮୯ ।

**ସୃଜନର ଉପସ୍ଥାପନା:** ୧୯୯୦ । ସୃଜନ, କେଳୁ ବାବୁଙ୍କ ନିଜ ଅନୁଷ୍ଠାନର ଉପସ୍ଥାପନା ଭୁବନେଶ୍ୱରରେ ।

**ପଦ୍ମ ବିଭୂଷଣ ପ୍ରାପ୍ତି:** ୨୦୦୦ ।

**ଅପ୍ରେଲ ୭, ୨୦୦୪:** ସଂସାର ପରିତ୍ୟାଗ ।

**କେଳୁ ବାବୁଙ୍କର ମୁଖ୍ୟ ରଚନା:**

**ମଙ୍ଗଳାଚରଣ:** ପଦ ବନ୍ଦେ ଗଣନାଥ (୧୯୫୫), ନମାମିନ ବିଘ୍ନରାଜ (୧୯୫୭), ମାଣିକ୍ୟ ବୀଣାମୁପଲ୍ଲ ଲୟନ୍ତି (୧୯୬୫/୬୮), ନମୋଦେବୀ (୧୯୬୮), ବେଦନ ଉଦ୍ଧରତେ (୧୯୭୦/୮୫), କଦାଚିତ୍ କାଳିନ୍ଦି ତଟ (୧୯୭୧), ଶରତ୍ନ ହେମଘଣ୍ଟିକା (୧୯୭୬), ୟଶ୍ୟାଙ୍କେ (୧୯୭୯), ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍ (୧୯୮୮), ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା (ବର୍ଷ ଅଜଣା) ।

**ପଲ୍ଲବୀ:** ବସନ୍ତ (୧୯୫୭), କଲ୍ୟାଣ (୧୯୫୯), ଶବରୀ (୧୯୬୧), ମୋହନ (୧୯୬୫), ଶଙ୍କରାଭରଣମ୍ (୧୯୬୫), ଗତିଭେଦ (୧୯୬୮), ଅରଭି (୧୯୭୨), ହଂସଧ୍ୱନୀ (୧୯୭୮), ଖମଜ (୧୯୭୯), ବିହାଗ (୧୯୮୧, ୧୯୮୮), କିରୱାନି (୧୯୮୧), ବିଳହରି (୧୯୮୩), ମୁଖରୀ (୧୯୯୩), ସିଂହେନ୍ଦ୍ର (୧୯୯୬)

**ଗୀତ ଗୋବିନ୍ଦ:** ଲଳିତ ଲବଙ୍ଗ ଲତା (୧୯୫୮), ଦଶାବତାର (୧୯୫୯), ନିନ୍ଦନ୍ତି ଚନ୍ଦନବିନ୍ଦୁ (୧୯୫୯), ୟହି ମାଧବ (୧୯୬୧), ୟମି ହେ କମିହ ଶରଣମ୍ (୧୯୬୧, ୧୯୭୯, ୧୯୮୦), ପଶ୍ୟତି ଦିଶି ଦିଶି (୧୯୬୨), ହରିହର ମୁ'ବଧୂ (୧୯୬୩), କୁରୁ ଯଦୁନନ୍ଦନ (୧୯୬୭), ଧୀରେ ସମୀରେ (୧୯୬୭), ରସେ ହରିମିହ (୧୯୬୮, ୧୯୮୬), ମୁଗ୍ଧେମଧୁ ମଥନମ୍ (୧୯୭୨), କପି ମଧୁରିପୁଣ (୧୯୭୭), ରାଧା ବଦନ (୧୯୮୩), ଶ୍ରୀତ କମଳ କୁଚମଣ୍ଡଳ (୧୯୮୪), ମାଧବ ମା କୁରୁ (୧୯୮୮), କିଶଳୟ ଶୟନ ତଳେ (୧୯୯୩), ରମତେ ଯମୁନା (୧୯୯୫), ସମୁଦିତ ବଦନେ (୧୯୯୫)

**ଚମ୍ପୁ:** ଅତସି କୁସୁମ, କି ହେଲା ରେ, ଖେଳ ଲୋଳ ଖଞ୍ଜନ ଆଖି, ଜାଣିଛି ମୁଁ ଏତେ, ଦୋଷ ବର ହେ, ନୂଆ ନାଟ, ଲୀଳା ନିଧିହେ, କ୍ଷମଣୁ

**ନୃତ୍ୟ-ନାଟିକା:** କିଶରୀ କାହ୍ନୁ(୧୯୫୩), ପଲ୍ଲୀ ଗାଥା (୧୯୫୫), ସାକ୍ଷୀ ଗୋପାଳ (୧୯୫୬), ପଞ୍ଚ ପୁଷ୍ପ (୧୯୫୭), ନୀଳ ମାଧବ (୧୯୫୭), ମହାନଦୀ (୧୯୫୮), ଚନ୍ଦ୍ରୀକା (୧୯୫୮), କୃଷ୍ଣ ଗାଥା (୧୯୫୮), ପୂଜାରିଣୀ (୧୯୫୮), କୋଣାର୍କ ଜାଗରଣ (୧୯୫୮), ସପନ ନାୟକ (୧୯୫୯), କୁମାର ସମ୍ଭବ (୧୯୫୯), ଅନାଦୀ ସଙ୍ଗୀତ (୧୯୫୯), ଶକୁନ୍ତଳା (୧୯୬୦), ଭାଗବତ ଗୀତା (୧୯୬୧), ତପସ୍ୱିନୀ (୧୯୬୧), ଚିତ୍ରାଙ୍ଗଦ (୧୯୬୧), ମେଘଦୂତ (୧୯୬୨),







ଦୁନିଆରେ ସବୁଥିର ସୀମା ଅଛି । କିନ୍ତୁ ଇର୍ଷାର କୌଣସି ସୀମା ନାହିଁ ।
--- ଅକ୍ଷୟ ମହାନ୍ତି, ଆର୍ଯ୍ୟଦାସର ଶେଷଲିପି, ପୃଷ୍ଠା ୬

ବୁଦ୍ଧଦେବ (୧୯୬୨), ଭାରତ ମାତା (୧୯୬୩), ମହାଭାରତ (୧୯୬୪), କୃଷ୍ଣ ଲୀଳା (୧୯୬୪), ଅମାପଲ୍ଲୀ (୧୯୬୫), ବିକ୍ରମ ଉର୍ବଶୀ (୧୯୬୬), କାଞ୍ଚୀ ବିଜୟ (୧୯୭୦), ଗୀତ ଗୋବିନ୍ଦ (୧୯୭୫, ୧୯୮୪), ରାମାୟଣ (୧୯୮୦, ୧୯୮୧), ଚଂପୁ (୧୯୮୩), ଚନ୍ଦ୍ରଭାଗା (୧୯୮୯), କାଞ୍ଚୀ ଅଭିଜ୍ଞାନ (୧୯୮୯, ୧୯୯୦), ବସ୍ତ୍ର ହରଣ (୧୯୯୦), ଅଭିଜ୍ଞାନ ଶାକୁନ୍ତଳମ୍(୧୯୯୧, ୧୯୯୨), ଏକଲବ୍ୟ (୧୯୯୨), କୋଣାର୍କ (୧୯୯୩), ଦୁଶ୍ମନ୍ତ ଶକୁନ୍ତଳା (୧୯୯୪), ଦଶାନନ (୧୯୯୫), ଜଗେଶ୍ୱରୀ (୧୯୯୬), ଅମୃତ ମନ୍ଥନ, କୃଷ୍ଣ ଚରିତମ୍

--- x x x ---

## Memoirs of a Legendary Guru of Odissi Dance

**Jhelum Paranjape**
**Director, SMITALAY, Mumbai, India**

*ଝେଲମ୍ ପାରାଞ୍ଜପେ କେଳୁ ବାବୁଙ୍କର ଶିଷ୍ୟା । ଯେ ତାଙ୍କଠାରୁ ଶିକ୍ଷା ଲାଭ କରି ବର୍ତ୍ତମାନ ବମ୍ବେରେ ତାଙ୍କର ନିଜର ନୃତ୍ୟାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । କେଳୁବାବୁଙ୍କର ଯେଗାଗତ ଜୀବନ ସହଜରେ ଉପଲବ୍ଧ -- ବହୁ ପୁସ୍ତକ ଓ ଅପଙ୍ଖ ପତ୍ରିକାରେ । କିନ୍ତୁ ତାଙ୍କର ବ୍ୟକ୍ତିଗତ ସ୍ପର୍ଶର ଅନୁଭୂତି, ଯେ କି ମଣିଷକୁ ସବୁଠାରୁ ବେଶି ପ୍ରଭାବିତ କରେ, ଦୁର୍ଲଭ । ତାଙ୍କ ଦୁର୍ଲଭ ଅନୁଭୂତି ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବା ଦୃଷ୍ଟିରୁ ଦୂରଦୃଷ୍ଟି ଝେଲମ୍ ପାରାଞ୍ଜପେଙ୍କ ପ୍ରତି କୃତଜ୍ଞ ।*

Padmavibhushan Guru Kelucharan Mohapatra (1926-2004), the living legend of Odissi passed away in April of this year. I am not going to chronicle his life or his work, which is easily available in many documents. I shall talk about him as the teacher — his personalised teaching of the beautiful, lyrical, graceful and sculpturesque dance style Odissi.

Guruji loved life, he loved people and he loved Odissi. He always strongly believed that whatever happened with him, for him and by him was only because Jagannath willed it. Whatever he did and was doing for Odissi, was not actually him — it was Jagannath; he himself was only the medium, and that is why this simple, humble yet noble man could do so much for Odissi. He lived, ate and breathed Odissi. His love for this dance reached out to every student. It is rare to find such a Guru. His humility, his energy and his gentle insistence on perfection compelled a proprortionate response from his students.

His insistence on perfection -– he strove for perfection in everything he did -- be it building the roof of his house, or mending the mardAl (odissi pakhawaj) or cleaning the toilet. His zest for perfection in arranging sound, lights and sets for a performance, or recording and editing music for dance; sometimes made him far superior to the professionals involved. He had a personal touch in everything he did, the make-up, the costumes, leading the musicians and inspiring the dancer to give her best.



*Guru Kelucharan Mohapatra with Jhelum Paranjape in Odissi Dance Moments*

My first meeting with Guruji was in early 1980. Prior to that I had studied with Guru Shankar Behera for three years. I vividly remember this first meeting with Guru Kelucharan Mohapatra. Many had gone to meet him and learn from him. Protima Bedi had called him to Mumbai to conduct a workshop at SNDT. He made all of us stand in a circle around him, asked each one who she's learnt from and asked each one to demonstrate something. I, of course did not know anything about wearing half sarees then, so that first day I was in something very informal. He made me dance, looked at me carefully and then said : *Hm! Accha karti ho, lekin stlye sudharna chahiye. Aa jaao kal se – sadi pehenke!* (Hm, you dance well, but your style must be corrected, come from tomorrow –- wearing a saree!).

That's how it started and then there was no stopping. We were only eight girls. The SNDT thing fizzled out, so the workshop was conducted at Jaya Dheer's house -– a two-room kitchen house! But that did not deter Guruji. He had a place and eight solid dancers. That was plenty for him! In that tiny space and 15 days he taught us two items, with tremendous stress on perfection. He made me realise the difference between what I had learnt from Masterji (Shankar Behera) and what he wanted, which was aesthetic. From then onwards every June/ July was a workshop at his Cuttack home and every Jan/ Dec a workshop at the NCPA.

The Cuttack house class was absolutely in the Gurukul system. Class would start at 9 am and would continue without a break till Guruma would call us for food! That would be anywhere between 2 and 3 in the afternoon. Then two hours of compulsory rest, again class continued till 11 or 12 in the night. During the day we also helped



*A Moment of Joy beisdes Guruji*

Guruma in the household chores. In this class (duration of one month or more) we would always learn something new, but whatever was done earlier was also redone with equal zest by Guruji, it was a tremendous pleasure for all of us.

While teaching, Guruji was the sculptor and we were the stones that he formed into beautiful sculptures. He literally moulded us. He would physically mould our forms into the perfect Tribhangi that he wanted; push our torso, raise the hand, turn the head, correct the mudra etc. He made us feel the beauty of that particular pose/ position/ posture. It is one thing to execute something perfectly –- technically, and something totally different to execute it perfectly by understanding its internal aesthetic beauty. That was the kind of perfectionist Guruji was. He made us love the Odissi style and he taught us to pass on this aesthetic beauty to the rasikas, the audience.



*Jhelum Paranjape Above in a Perfect Dance Pose*

In Guruji's Cuttack house one wall of the dance class had a huge mirror. We would face that wall and dance. We could see our mistakes. Guruji would stand next to us in the correct bhangi (posture) so that we could compare ourselves, our bodies with his; but at the same time he would always stress: do not copy me, do not copy my expression, understand it and then execute it.

Guruji had this unique quality, which I have not noticed in any other dance teacher that I have experienced. He made each student understand his/ her body. If one was short, then a particular stance would be different from someone who was very tall. If a student had long hands or torso a particular movement would be taught differently. Very often in class this situation would occur…… Guruji is teaching, he stops and makes a girl do a movement, thinks ... and then change it slightly … another student suddenly retorts: but Guruji … and he: chup! Tumhare haath dekho aur uske dekho … samjha …? Is liye maine uski movement alag kardi! (Quiet! Look at your hands and look at hers.. understood….? That's why I changed her movement!)

Guruji never favoured anybody in class. All were equal. He would teach with equal enthusiasm to a dud as well as to the brilliant. I remember, even Sanjunani (Sanjukta Panigrahi) would practise with us young ones in his Cuttack house.

Guruji observed a lot and made us observe a lot. Dance is nothing but life. You must portray life in a stylised fashion. Observe life, imbibe from nature and enhance your dance. While travelling he would say: look outside, look at that duck, see how it sticks its neck into the water and juts it out again, see the movement of its wings … look at that woman, she is heavy bottomed, see how her behind moves when she walks… etc. *Yeh sab mehsoos karo* (feel/understand all this), then only you can bring it in your dance and convey it to your audience. In fact I remember, once after a late night class he made us all watch an Amitabh Bacchan film (Guruji loved films). In the movie Amitabh Bacchan played a double role. Guruji made us watch him keenly, to realise how brilliantly he had portrayed father and son. He would make us observe how Guruma walked, how she held her saree over her head, how she made paan….!

Guruji was a taskmaster, being a perfectionist! He would make us do a particular piece 'n' number of times –- to attain perfection -- it was very difficult to satisfy him. Fatigue and tears were of no use. In fact that would upset him tremendously. He never praised his students in class (at performances rarely, but *never* in class). In fact to get something perfectly from a student he would ridicule and even abuse: godhi (donkey), ghusuri (pig), mankad (monkey) and ghoda muha'n (horse faced) were his favourite gaalis. In one class I remember a student had asked: "Guruji, why don't you ever praise us?" Ooff….! He was so angry and upset! "Kal se mai phulon ki mala lekar

aunga, class ke bad tumhare gale me dalunga!" (from tomorrow I will bring a garland made of flowers, after the class I will put it around your neck). Poor girl, she had asked it so innocently.

He would beat us too! Once in his Cuttack house, I couldn't execute a mudra perfectly. He hit me hard on my knuckles with his stick. It hurt me very very much, but he seemed least bothered. Later in the night when the class broke up, he called me close, held my hand and caressed the part he had hit. Is it hurting very badly? Sorry beta. I beat you because I want you to do well….! (I was already married and a mother by then). This was Guruji - the perfectionist loving father figure.

No doubt he loved technical perfection, but he made it very clear to us that this technical perfection should only be the means to carry out the bhava (sentiment) from the physical to the emotional level and pour it to the audience. This made us all strive hard, harder and hardest to please him.



*Jhelum Paranjape in the Perfect Expression (Bhaba)*

Guruji not only taught us how to dance aesthetically, he also taught us the aesthetics otherwise. Make-up, costume, hair, colours, how to present oneself … and how to behave with modesty.

I am a non-believer of God. In the sense, I do not pray, I am not religious. I do not look up to 'Him' ... Vishnu … Shiva … Ram … Jagannath for strength. I am from an atheistic, socialist thinking family. In my formative years I drew my strength from my parents -- once I found my purpose in life -- dance -- I drew my strength from Guruji, he was my God. He knew this, he understood this, he had kind of accepted it, but once he had said to me: don't stop at me, I ain't God … Jagannath is waiting for you. Guruji believed he was on this earth only as a medium. From the way he taught us to dance, from the way he himself danced -- he wanted us all to achieve the real purpose of life through dance, the purpose he believed in i.e. getting back to where we came from. Guruji always danced like that. Guruji danced his way to his dear Kaaliya, to his lord Jagannath. He attained moksha. And that is I think he would love all his students to achieve - moksha thru dance.

--- x x x ---

## Answers to Riddles

(from Pages 34-35)

1. Ice
2. Beehive
3. Chessmatch
4. Electric Fan
5. Court Case
6. Keyhole
7. Letter "E"
8. Tree
9. Elevator
10. Few
11. Snail
12. A Last Name

--- x x x ---

# କେଳୁବାବୁ ଓ ଅକ୍ଷୟ ମହାନ୍ତି -- କାହାର କେତେ କୃତିତ୍ୱ

ସତ୍ୟ ରଞ୍ଜନ ଦାଶ (ଟୋରୋଣ୍ଟୋ) ଓ
ଦେବସ୍ମିତ ମିଶ୍ର (ଆଲାସ୍କା)

*ଉତ୍ତର ଆମେରୀକା ରେ ଓଡିଆ ନିବାସୀ ମାନଙ୍କୁ ଲେଖକ ଦ୍ୱୟ ଅଜଣା ନୁହଁନ୍ତି। ଶାନ୍ତ ଶିଷ୍ଟ ଓ ସରଳ ଓଡିଆ newsgroup ଗୁଡିକରେ ଚାଞ୍ଚଲ୍ୟକର ଖବର, ଗଭୀର (କିଛୁ ବାସ୍ତବିକ) ସମାଲୋଚକୀୟ ବିଶ୍ଳେଷଣ ପେଷଣ କରି ଦୁହେଁ ଓଡିଆ ଜଗତରେ ବିକ୍ଷୋରଣ ପାତ କରିଆବିର୍ଭାବ ହେଲେ । ପରବର୍ତ୍ତୀ ସମୟରେ ସ୍ଥଳ ଓ ସ୍ଥାଣୁ ଆମେରିକୀୟ ଓଡିଆ ଙ୍କୁ ତାଙ୍କ ଶିଥୀଳ ଜୀବନ ଯାପନ କରିବାକୁ ଛାଡିଦେଇ ଦୁହେଁ ଅନ୍ୟ ଏକ ଅତ୍ୟାଧୁନିକ ବିଶ୍ୱବ୍ୟାପୀ newsgroup ପ୍ରତିଷ୍ଠା କଲେ । ସେହି ଧାରୁଆ ବିଶ୍ଳେଷଣର ଏକ ଉଦ୍ଧଟ ରୂପ ଏହି ଲେଖାରେ କେଳୁବାବୁ ଓ ଖୋକା ଭାଇଙ୍କ ଚାଲିଯିବାର ଫ୍ଲୁଲିଙ୍ଗରୁ ଜାତ ହୋଇଛି ।*

ଅପ୍ରେଲ୍ ୮, ୨୦୦୪ ସନ୍ଧ୍ୟା ୭ଟାର ଆଗମନ ମୋର କାନ୍ଥଘଡିର ଟଂ ଟଂ ଶବ୍ଦରେ ଘୋଷଣା ହେଲା । କ୍ରିଂ... କ୍ରିଂ..., କ୍ରିଂ... କ୍ରିଂ... ଟେଲିଫୋନ୍‌ଟା ଗର୍ଜନ କରିଉଠିଲା । କ୍ଲାନ୍ତିରତ ମୋର ଶରୀର loveseat ଉପରୁ ଉଠି ଟେଲିଫୋନ୍‌କୁ ଉତ୍ତର କରିବାକୁ ଅକ୍ଷମ ଥିଲା । କ୍ରିଂ... କ୍ରିଂ..., କ୍ରିଂ... କ୍ରିଂ... । ଗଭୀର ଅନିଚ୍ଛା ସତ୍ତ୍ୱେ ମୁଁ ଟେଲିଫୋନ୍ receiver ଟାକୁ କାନରେ ଲଗେଇବାକୁ ବାଧ୍ୟ ।

''ଚାଲିଗଲେ ...'', ଟୋରୋଣ୍ଟୋରୁ ସତ୍ୟ ଭାଇନା ହତୋତ୍ସାହ କଣ୍ଠରେ କହିଲେ ।

ମୁଁ କିଛି ନ'ବୁଝି ସରଳାତ୍ମକ କଣ୍ଠରେ ପଚାରିଲି, ''କିଏ ଚାଲିଗଲେ?''

''ଉତ୍କଳର ଗୌରବ କେଳୁ ବାବୁ ଇହ ଜଗତରୁ ଚାଲିଗଲେ ।''

ମୁଁ ସ୍ତବ୍ଧ ହୋଇ କହିଲି, ''ଏଇଟା ଗୋଟାଏ ଓଡିଶାର ଏକ ବିରାଟ loss । ଏଇ କିଛି ଦିନ ଭିତରେ କ'ଣ ସବୁ ହେଇଗଲା! ଗତ ବର୍ଷ ତ' ଖୋକା ଭାଇ ପଳାଇଲେ । ଆଉ ଏବେ କେଳୁ ବାବୁ ? ''

''ଆରେ ଅକ୍ଷୟ ବାବୁ ଚାଲି ଗଲେ ତ' ଗଲେ । କିନ୍ତୁ କେଳୁ ବାବୁଙ୍କ ଯିବାରୁ ଓଡିଶାକୁ କେତେ ବଡ ଧକ୍କା ଲାଗିଲା ତମେ ବୁଝି ପାରୁଚ? ''

''ତା' ହେଲେ ଆପଣ କ'ଣ କହୁଚନ୍ତି ଅକ୍ଷୟ ବାବୁଙ୍କ ପରଲୋକ ଯିବା ଓଡିଶାକୁ ଏତେ ଆଘାତ ଦେଇନି ।''

''ଆରେ ଅକ୍ଷୟ ବାବୁ ତ ଚାଲୁ ସଙ୍ଗୀତଜ୍ଞ । ଦାଣ୍ଡରେ, ବାହାରେ ଗୀତ ଗାଇ ଗାଇ ଜୀବିକା ନିର୍ବାହ କରୁଥିଲେ । କେଳୁ ବାବୁ ତାଙ୍କ ସାମନାରେ ଅତୁଳନୀୟ ।''

''କାହିଁକି ? ''

''କେଳୁ ବାବୁ ଏକ ଶାସ୍ତ୍ରୀୟ ନୃତ୍ୟକାର ଏବଂ ଗୁରୁ । କେଳୁ ବାବୁଙ୍କ ଆବିର୍ଭାବ ପୂର୍ବରୁ ଓଡିଶାର ଏଇ ପୁରାତନ ଓଡିଶୀ ନୃତ୍ୟ କଳାଟି ଲୁପ୍ତ ହୋଇଯାଇଥିଲା । କେଳୁ ବାବୁ ହିଁ ଏ ନୃତ୍ୟ କଳାର revival single-handedly କରିଥିଲେ । କେଳୁ ବାବୁ ଋଷ୍ଠାରୁ ଆରମ୍ଭ କରି ସାରା ଦୁନିଆରେ ଓଡିଶା ଏବଂ ଓଡିଶୀ ନୃତ୍ୟର ବିସ୍ତରୀକରଣ କରିଥିଲେ । ସେଇ ତୁଳନାରେ ଅକ୍ଷୟ ବାବୁଙ୍କର ଅବଦାନ କ'ଣ? ''

''ଆପଣଙ୍କ ମନେ ଅଛି, ଦିନ ଥିଲା ଓଡିଆ ସଙ୍ଗୀତ ଛାଡି ଓଡିଆ ମାନେ, ଶ୍ରୀଲଙ୍କାରୁ ପ୍ରସାରିତ ବିନାକା କାର୍ଯ୍ୟକ୍ରମ ଓ ବିବିଧ ଭାରତୀରୁ ହିନ୍ଦୀ ଗୀତ ଶୁଣି ଗୁଣୁ ଗୁଣୁ କରୁଥିଲେ । ଓଡିଆ ଗୀତ ମାନେ ସେତେବେଳେ ଥିଲା କିଛି ଭଜନ ଓ ଚମ୍ପୁ । ଓଡିଆ ଗୀତ ପ୍ରତି ଆସକ୍ତି ଓ ଶ୍ରଦ୍ଧା ଅକ୍ଷୟ ବାବୁ single-handedly ଉତ୍ପନ୍ନ କରେଇଥିଲେ । ଏହାଠାରୁ ବଡ ଅବଦାନ କଣ ହୋଇପାରେ ।''

''ଆରେ ତମେ ଅସଲ କଥାଟା ଧରୁନ । ଶାସ୍ତ୍ରୀୟ କଳା ଓ ଚାଲୁ (pop) ସଙ୍ଗୀତ ଭିତରେ ଆକାଶ ପାତାଳ ପ୍ରଭେଦ ।''

''ଶାସ୍ତ୍ରୀୟ ସଙ୍ଗୀତ ଥାଇ ଯଦି ଲୋକମାନେ ତାକୁ ignore କରୁଥିଲେ ଏବଂ ଶାସ୍ତ୍ରୀୟ ସଙ୍ଗୀତଜ୍ଞମାନେ ତାକୁ ଜନପ୍ରିୟ କରିପାରୁ ନ ଥିଲେ ତେବେ ସେ ଶାସ୍ତ୍ରୀୟ ସଙ୍ଗୀତ ଓଡିଶାର କଣ ଲାଭ କରୁଥିଲା । ବରଂ ଅକ୍ଷୟ ବାବୁଙ୍କ ପ୍ରୟାଶରେ ଅନ୍ତତଃ ଛୋଟ ପିଲା ମାନଙ୍କଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତି ପର୍ଯ୍ୟନ୍ତ ସର୍ବେ 'ଲେ ଲବୀନା' ଗାଇ ଅଣ୍ଟା ହଲଉଥିଲେ । ବିନାକା କାର୍ଯ୍ୟକ୍ରମ ଶୁଣିବା ଲୋକ ବଢ଼ କରିଦେଇଥିଲେ । ପ୍ରଥମ ଥର ପାଇଁ ଓଡିଆ ସଙ୍ଗୀତ ଯେ ସମ୍ଭବ ତାହା ଲୋକ ହୃଦୟଙ୍ଗମ କରିପାରିଥିଲେ । ଆପଣ ଏବେ କୁହନ୍ତୁ କେତେ ଜଣ ଓଡିଶୀ ନୃତ୍ୟ ଦେଖି ଅଣ୍ଟା ହଲେଇଚନ୍ତି? ''

''ସଞ୍ଜୁକ୍ତା ପାଣିଗ୍ରାହୀ, କୁମକୁମ ମହାନ୍ତି, ସୋନାଲ ମାନସିଂହ, ଉପାଲି ଅପରାଜିତା, ଇତ୍ୟାଦିଙ୍କ ନା ଶୁଣିଚ? ଗୁରୁ କେଳୁ ବାବୁଙ୍କ ଶିକ୍ଷାକୁ ନେଇ ଦେଶ-ବିଦେଶରେ କିପରି ସୁନାମ ଅର୍ଜନ କରିଛନ୍ତି? ତା' ଛଡା ଓଡିଶାର ନାମ କେତେ ଅଜଣା ବିଦେଶୀଙ୍କ ମୁଖାଗ୍ରସ୍ତ କରିଛନ୍ତି ।







ମୋର, ଲୋଡା ତୋ ଅନ୍ତରର ଉତ୍ତର । ଯୁକ୍ତିଗତ ଉତ୍ତର ଲୋଡା ନାହିଁ । ----- ମନୋଜ ଦାସ, କଥା ଓ କାହାଣୀ
ପୃଷ୍ଠା ୩, ଲୁଲୁର୍ଭା ପର୍ବତରେ ଏକ ଦ୍ୱିପ୍ରହର

ଖାଲି ସେତିକି ନୁହଁ କେଳୁ ବାବୁଙ୍କୁ ଭାରତ ସରକାର ଓ ବିଦେଶରୁ ଅନେକ ସଂସ୍ଥାରୁ କେତେ ଗୌରବପୂର୍ଣ୍ଣ ଭାବରେ ସମ୍ମାନିତ କରାଯାଇଛି? କେତେଜଣ ଓଡିଆ କଳାକାର ପଦ୍ମବିଭୂଷଣ ଉପାଧି ପାଇଚନ୍ତି କହିଲ ଦେଖି? ''

''ଭାଇନା, ଆପଣ ଅସଲ କଥାଟି ବୁଝୁନାହାନ୍ତି? ପୁରସ୍କାର ପଛରେ ଲାଗନ୍ତୁନି । ଆମେ ଯେତେ ପୁରସ୍କାର, ଓ ସମ୍ମାନ ବିଦେଶରୁ ପାଇଲେ ବି ଯଦି ଓଡିଆ ମାନଙ୍କ ଶୀରା-ପ୍ରଶୀରାରେ ଓଡିଆ କଳା ପ୍ରବାହିତ ନ ହୁଏ ତା'ହେଲେ ସେ କଳାର ମହତ୍ତ୍ୱ କଣ? ମୋ ମତରେ ଅକ୍ଷୟ ବାବୁ ଦୀନ-ଦରିଦ୍ର ଓଡିଆଙ୍କଠୁ ଆରମ୍ଭ କରି ସମ୍ଭ୍ରାନ୍ତ ପରିବାର ପର୍ଯ୍ୟନ୍ତ ସମସ୍ତଙ୍କ ଶରୀରରେ ଓଡିଆ ସଙ୍ଗୀତର ତରଙ୍ଗ ଉତ୍ସଳିତ କରିଥିଲେ । ଜାଣିନାହାନ୍ତି ଆମର କଥାରେ ଅଛି *'ଆଦର ନଥାଇ ଯେଉଁ ଭୋଜନ, ଲବଣ ନଥାଇ ଯେଉଁ ତିଅଣ, ଗାମୁଛା ନଥାଇ ଯେଉଁ ସ୍ନାନ'* । ହଁ ଏଇଟା ସତ ଯେ Award ପାଇବା ଓ ନାଁ କରିବାଟା ନିଷ୍ଚିତ ଭାବରେ ଉତ୍ତମ, କିନ୍ତୁ ତାହା ଯଦି ଓଡିଆ ଘରେ ଘରେ ସେହି କଳାର ଉତ୍ସାହ ସୃଷ୍ଟି କରି ନ ପାରିଲା ତେବେ ତା'ର ମହତ୍ତ୍ୱ କଣ ବେଶି ବୋଲି ଭାବୁଚନ୍ତି? ''

''ତା' ଛଡା ଅନ୍ତତଃ ଅକ୍ଷୟ ବାବୁଙ୍କୁ Orissa Society of Americas ହିଁ ଏକମାତ୍ର ଅନୁଷ୍ଠାନ, ଯେ କି ତାଙ୍କୁ ସଙ୍ଗୀତ ସମ୍ରାଟ ଉପାଧିରେ ଅଳଙ୍କୃତ କରିଥିଲେ । ପୁଣି ଅକ୍ଷୟ ମହାନ୍ତିଙ୍କ ଅନେକ ଛାତ୍ର-ଛାତ୍ରୀମାନଙ୍କୁ ଭୁଲିଯାଆନ୍ତୁ ନାହିଁ, ଯଥା ସୁଶ୍ରୀସଙ୍ଗୀତା ମହାପତ୍ର, ଗୀତା ପଟ୍ଟନାୟକ, ତୃପ୍ତି ଦାସ, ଏବଂ ବିଶିଷ୍ଟ ସହବାଦ୍ୟକ ପ୍ରତାପ ଦାସ ଦେଶ-ବିଦେଶରେ ଓଡିଆ କଳାର ନୂତନ ଗୃହ ସୃଷ୍ଟି ।''

''ଆଚ୍ଛା, ଆଚ୍ଛା, ଆଚ୍ଛା । ମୁଁ ବର୍ତ୍ତମାନ ବୁଝିଲି ତମେ ଯାହା କହିଲ ଠିକ୍ କହୁଛ । ଦୁଇଜଣ ଯାକ ଓଡିଶାର ବରପୁତ୍ର । ସେମାନେ ତାଙ୍କ ନିଜ ଅଭିବେଷ୍ଟାରେ ଓଡିଆ ସଙ୍ଗୀତ ଓ କଳାକୁ ଆତ୍ମପ୍ରିୟ ଓ ଜନପ୍ରିୟ କରିବାରେ ସଫଳ ହୋଇଚନ୍ତି । ଆମେ ସତରେ କେଳୁ ବାବୁଙ୍କୁ ଯେତେ ଅଭ୍ୟର୍ଥନା ଅର୍ପଣ କରିଥିଲୁ ତା'ର କାଣୀଚାଏ ବି ଅକ୍ଷୟ ବାବୁଙ୍କୁ ଦେଇନାହୁଁ । ଅଥଚ ଆଜି ପର୍ଯ୍ୟନ୍ତ ଅକ୍ଷୟ ବାବୁଙ୍କ ସଙ୍ଗୀତ ଘରେ-ଘରେ ଉନ୍ମାଦନା ସୃଷ୍ଟି କରୁଛି । ମୋ ମତରେ ଦୁଇଜଣ ଯାକ ଓଡିଶାର ଯୋଗ୍ୟପୁତ୍ର ।''

''ତା'ହେଲେ ଆମେ ଆମର ଏ ଦୁଇ ଜଣ କୃତିକଳାକାରଙ୍କ ମଧ୍ୟରେ କୌଣସି ବିଭେଦ ନ କରି ସମଦୃଷ୍ଟିରେ ସମ୍ମାନିତ କରିବା ପାଇଁକି ଆମର ପାଠକବନ୍ଧୁଙ୍କୁ ବିନୀତ ଅନୁରୋଧ କରୁଛୁ ।''

''ଆଉ ଗୋଟିଏ କଥା ।''

''ଆଉ କୋଉ କଥା ।''

''ତମେ ଯଦି ଏତେ ଆଗରୁ ଜାଣିଥିଲ ଅକ୍ଷୟ ବାବୁଙ୍କ ଗୁରୁତ୍ୱ, ତେବେ ସେ ଯେତେବେଳେ ଚାଲିଗଲେ ତମେ ମୋ ପାଖକୁ ଫୋନଟିଏ ଲଗେଇଥିଲେ କଣ ଅସୁବିଧା ହୋଇଥାନ୍ତା ।''

''ଭାଇନା ମୁଁ କରିଥାନ୍ତି ଯଦି ଏ ଦୁଃସମ୍ବାଦ ଶୁଣି କରିବା ଅବସ୍ଥାରେ ଥାନ୍ତି ।''

--- x x x ---

## ମୁର୍ଗା ମହାଦେବ -- ଏକ ଲୁକ୍କାୟିତ ପର୍ଯ୍ୟଟକ ସ୍ଥାନ

ପୁର୍ଣ୍ଣେନ୍ଦୁ ଶତପଥୀ, ବଲାଣି

*ପୁର୍ଣ୍ଣେନ୍ଦୁ ବାବୁ ବରଗଡରେ ବାସ କରନ୍ତି । ସେ ଜଣେ ତୀବ୍ର ପର୍ଯବେକ୍ଷକ । ସେ ଭ୍ରମଣ ପ୍ରିୟ ମଧ୍ୟ । ଜନପ୍ରିୟ ସ୍ଥାନ ତ ସେ ଭ୍ରମଣକରନ୍ତି, ତା' ଛଡା ସେ ବିଭିନ୍ନ ଅଜଣା ସ୍ଥାନ ବି ଭ୍ରମଣ କରିଛନ୍ତି । ଏହିପରି ଏକ ମନୋରମ କିନ୍ତୁ ଲୁକ୍କାୟିତ ତଥା ଅତ୍ୟନ୍ତ ପର୍ଯ୍ୟଟନ ଉପଯୋଗୀ ସ୍ଥାନ ଆପଣଙ୍କ ସମ୍ମୁଖରେ ।*

ମୁର୍ଗା ମହାଦେବ ନାଁ ଟା ଶୁଣିବା ମାତ୍ରେ ମନ ଭିତରେ ଏକ କୌତୁହଳ ଶୃଷ୍ଟିହୁଏ । କଣ ମୁର୍ଗା ମହାଦେବ ରୂପରେ ପୂଜା ପାଉଛନ୍ତି,ନା ମହାଦେବ ମୁର୍ଗା ରୂପରେ ପୂଜା ପାଉଛନ୍ତି। ଦୁଇଟି ଡାକ ଉତ୍ତର ଭାନ୍ତ ।








ଯେମିତି ଦିଅଙ୍କୁ ସେମିତି ପୂଜା,
ବାଲିଗିରାଡାକୁ ଚାଉଳ ଭଜା ।
-- ଢଗ

କେନ୍ଦୁଝର ସହରରୁ ୬୦ କିଲୋମିଟର ଉତ୍ତର ପଶ୍ଚିମକୁ ଗଲେ ବିଲେଇପଦା ପଡିବ । ଯେଉଁଠାରେ ବର୍ତ୍ତମାନ Tata Sponge Iron Factory ଅବସ୍ଥିତ । ଏଠାରୁ ଉତ୍ତରକୁ ଆଠ କିଲୋମିଟର ଗଲେ ଏହି ମନୋରମ ଶୈବ ପୀଠ ଅବସ୍ଥିତ । ଚାରିପଟରେ ପାହାଡ ଘେରା ଏହି ଶୈବ ପୀଠ ଏତେ ଶାନ୍ତ ଓ ନିର୍ଜନ ନଦେଖିବା ଲୋକ ବିଶ୍ୱାସ କରି ପାରିବ ନାହିଁ । ସବୁଠାରୁ ମଜାର କଥା ନ ପହଞ୍ଚିବା ଯାଏଁ ଅନୁଭବ କରିହେବ ନାହିଁ ଏ ଜାଗାର ଅବସ୍ଥିତି ।

ମୁର୍ଗା ପାହାଡ ନାମରେ ଏହା ନାମିତ । ଶିବ ମନ୍ଦିର ଓ ଶିବଙ୍କର ପୂଜାକୁ ବାଦ ଦେଲେ ଏଠାରେ ଏକ ୨୫-୩୦ ଫୁଟର ଜଳପ୍ରପାତ ରହିଛି ।



ଏଠାରେ ପହଞ୍ଚିବାକୁ ହେଲେ କେନ୍ଦୁଝର ସହରକୁ ରାଜ ରାସ୍ତାରେ ବିଲେଇପଦା ଆସି ସେଠାରୁ ୮ କିଲୋମିଟର ଉତ୍ତରକୁ ଯିବାକୁ ପଡେ । ବଣଭୋଜୀ କରିବାର ସମସ୍ତ ସୁବିଧା ଏଠାରେ ଉପଲବ୍ଧ । ରାତ୍ରି ଯାପନର କୌଣସି ସୁବିଧା ଏଠାରେ ନାହିଁ । ଯଦି ଦରକାର ହୁଏ ତେବେ Tata Sponge Iron Factory authority'ଙ୍କ ସହିତ ଯୋଗାଯୋଗ କରି Tata Guest House book କରା ଯାଇପାରେ ।

--- x x x ---

## ସମୟ ଦାନ (Time donations)

ସୁଜୀତ ଜେନା

*ସୁଜୀତ ଜେନା ଅଷ୍ଟ୍ରେଲିଆରେ ଅବସ୍ଥାନ କରନ୍ତି । ଆକାଉଣ୍ଟିଂ ତାଙ୍କ ବୃତ୍ତି । ସୁଜୀତ ବାବୁ ଓଡିଆ ସମାଜର ଏକ ଗୁରୁ ସଦସ୍ୟ । ଅନ୍ୟାନ୍ୟ ବ୍ୟାବସାୟିକ କାର୍ଯ୍ୟବ୍ୟସ୍ତତା ଭିତରେ ସେ ଓଡିଆ ସମାଜର ସମ୍ବିଧାନ ପ୍ରସ୍ତୁତି କରିବାରେ ବିଶେଷ ନେତୃତ୍ୱ କରିଥିଲେ । ଓଡିଆ ସମାଜର ଆଲୋଚନା ଛଳୀରେ ସେ ନିୟମିତ ଯୋଗଦାନ କରନ୍ତି । ଏହିପରି ଏକ ଆଲୋଚନାରୁ ଏହି ପ୍ରବନ୍ଧଟିର ସୃଷ୍ଟି ।*

Our dearest state, Orissa, a state rich in natural resources and culture is still one of poorest and least developed states in India. No wonder, there have been/are numerous discussions on the development of Orissa in various interest groups of Orissa including MyOdisa[1]. Is it helping in Orissa's development or is it all NATO (No Action Talk Only). I do not have any facts and figures to answer this question but I believe it is helping Orissa some way the other.

In recent discussion in Myodisa under the thread "Orissa vision 2020" and other related discussions there were lots of constructive comments. To sum up those:

i. People staying outside Orissa cannot effectively develop Orissa
ii. Monetary donation is not going to help Orissa in the long run.
iii. Only people of Orissa can develop Orissa.
iv. Orissa needs strong leaders to lead Orissa toward development.

Though I do not fully agree on the points above I don't fully disagree either. It all depends on the way you see it. I have briefly discussed below my views on each of the above points. However, my intention is not to critically examine each of the

[1] MyOdisa is a worldwide discussion body of Oriyas on subject related to Orissa. It is a group in yahoogroups and can be accessed by the web link http://groups.yahoo.com/group/myodisa.



ବନ୍ଧୁ ନିକଟର ମନକଥା ସବୁ
କହିବାକୁ ଲାଗେ ସୁଖ
ବସନ୍ତ ନିକଟେ ତହିଁ ପାଇଁ ସିନା
ପିକ ହୁଏ ବାବଦୂକ ।

----- ଗଙ୍ଗାଧର

above points but to thread all those points together to maximize the development of Orissa.

I believe NROs (I mean all the people staying out of Orissa even if they are inside India) have a major role to play in development of Orissa. It's not only because they have money and they can donate money to help needy people. NROs can play a major role mainly because they have plethora of knowledge and expertise, which can bring an overwhelming result if channeled properly in organized manner than few thousand bucks donated. When and how is that going to happen?

I am not against the monetary donations but I do not prefer to donate some money and sit in content that "I have done something for Orissa". I do not know whether any of you have observed it or not but from my personal experience I feel we are making them more dependable than independent and self sufficient by just donating money. I have observed this from my association with a few non-profit organizations in Orissa and people working with those as consultants and auditors. If you go and properly observe in Orissa the typical understanding on the NGOs by common man is "it is an easy way of making money". By telling this I am not telling that the NGO's are money making mechanism, rather I am trying to point out that that's not the end. We can do much more than just donating our money. Imagine how will it be if we can have a one-to-one fellowship with people of Orissa apart from our friends and relatives along with monetary donation?

I strongly agree with the notion that "only people of Orissa can develop Orissa". In my opinion, how much ever we try (NROs and people staying outside Orissa) we can never bring development to Orissa without the help of people staying in Orissa. So, if it is people of Orissa then why are they not doing it? Main reasons I see are lack of will power, education, awareness, knowledge, and expertise along with very poor governance and corruption. Can we buy all these for people of Orissa through our monetary or tangible donations?

My view on leadership of Orissa is that "our leaders are strong except in the areas where they are supposed to be". Our leaders are strong in fighting among themselves, strong in cheating people, strong in personal wealth maximization and everything else except ethics and their job for which they are elected. So where from are we going to find "strong leaders"? Do we have to export it to Orissa? No, we really do not have to worry; Orissa can create 100s and 1000s of them. It's just that they need to be fueled with moral ethics and work ethics. Who is going to fuel our future leaders?

I hope now you are thinking what I am thinking. It all boils down to development of human resource of Orissa. When I say developing human-resource I just do not mean literacy, I mean whole some development including ethics. Here the question comes, how can we help in developing the human-resource of Orissa? There are 100s of ways but before that lets see what resource we have. As I told before, we have the most powerful resource that is knowledge. So, how do we get that knowledge to people of Orissa? There are various ways and some of you may be already doing in your individual capacity. But, what I am going to tell you here is a different approach what I think will be more effective in developing human-resource of Orissa.

I have come up with the idea of a **Time-fund**, created by the **time donation** (ସମୟ ଦାନ) of all willing to donate their time for development of Orissa. Time-fund will be a process to collect (accumulate) and spend time in an organized and planned manner. It will be same as any other donation but in this case you will be committing specified amount of your time (what you wish to donate) to the common pool. It will be up to all of us as a group or society (say OdiA samAja) to work out a plan and effective ways to use the time in





development of Orissa more specifically human-resource.

**How this fund is going to work?**

This fund is going to work in similar way as any other monetary or tangible fund works. We all donate a specified (as may be suitable to individual person) amount of time monthly or yearly to this fund. The time so donated gets accumulated and spend by the group. Since it is your time and other person can not spend your time you have to act on the instruction of the group for your donated time in activities related to Orissa development. It will typically happen during you annual trip or periodical trip to Orissa.

Suppose I donate two hours of my time every month to OdiA SamAja's time-fund then when I go for my annual leave to Orissa, OdiA SamAja on the basis of the pre time-budget will tell me what work I have to undertake when I am there in Orissa. Even I can propose to the group what I am going to do with my time for approval. This way I am more committed to utilize my time than doing something when I am free from my personal and family activities.

**How all these time can be used?**

I really do not have to tell you this because you know there are so many ways we can utilize these accumulated time in human-resource development of Orissa. To give you some example, mentoring, going and meeting school kids, talking to local clubs, talking to local youth group etc. Actually it will be to all of us to come up with most effective way of spending this fund.

**Advantages of this fund**

i. We will have large amount of time in our disposal and we can plan in advance on effective utilization of that time.
ii. We will also have access to large pool of experts in various fields.
iii. We will get better utilization of our time in a coordinate and planned environment that individually.
iv. We can offer our help to any organization or individual if they are engaged in development of Orissa.
v. It will give a platform to those who are willing to spend time but still confused on where to start and what to do.
vi. It may motivate those who are still dreaming and thinking of doing something for Orissa but still got no chance or opportunity to start.
vii. It will also attract those who are willing to spend time but not money.
viii. Last but not the least it will create an avenue for us to have fellowship with people of Orissa other than our friends and relatives and know them better.

**Disadvantages of the fund**

i. Individual rights to the time donated will be lost
ii. Decision of the team will be final even if you think that is not best utilization of your time.
iii. Sometime it may feel like "my holiday is ruined".

It you are committed to do something for Orissa then you may find more advantages than disadvantages by donating time.

Now you tell me, whether it's all jabberwocky? You can reach me at suj_iii@yahoo.co.in and skj@national.cornerstone.edu.au.

--- x x x ---

## ସ୍ମୃତି

ଅଖିଳ ଚନ୍ଦ୍ର ପାଢୀ

ଭାରି ଅବୁଝା ତ ନିରବତା ମୋର
ହାତ ଠାରି ସଦା ଶୂନ୍ୟକୁ ଡାକେ,
ତୁମ ସ୍ମୃତିଟା ବି ଭାରି ଅମାନିଆ
ରହେ ସିଏ ସଦା ଶୂନ୍ୟର ବୁକେ ।

ତୁମେ ବି ତ କେବେ କିଛି ବୁଝ ନାହିଁ
ସ୍ମୃତି ହାତଧରି ଚାଲି ଚାଲି ଆସ
ମୁଁ ମୋର ହାତ ବଢାଇବା ବେଳେ
ସପନ ସରଇ, ଶୁଣେ ଖାଲି ହସ ।

ହସ ଟା ତ ତୁମ ଖିଲି ଖିଲି, ରୂପ
ଦେଖିଥିଲି କେବେ ଆଜି ମନେ ନାହିଁ,
ଆଜି ତୁମ ରୂପ ଦେଖିବାର ବେଳେ
ହସ ଟା ଶୁଭଇ, ରୂପ ତୁମ ନାହିଁ ।

ହସ ଶୁଣି ମୋର ନିଦ ଭାଙ୍ଗିଯାଏ
ଦେଖେ ଚାରିଆଡେ କେହି କାହିଁ ନାହିଁ
ଗଲା କଥା ଯେତେ ସବୁ ମନେ ପଡେ
ନୟନୁ ସଲିଳ ଯାଉଥାଏ ବୋହି ।

ତୁମ ପାସେ ବସି ଯେବେ କାନ୍ଦୁଥିଲି
କାନିରେ ମୋହର ଲୁହ ପୋଛୁଥିଲ
କେବେ ଯଦି ମୁହିଁ ଡରି ଯାଉଥିଲି
ପାସେ ମୋର ବସି କେତେ କହୁଥିଲ ।

ଆସି ଯାଅ ଏବେ ନୟନ ସମ୍ମୁଖେ
ବହୁଦିନ ହେଲା ନିତି ସେ ଝୁରୁଛି
ଆଖି ମୋର ଆଉ ଶୋଉ ନାହିଁ ଏବେ
ସବୁଦିନ ତୁମ ସପନ ଦେଖୁଛି ।

--- x x x ---

## ନିଜସହ କଥାବାର୍ତା

ପ୍ରଭାକର ଶତପଥୀ, ଭୁବନେଶ୍ୱର, ଓଡିଶା

।୧।
ସ୍ୱପ୍ନର ମେଘଖଣ୍ଡକୁ ବରଷିବାକୁ ଦେଇ ଉଠିପଡ
ଦେଖିବୁ ତୋ ସାମ୍ନାରେ 'ତୁ' !

।୨।
ତୋ' ନିଜ ଭିତରେ ଏକ ଅଭେଦ ସୂର୍ଯ୍ୟ: ତୁ!

।୩।
ତୁପାଖରେ ଥିଲେ
ଲଣ୍ଠନଟିଏ ପରିଦିଶେ ସୂର୍ଯ୍ୟ,
ଜୁଲୁଜୁଲିଆ ମାନେ ପଶିପାରନ୍ତିନାହିଁ
ଘର ଭିତରକୁ ।

।୪।
ହାତରେ ହାତ ମିଳାଇ ଦେ'
ସୁଖର ମଞ୍ଜି ପୋତି ହୋଇଯିବ
ଫୁଲ ଓଠରେ ଦିଶିଯିବ ରେଣୁରେଣୁ
ଆଦିମ ମହକ ।

।୫।
ତୋ ହାତ ଓ ହୃଦୟ
ଯେମିତି ଡେଙ୍ଗ ଉପରେ
ଫୁଲର ପାଖୁଡା ।

।୬।
ଥରେ ଅନା ନିଜ ଭିତରକୁ,
ଦେଖ୍‌କେଡେ ସୁନ୍ଦର
କେତେ ସୁନ୍ଦର ଭିତରକନିକା ପରି
ତୁଦେଖିନଥିବା ଭିତର -- ପୃଥିବୀ !



ଆପେ ବଞ୍ଚିଲେ ବାପର ନାଁ
-- ଛଗ

।୭।
ଗୋଟାଏ ଦିନରେ ବଦଳିଯାଏ ନାହିଁ
ଗଛର ପତ୍ର,
ପତ୍ରଝଡ଼ା ଉପରେ ଠିଆ ହୋଇ
ଅପେକ୍ଷା କର,
ନୂଆ ପତ୍ର କଅଁଳିବ
ଓଠଟିଏ ପରି ପବନରେ ।

।୮।
ଲୋକେ ତୋ ମୁହଁକୁ ଅନେଇ
ଜାଣିବାକୁ ଚାହିଁବେ
କେତେ ଦୂରରୁ ଉଡିଆସିଛୁ ତୁ,
ତୁ'ତ ଉଡାଣଟିଏ
ନିଜେ ଦେଖୁନଥିବା ଦିଗନ୍ତର
ଏକଥା କେବଳ ତୋତେ ଜଣା ।

।୯।
ତାତିଲା ବାଲିଉପରେ
ଖାଲିପାଦରେ ଥରେ ଚାଲିଗଲେ
ଘଣ୍ଟାର ଦୁଇ ଗୋଡଠାରୁ ବି
ସଠିକ ଭାବରେ
ତୁ ମାପିପାରିବୁ ନିଜ ସମୟକୁ ।

।୧୦।
ତୁ ଜାଣିଛୁ ପୃଥିବୀ ସୁନ୍ଦର
ଯେଉଁଠି ପଟେ ଫୁଲିଲା ରୁଟିପରି
କବିତା ସବୁମଣିଷର !

--- x x x ---

## An Ode to Guru Kelucharana Mohapatra

by Ellora Patnaik

*ଟରୋଣ୍ଟୋ ସ୍ଥିତ ଏଲୋରା ପଟ୍ଟନାୟକ ଶ୍ରୀମତୀ ଚିତ୍ରଲେଖା ପଟ୍ଟନାୟକଙ୍କ (ଯେ କି ତାଙ୍କ ମାତା) ସହିତ Chitralekha Dance Academyର ଅନ୍ୟତମ ପରିଚାଳିକା । ବାଲ୍ୟକାଳରୁ ସେ ଓଡିଶୀ ନୃତ୍ୟ ଶିକ୍ଷା ଓ ଅଭିନୟରେ ନିମଜ୍ଜିତ । ତାଙ୍କର କେଳୁବାବଙ୍କ ସହିତ ସଂପର୍କ ପାରଂପାରିକ ଗୁରୁ-ଶିଷ୍ୟା ଭଳି ନିବିଡ । ଏହି ଗାଥା ସେହି ଗଭୀର ଗଣ୍ଠନ ଉଲ୍ଲେଖ କରୁଅଛି । ବହୁ ନୃତ୍ୟ ଓ ଅଭିନୟ ଦ୍ୱାରା ସେ ଓଡିଶୀ ନୃତ୍ୟ ଶିକ୍ଷା ଓ ସାଧନାରେ ନିପୁଣ ।*

You give me knowledge
I am confident

You give me technique
I have good form

You play Pakhawaj
My feet start to itch

You watch me dance,
My heart tembles

You on stage
I do not blink

You execute perfection,
Your image engraved in my head

You beat me,
I correct my mistake

You kiss my forehead
I have taken Prasad

You work all night,
My eyes wide open

You give me ice-cream
I massage your back

You fix your house,
I lift bricks







କପଟ ବନ୍ଧୁଏ ଯେନ୍ନେ ସମ୍ପଦର ସାଥୀ
ବିପଦେ ପାସୋରି ଯେ ଯା ବାଟ କାଟିଥାନ୍ତି ।
----- ନନ୍ଦକିଶୋର

You are a jokester
I laugh till I cry

You tell me to do my KARMA
I do it!

You eat Paan,
I am upset with you

I make bad Tomato Khata
You eat it happily

You decorate my Jaganath
HE is beautiful

All nights in a hospital bed,
I watch you breathe

You'd die for my Guru Maa
I pray my husband will love me as such



*ଏଲୋରା ପଟନାୟକ (ଧବଳ ଶାଢୀ ଆବରିତ) ଚିତ୍ରଲେଖା ଡ୍ୟାନ୍ସ୍ ଆକାଡେମୀର ଅନ୍ୟ ନର୍ତ୍ତକୀଙ୍କ ସାଥିରେ ଏକ ନୃତ୍ୟାଭିନୟରେ*

You can be anything,
I can only hope to be

You tie my Ghungroo,
I dance in the heavens

You are the light,
I follow till death

You call me your GrandSON
I am proud

You are my Guru, my Grandfather,
My Lord
I am nothing

Wait for me …
I am coming …
To dance with you again

--- x x x ---

# ଭୂମି ଓ ଜୀବନ

## ବିଜୟମୋହନ ମିଶ୍ର

*ବିଜୟ ମୋହନ ମିଶ୍ର* ***Harvard University*** *ରେ* ***professor*** */ ସେ ତାଙ୍କ ବ୍ୟାବସୟିକ ଶିକ୍ଷା ବ୍ୟତୀତ ସଂସ୍କୃତ ଓ ଅନ୍ୟ ଭାରତ-ସଂପର୍କୀୟ ବିଷୟରେ ଆମେରୀକାରେ ନାନା ଅନୁଷ୍ଠାନରେ ବକ୍ତୃତା ଦେବା ପାଇଁ ପୁନଃପୁନଃ ନିମନ୍ତ୍ରିତ ହୁଅନ୍ତି / ଆମେରିକାସ୍ଥ ଓଡିଆ ସମାଜରେ ବିଜୟ ବାବୁ ଜଣେ ସୁଜ୍ଞାନୀ ରୂପେ ପରିଚିତ / ଭାରତ ତଥା ଓଡିଶାର ଇତିହାସ, ସଂସ୍କୃତି, ସାହିତ୍ୟ, ଦର୍ଶନାଦି ବିଷୟରେ ନାନା ଜଟିଳ ପ୍ରଶ୍ନର ଉତ୍ତର ତାଙ୍କ ଜିହ୍ୱାସ୍ଥ /*

ପୃଥିବୀରେ ମନୁଷ୍ୟର ଆବାସସ୍ଥଳକୁ ଭୂମି କୁହାଯାଏ । ଭୂମି ମନୁଷ୍ୟର ପୃଥିବୀସହ ସଂଯୋଗସ୍ଥଳୀ । ଯେ' ପ୍ରକାରେ ମନୁଷ୍ୟ ଆଶା ଲୋଡେ, ଭୂମି ସେ' ପ୍ରକାରେ ମନୁଷ୍ୟକୁ ସହଯୋଗ କରେ । ଅନେକ ସମୟରେ ଆମେ ଜନ୍ମଭୂମି, ମାତୃଭୂମି, କର୍ମଭୂମି ଇତ୍ୟାଦି ଶବ୍ଦ ବ୍ୟବହାର କରୁ । ଏ' ପ୍ରତ୍ୟେକ ଶବ୍ଦ ଆମ ଆପଣାର ବ୍ୟକ୍ତିତ୍ୱସହ



ତୋଷାମଦକାରୀ ଖିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ
ଭୃତ୍ୟଭାବ ଧରି ଗୋଡ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।
----- ମଧୁସୂଦନ ଦାସ

ଜଡିତ । ଭୂମି ବିନା ଜୀବନ ନାହିଁ, ତେଣୁ ଭାରତୀୟ ସଂସ୍କୃତିରେ ଭୂମିକୁ ନମସ୍କାରକରି କାର୍ଯ୍ୟାରମ୍ଭ କରିବା ଏକ ସାମାଜିକ ରୀତି ।

ଓଡିଆରେ ଭୂମିକୁ ଭୂଇଁ କୁହାଯାଏ ଏବଂ ଏହାକୁ ମାଟି ଅର୍ଥରେ ବୁଝାଯାଏ । ଟାଙ୍ଗରା ଭୂଇଁ, ବାଲିଆ ଭୂଇଁ, ଉର୍ବର ଭୂଇଁ, ସନ୍ତସନ୍ତିଆ ଭୂଇଁ -- ଏ' ସମସ୍ତ ଭୂମିର ବିଭିନ୍ନ ରୂପରେଖ । ସୌନ୍ଦର୍ଯ୍ୟ ଓ ସ୍ୱାଧୀନତାର ଏ' ଅସୀମ ଧରିତ୍ରୀକୁ କେହି ଭୂମାତା ଭାବରେ ଚିତ୍ରଣ କରିଥା'ନ୍ତି । ପୁରାଣ ସାହିତ୍ୟରେ ଭୂମିର ପ୍ରାଚୁର୍ଯ୍ୟକୁ 'ଭୂଦେବୀ' ନାମରେ ପୂଜା କରାଯାଇଥାଏ । ଭାଗବତ ସାହିତ୍ୟରେ ଏ' ବସୁନ୍ଧରା -- ମନୁଷ୍ୟର ପ୍ରଥମ ଗୁରୁ ।

ମାଟିରୁ ମଣିଷର ଉତ୍ପତ୍ତି ଓ ମାଟିକୁ ମଣିଷର ଶେଷ ଗତି । ସମସ୍ତ ବୃକ୍ଷ, ପଶୁପକ୍ଷୀ, ସରୀସୃପଙ୍କର ସୃଷ୍ଟି ମାଟିରୁ । ପର୍ବତ, ନଦୀ, ସମୁଦ୍ରର ଭାର ମାଟି ଉପରେ । ଖରସ୍ରୋତା ଭୟଙ୍କରୀ ଗୋଦାବରୀ ଠାରୁ ଆରମ୍ଭ କରି ସରଳ ସୁନୀଳ ମାନସରୋବର ମାଟିରେ ହିଁ ଶାୟିତ । ମାଟିରୁ ମଣିଷର ଖାଦ୍ୟ । ଆଉ କେବେ ମାଟି ହିଁ ଜନ୍ତୁର ଖାଦ୍ୟ ।

ଭୂମି ନିର୍ବାକ୍ ଓ ଅସୀମ ସହନଶୀଳା । ମନୁଷ୍ୟର ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟାକୁ ଧାରଣ କରି ଭୂମି ଗମ୍ଭୀର । ଭୂମିର ଛଳନା ନାହିଁ । ମଣିଷ ଉପରେ ଭୂମିର କ୍ରୋଧ ନାହିଁ । ସବୁ ଜୀବନକୁ ବାସଦେଇ ଭୂମିର ଗର୍ବ ନାହିଁ । ବୁଦ୍ଧିନିପୁଣ କୃଷକ ଓ କର୍ମକୁଶଳୀ ଶ୍ରମିକ ସହ ଭୂମିର ତୀବ୍ର ସହଯୋଗ । ବିସ୍ତୀର୍ଣ୍ଣ ପ୍ରାନ୍ତରକୁ ଅନ୍ନଶାଳୀ କ୍ଷେତ୍ର ବା ଫଳପୁଷ୍ପଶୋଭିତ କାନନରେ ରୂପାନ୍ତର କରିବା ଭୂମିର ସ୍ୱାଭାବିକ ରୀତି । ସାମାନ୍ୟ ଶ୍ରଦ୍ଧା ହିଁ ଭୂମିର ଆଶୀର୍ଭିକ୍ଷା ।

ଆମର ବାସଭୂମିପ୍ରତି ଆମର ଆସକ୍ତି ଥାଏ । ବାସଭୂମିର ପାଣିପବନ, ଗଛଲତା, ଆକାଶପରିବେଶ ଆମମାନଙ୍କୁ ଶାନ୍ତି ଦେଇଥାଏ । ପିଲାଦିନର ବାଟଚଲା ରାସ୍ତା ବଡବୟସରେ ଅନେକ ମଧୁର ସ୍ମୃତି ଉପୁଜାଇଥାଏ । ପିଲାବେଳେ ମାଟିଖେଳ ଯେମିତି ଆପାଣାର ନିଜସ୍ୱ ବୋଲି ମନେହୁଏ, ବଡବେଳେ ମାଟିର ଆୟତନ ଆମର ନିଜର ଅଧିକାର ବୋଲି ଆମେ ଭାବି ନେଇଥାଉ । ମାଟିର ଇହକାଳରେ ଆମର ଜୀବନକାଳ ମୁହୂର୍ତ୍ତମାତ୍ର ବୋଲି ଆମର ହୃଦ୍‌ବୋଧ ହୁଏନାହିଁ -- ଭୂମିର ପ୍ରଶସ୍ତି, ଗାମ୍ଭୀର୍ଯ୍ୟ, ଦାୟିତ୍ୱବୋଧ ମନୁଷ୍ୟଜ୍ଞାନର ସୀମାତୀତ ।

ପୃଥିବୀର ରଙ୍ଗ ମାଟିରୁ । ପୃଥିବୀର ବେଭାର ମାଟିରୁ । ମାଟି ପରେ ମାଟି ମିଶି ଭୂମି । ଭୂମି ଉପରେ ପବନ । ତା' ଉପରେ ଆଲୋକ । ଏମାନଙ୍କର ସଂଯୋଗରେ ଅଗ୍ନି । ଅଗ୍ନିରୁ ଜଳ । ଜଳରୁ ଜୀବନ । ଜୀବନରୁ ରଙ୍ଗ । ରଙ୍ଗର ବିନାଶ ଅଗ୍ନିରେ । ଭୂମିରୁ ପୁଣି ନୂତନ ରଙ୍ଗର ସୃଷ୍ଟି । ଏହା ସୃଷ୍ଟିର ବିବର୍ତ୍ତନ ।

--- x x x ---

# ମାଣ ମୋ ପୁରିଲା ସେର ମୋ ପୁରିଲା

ମନୋରଞ୍ଜନ ଶତପଥୀ, ରେଡିଙ୍ଗ, ଇଂଲଣ୍ଡ

*ଇଂଲଣ୍ଡ ନିବାସୀ ମନୋରଞ୍ଜନ ଶତପଥୀ ଅନେକ କବିତା ଲେଖି ବିଶ୍ୱବ୍ୟାପୀ ଓଡିଆ କବି-ପ୍ରେମୀମାନଙ୍କୁ ମନୋରଞ୍ଜିତ କରିଛନ୍ତି । ପୂରୁଣା ଦୂରଦୃଷ୍ଟି ପାଠକ ମାନଙ୍କୁ ମନୋରଞ୍ଜନ ବାବୁ ଖୁବ୍ ପରିଚିତ ତାଙ୍କ କବିତା ମାଧ୍ୟମରେ । ତାଙ୍କ କବିତା ଗୁଡିକ ସାଧାରଣତଃ ମିତାକ୍ଷର ପ୍ରଣାଳୀରେ ଲିଖିତ ଓ ବର୍ଣ୍ଣନା ଗୁଡିକ ବହୁତ ଅନୁରାଗ ଓ ବାତ୍ସଲ୍ୟ ପୂର୍ଣ୍ଣ ।*

ମାଣ ମୋ ପୁରିଲା  ସେର ମୋ ପୁରିଲା
ଉଠରେ ଉଠରେ ପୁଅ।
କେଉଁ ଅଭିମାନେ ଶୋଇ ପଡିଲୁରେ
ଖୋଲିଦେ ଆଖିର ପତା ॥

ନୀତି ନିୟମର  ମାନଦଣ୍ଡରେ
ଲୋଭ ବଟକରା ଥୋଇ
କିପରି ମାପିଲି ସିନିହ ମମତା
ଜନନୀର ନାମ ନେଇ ॥

ଜନମ ସଭିଁଏ ଦିଅନ୍ତି  ହେଲେହେଁ ସଭିଁଏ ନୁହନ୍ତି ମାତା
କେଉଁ ଅଭିମାନେ ଶୋଇ ପଡିଲୁରେ ..... ॥

ସରଳ ଶିଶୁ  ସରଳ ମନତୋ
ହାତରେ ପାଦରେ ଲହୁ
ଶୋକ କରିବାର ଅଧିକାର ମୋର
ରହିଛି କି ଧନ ଆଉ ॥

ଯାଆରେ ଯାତ୍ରୀ  ତୋ ପଥ ଅଲଗା,  ନଛୁଇଁବ ତୋତେ ଚିତା
କେଉଁ ଅଭିମାନେ ଶୋଇ ପଡିଲୁରେ ..... ॥



ପର ଉପକାର ଯଶ ଥୋଇଲେ
ଦେଖ ମହାଦେବ ବିଷ ଖାଇଲେ ।
----- ଉପେନ୍ଦ୍ର ଭଞ୍ଜ

--- x x x ---

# Homage to the Father of Odissi


Devaraj Patnaik, Toronto, Canada

*ଦେବରାଜ ପଟନାୟକ ହେଲେ ନୂତନ ପିଢୀର ନର୍ତ୍ତକ ଯେ କି କେଳୁ ବାବୁ କିମ୍ବା ତାଙ୍କ ସମକାଳୀନ ଗୁରୁମାନଙ୍କ ପ୍ରତ୍ୟକ୍ଷ ଛାତ୍ର ନୁହନ୍ତି । ସେ ଦୃଷ୍ଟିରୁ ଦେଖିବାକୁ ଗଲେ ତାଙ୍କ ମନ୍ତବ୍ୟ ଏକ ନବୀନ ଦୃଷ୍ଟିକୋଣ ବିତରଣ କରେ । ଏହି ବିବୃତିଟି ଗୁରୁଙ୍କ ସହ ଦେବରାଜଙ୍କର ପ୍ରଥମ ସାକ୍ଷାତର ଅନୁଭୂତିର ରୂପାୟନ । ମଣିଷ ନ ଦେଖିଲେ କିପରି ଜ୍ଞାନୀ ଗୁରୁ ତେଜ ସମ୍ମାନ, ଶ୍ରଦ୍ଧା, ଓ ଆଦର ଉତ୍ପନ୍ନ କରନ୍ତି ତାହା ଏଇ ଲେଖାଟିରେ ସୁସ୍ପଷ୍ଟ । ଗୁରୁ ଦେବରାଜ ବର୍ତ୍ତମାନ ଟରୋଣ୍ଟୋରେ ଏକ ସୁପ୍ରତିଷ୍ଠିତ ନର୍ତ୍ତକ, ପରିଚାଳକ, ସଂଯୋଜକ, ଓ ନିର୍ଦ୍ଦେଶକ । ଏଇ ସମୟରେ ଗୁରୁ ଦେବରାଜ ଟରୋଣ୍ଟୋରେ, ମହାଭାରତ ଉପରେ ଆଧାରିତ ଏକ ବୃହତ୍ ଧାରାବାହିକ ନୃତ୍ୟ-ନାଟିକା ପ୍ରସ୍ତୁତିରେ ବ୍ୟସ୍ତ ।*

It was at the very first Odissi Festival 2000 in Washington DC where Padmabibhusana Guru Kelucharana Mohapatra saw a duet performance by my sister Ellora Patnaik and myself called Ardhanarishwara (based on the comparison of Shiva to Parbati). In the audience many many respected teachers and performers of Odissi were watching and, of course, Sir himself. When the item concluded, the applause from the audience was like a roaring rainstorm. Both my sister and I were overwhelmed and saw Guru Kelucharana Mohapatra applauding along with the rest of the audience.

The energy inside the both of us caused us to synchronize a genuflection (i.e. a bow in unison) toward him as we went down on our knees and placed our heads on the satge floor before him. It was after this performance that he approached my sister and myself and put his arms around her and I, while others such as Dr. Dhirendranath Patnaik, Raghunath Panigrahi, Priyambada Hejmadi, Sonal Mansingh, Dr Minati Mishra, Guru Gangadhar Pradhan, Madhavi Mudgal, Aruna Mohanty, and Sunil Kothari watched on.

He said in Oriya that this is indeed 'Real Odissi' that we had performed that day and that it must be handed over exactly like this to the generations to come. My sister and I were in tears and shaking hearing his voice with his face only inches away from ours.



*ଗୁରୁ ଦେବରାଜଙ୍କ କେଳୁବାବୁଙ୍କ ସହିତ*
*ପ୍ରତ୍ୟକ୍ଷ ସାକ୍ଷାତର ଏକ ମୁହୂର୍ତ୍ତ*

Our mother Chitralekha Patnaik is a direct disciple of his and it was in 1988 that mysister grews very close with him and learned directly under his supervision at the Odissi research center, but he had never seen my dance till that day. He then sais to my sister that the body of her brother had been jinxed with all the eyes watching it move. So he grabbed me and took me to the Lord Jagannath deity in the corner of the stage and grabbed the flowers from around it. He chanted mantra very rapidly and began rubbing the flowers on me and down my shirt, scraping my body. I was in tears once again, but not from the pain: from the



ଶସ୍ତା ରେଡିଓଟି ଖଟ୍‌ଖଟ୍ କରି ସଙ୍ଗୀତର ଟୁକୁରା ପରିବେଷଣ କରେ; ମଝିରେ ମଝିରେ ମୃତ୍ୟୁଶଯ୍ୟାର
କଫରୋଗୀ ଭଳି ଘଡର୍ ଘଡର୍ ଆବାଜ କରେ ।



----- ମନୋଜ ଦାସ, କଥା ଓ କାହାଣୀ
ପୃଷ୍ଠା ୧, ପ୍ରତ୍ୟାଗତର କାହାଣୀ

anxiety of devotion. I prostrated to him and to Jagannath when he was finished. All that I could think was how blessed I was to have that moment with the father of Odissi dance.

Pranam, Sir,
You were the true father of Odissi.

I will remember your last words to me for as long as I live and I swear to pass down the many generations to come that which you called 'Real Odissi'.

Devaraj Patnaik (Raja)

--- x x x ---

CHITRALEKHA ODISSI DANCE CREATIONS
presents
DRONA
From India's Greatest Epic:
MAHABHARATA
MVQKC2
Chapter II of the Mahabharata Vira Quadrilogy from the Kurukshetra Chronicles



Photo provided by The Bhaktivedanta Book Trust International, Inc. Copyright ©1995-2003

Artistic Concept, Music Composition
and
Dance Choreography
by
Guru Sri Devraj Patnaik

*** WORLD PREMIERE ***
Odissi Works and Oriya Danca Drama "DRONA"

TICKETS:

VIP.....$50
Premium.....$30
General.....$20

For tickets and information:
CALL (905) 335-4636
or
email: drona@seeodissi.com

Thursday, September 30 - 8 pm, reception 10:30 pm
Friday, October 1 - 8 pm
Saturday, October 2 - matinee 2 pm, evening 8 pm

Leah Posluns Theatre
Bathurst Jewish Community Centre
4588 Bathurst St. Toronto, ON, M2R 1W6
(between Sheppard and Finch)



